# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ଅକ୍ଟୋବର ୧୩/୨୦୧୮ (୧୬+୪ ପୃଷ୍ଠା) ପିଲାଙ୍କ ଧରିତ୍ରୀ ସହ | Rayagada, Saturday, October 13 / 2018 | ★

୮ମ ଭାଗ ୨୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-







" ବିଦେଶୀଙ୍କୁ ଭାରତ କେବେ ଖରାପ ବ୍ୟବହାର ଦେଖାଇନାହିଁ। ତେଣୁ ରୋହିଙ୍ଗ୍ୟା ବା ଅନ୍ୟ ବେଆଇନ ଶରଣାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ମାନବାଧିକାର ଦୃଷ୍ଟିକୋଣରୁ ଦେଖାଯିବା ଅନୁଚିତ।

-ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ



## ସଂକ୍ଷେପରେ

### ଭୂସ୍ଖଳନରେ ୩୪ ମୃତ

କାମ୍ପାଲା,୧୨।୧୦(ପି.ଟି.): ପୂର୍ବ ଉଗାଣ୍ଡାର ବୁଦୁଦା ଜିଲା ଅନ୍ତର୍ଗତ ବୁକାଲାସି ସହରରେ ଗୁରୁବାର ଭୂସ୍ଖଳନ ଘଟିବା ଯୋଗୁ ୩୪ ଜଣ ପ୍ରାଣ ହରାଇଥିବାବେଳେ ଅନେକେ ନିଖୋଜ ହୋଇଯାଇଛନ୍ତି। ଏକ ନଦୀର ଅତଡ଼ା ଭୁଶୁଡ଼ିଯିବା ଯୋଗୁ ବନ୍ୟା ଜଳ ଜନବସତି ଆଡ଼କୁ ମାଡ଼ି ଯାଇଥିଲା। ଉକ୍ତ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଜୋରସୋରରେ ଚାଲିଥିବା ଉଗାଣ୍ଡା ରେଡ୍ କ୍ରସ୍ ମୁଖପାତ୍ର ଇରେନ୍ ନାକାସିତା ସୂଚନା ଦେଇଛନ୍ତି।

### ନଭେମ୍ବର ୧୭ରୁ ଜମ୍ମୁ-କଶ୍ମୀର ପଞ୍ଚାୟତ ନିର୍ବାଚନ

ଜମ୍ମୁ,୧୨।୧୦(ପି.ଟି.): ଜମ୍ମୁ-କଶ୍ମୀରରେ ପୌର ନିର୍ବାଚନ ଲାଗି ରହିଥିବାବେଳେ ପଞ୍ଚାୟତ ନିର୍ବାଚନ ପାଇଁ ମଧ ଶୁକ୍ରବାର ବିଗୁଲ ବାଜିଛି। ନଭେମ୍ବର ୧୭ରୁ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ବିଭାଗ ଘୋଷଣା କରିଛି। ଦୀର୍ଘ ୧୦ ବର୍ଷ ପରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ୧୦ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ ହୋଇ ଡିସେମ୍ବର ୧୭ରେ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ। ଏଥିରେ ୩୧୬ ବ୍ଲକ୍‌ର ୫୭.୧୨ ଲକ୍ଷ ଭୋଟର ୩୫,୦୯୬ ପଞ୍ଚାୟତ ସଦସ୍ୟଙ୍କୁ ବାଛିବେ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଅକ୍ଟୋବର ୨୩ରେ ଏବଂ ଶେଷ ପର୍ଯ୍ୟାୟ ଭୋଟଗ୍ରହଣ (ଡିସେମ୍ବର ୧୧) ପାଇଁ ନଭେମ୍ବର ୧୪ରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

### ଭର୍ଜିନିଆରେ 'ମାଇକେଲ୍' ତାଣ୍ଡବ

ୱାଶିଂଟନ୍,୧୨।୧୦(ପି.ଟି.): ଆମେରିକୀୟ ଷ୍ଟେଟ୍ ଭର୍ଜିନିଆରେ ଶୁକ୍ରବାର ଭୟଙ୍କର ତାଣ୍ଡବ ରଚିଛି ସାମୁଦ୍ରିକ ଝଡ଼ ମାଇକେଲ୍। ଏହାଯୋଗୁ ୧୧ ଜଣ ପ୍ରାଣ ହରାଇଥିବାବେଳେ ବ୍ୟାପକ ଧନସମ୍ପତ୍ତି ନଷ୍ଟ ହୋଇଛି। ରାଜ୍ୟରେ ଶୁକ୍ରବାର ୫ ଜଣଙ୍କ ମୃତ୍ୟୁ ରିପୋର୍ଟ ସାମ୍ନାକୁ ଆସିଛି। ସାଢ଼େ ୫ ଲକ୍ଷ ଲୋକ ଅନ୍ଧାରରେ ରହିଛନ୍ତି। ରାସ୍ତାଘାଟ ବନ୍ଦ ହେବା ସାଙ୍ଗକୁ ଲୋକେ ଘରେ ବନ୍ଦୀ ହୋଇ ରହିଥିବା ଷ୍ଟେଟ୍‌ର ଏମର୍ଜେନ୍ସି ଡିପାର୍ଟମେଣ୍ଟ ପକ୍ଷରୁ ସୂଚନା ଦିଆଯାଇଛି।

[ଇତିହାସର ଆଇନାରେ]

### ଅକ୍ଟୋବର ୧୩ର ପ୍ରମୁଖ ଘଟଣା

୧୯୨୩ ଅକ୍ଟୋବର ୧୩ରେ ତୁର୍କୀର ରାଜଧାନୀ ଆଙ୍କାରା ଘୋଷିତ କରାଯାଇଥିଲା। ପୂର୍ବେ ଏହାର ରାଜଧାନୀ ଇସ୍ତାନବୁଲ ଥିଲା। ଇସ୍ତାନବୁଲ ପରେ ଆଙ୍କାରା ଦେଶର ଦ୍ୱିତୀୟ ବୃହତ୍ତମ ସହର। ପୂର୍ବରୁ ଏହା ଅଙ୍ଗୋରା ନାମରେ ଜଣାଥିଲା। ଦେଶର ମୁଖ୍ୟ ବାଣିଜ୍ୟ ଏବଂ ଔଦ୍ୟୋଗିକ କେନ୍ଦ୍ର ସହ ବିଭିନ୍ନ ଦେଶର ଦୂତାବାସ ଏଠାରେ ରହିଛି। ବିଶ୍ୱର ବିଭିନ୍ନ ଦେଶକୁ ଏଠାରୁ ଶୀତପୋଷାକ ଯାଇଥାଏ। ନାସ୍‌ପାତି , ମହୁ ଏବଂ ଅଙ୍ଗୁର ରପ୍ତାନୀ ପାଇଁ ଆଙ୍କାରାର ସ୍ୱତନ୍ତ୍ର ପରିଚୟ ରହିଛି।

୨୦୧୩ ଅକ୍ଟୋବର ୧୩ରେ ମଧ୍ୟପ୍ରଦେଶର ଦାତିଆ ଜିଲା ସ୍ଥିତ ରତନଗଡ ଦେବୀ ମନ୍ଦିର ନିକଟରେ ନବରାତ୍ରିରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଦଳାଚକଟା ହୋଇଥିଲା। ଏଥିରେ ୧୧୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୧୦ ରୁ ଅଧିକ ଆହତ ହୋଇଥିଲେ। ୫ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ମନ୍ଦିରରେ ଉପସ୍ଥିତ ଥିଲେ। ଏହା ନିକଟରେ ଥିବା ଏକ ବ୍ରିଜ ଉପର ଦେଇ ଲୋକେ ଯାଉଥିବା ବେଳେ ଶୁଣିବାକୁ ମିଳିଥିଲା ପୋଲ ଭୁଶୁଡ଼ି ପଡିଲା।

# #ମିଟୂ: ବିଚାର କରିବ ଲିଗାଲ୍ କମିଟି

■ ୪ ଅବସରପ୍ରାପ୍ତ ବିଚାରପତିଙ୍କୁ ଶୁଣାଣି ଦାୟିତ୍ୱ

■ ସତକୁ ଚିତ୍କାର କରି କହିବାର ବେଳ ଆସିଛି: ରାହୁଲ

ନୂଆଦିଲ୍ଲୀ,୧୨।୧୦(ପି.ଟି.)

ମନୋରଞ୍ଜନ ଏବଂ ଗଣମାଧ୍ୟମ ଜଗତରେ ଚାଞ୍ଚଲ୍ୟ ସୃଷ୍ଟି କରିଛି '#ମିଟୂ' ଅଭିଯାନ। ଏହି ଦୁନିଆ ସହ ଜଡ଼ିତ ଅନେକ ଚର୍ଚ୍ଚିତ ବ୍ୟକ୍ତିତ୍ୱଙ୍କ ବିରୋଧରେ ମହିଳାମାନେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ ଦେଶରେ ନାରୀ ସୁରକ୍ଷାକୁ ନେଇ ଆରମ୍ଭ ହୋଇଛି ବିତର୍କ। '#ମିଟୂ' ଅଭିଯାନ ଜରିଆରେ ବ୍ୟଭିଚାର ଅଭିଯୋଗ ଆଣୁଥିବା ପୀଡ଼ିତାଙ୍କ ପାଇଁ ଅଣ୍ଟା ଭିଡ଼ିଛନ୍ତି କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ। ସମସ୍ତ ଅଭିଯୋଗକାରିଣୀଙ୍କୁ ସମର୍ଥନ ଜଣାଇ ମାନେକା କହିଛନ୍ତି, ଯୌନ ନିର୍ଯାତନା ମାମଲାଗୁଡ଼ିକର ତଦନ୍ତ ଲାଗି ତାଙ୍କ ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର ଏକ ଆଇନଗତ(ଲିଗାଲ୍) କମିଟି ଗଠନ କରିବ। ସେଥିରେ ୪ ଅବସରପ୍ରାପ୍ତ ବିଚାରପତି ସଦସ୍ୟ ରହିବେ।

କର୍ମକ୍ଷେତ୍ରରେ ମହିଳାଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଦେବା ଲାଗି ଆଇନଗତ ବ୍ୟବସ୍ଥା ରହିଛି। ସେସବୁ କାର୍ଯ୍ୟକାରୀ ହେଉ ନ ଥିବାରୁ ଦେଶରେ ଅନେକ ମହିଳା ଯୌନ ଶୋଷଣର ଶିକାର ହେଉଛନ୍ତି। ଏନେଇ ଶୋକବ୍ୟକ୍ତ କରି କେନ୍ଦ୍ରମନ୍ତ୍ରୀ ମାନେକା କହିଛନ୍ତି ଯେ,''ପୀଡ଼ିତାଙ୍କ କଥାକୁ ମୁଁ ସମ୍ପୂର୍ଣ୍ଣ ବିଶ୍ୱାସ କରୁଛି। ସେମାନଙ୍କ ଯନ୍ତ୍ରଣା ଓ ଆଘାତକୁ ମର୍ମେ ମର୍ମେ ଅନୁଭବ କରିପାରୁଛି। ତେଣୁ #ମିଟୂ ଅଭିଯାନ ଜରିଆରେ ଆସୁଥିବା ଅଭିଯୋଗଗୁଡ଼ିକର ତଦନ୍ତ ଲାଗି ଏକ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଛି।'' ଉକ୍ତ କମିଟି ଆଇନଗତ ଓ ଆନୁଷ୍ଠାନିକ ଢାଞ୍ଚା ଉପରେ ତର୍ଜମା କରି ସେଗୁଡ଼ିକୁ ସୁଦୃଢ଼ କରିବାକୁ ମନ୍ତ୍ରଣାଳୟକୁ ପରାମର୍ଶ ଦେବ। ଦେଶରେ '#ମିଟୂ' ଝଡ଼ ସୃଷ୍ଟି



ହେବା ପରଠାରୁ ଦୁଇ ସପ୍ତାହ ମଧ୍ୟରେ ଅନେକ କର୍ମଜୀବୀ ମହିଳା ନିଜ ସହ ଘଟିଥିବା ଯୌନ ନିର୍ଯାତନା ସମ୍ପର୍କରେ ମୁହଁ ଖୋଲିଛନ୍ତି। ସେମାନଙ୍କୁ ବିଭିନ୍ନ ମହଲରୁ ମଧ୍ୟ ସମର୍ଥନ ମିଳୁଛି।

ଅଭିନେତ୍ରୀ ତନୁଶ୍ରୀ ଦତ୍ତ ବିଶିଷ୍ଟ ଅଭିନେତା ନାନା ପାଟେକରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିବା ପରେ '#ମିଟୂ' ନିଆଁ ଲାଗିଛି। ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତଥା ପୂର୍ବତନ ସମ୍ପାଦକ (ଖବରକାଗଜ) ଏମ୍.ଜେ. ଆକବରଙ୍କ ବିରୋଧରେ ୭ ଜଣ ସାମ୍ବାଦିକା ଯୌନ ଶୋଷଣ ଓ ଅସଦାଚରଣ ଅଭିଯୋଗ କରିଛନ୍ତି। ଏହାକୁ ନେଇ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିଛି। ପରିବର୍ତ୍ତନ ଆଣିବା ସକାଶେ ସତକୁ ଚିତ୍କାର କରି ପ୍ରକାଶ କରିବାର ସମୟ ଉପନୀତ ହୋଇଛି। ଖାଲି ସେତିକି ନୁହେଁ, ମହିଳାଙ୍କୁ ସମ୍ମାନ ଦେବା ଉଚିତ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। '#ମିଟୂ' ଅଭିଯାନ ଏକ ବଡ଼ ପ୍ରସଙ୍ଗ। ଖୁବ୍‌ଶୀଘ୍ର ଏ ପ୍ରସଙ୍ଗରେ ସେ ଖବରଦାତା ସମ୍ମିଳନୀରେ ନିଜ ମତ ଉପସ୍ଥାପନ କରିବେ ବୋଲି କଂଗ୍ରେସ ମୁଖ୍ୟ କହିଛନ୍ତି। ରାହୁଲ ସିଧାସଳଖ ଆକବରଙ୍କୁ ଟାର୍ଗେଟ କରିନାହାନ୍ତି।

**ପ୍ରଧାନମନ୍ତ୍ରୀ ମୁହଁ ଖୋଲନ୍ତୁ: ସ୍ୱାମୀ**

'#ମିଟୂ' ଅଭିଯାନ ଯୋଗୁ କେନ୍ଦ୍ର ସରକାର ଅଡୁଆରେ ପଡ଼ିଥିବାବେଳେ ଭାଜପା ନେତା ସୁବ୍ରମଣ୍ୟମ୍ ସ୍ୱାମୀ ମନ୍ତବ୍ୟ ପ୍ରକାଶ କରି ସମସ୍ୟାକୁ ବଢ଼ାଇଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଆକବରଙ୍କ ନାଁରେ ହୋଇଥିବା ସଙ୍ଗିନ ଅଭିଯୋଗ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁହଁ ଖୋଲିବା ଉଚିତ ବୋଲି ସେ କହିଛନ୍ତି।

## ପାଲାନିସ୍ୱାମୀଙ୍କ ବିରୋଧରେ ହେବ ସିବିଆଇ ତଦନ୍ତ

ଚେନ୍ନାଇ,୧୨।୧୦(ପି.ଟି.)

ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀଙ୍କ ବିରୋଧରେ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ ଆଣି ଡିଏମ୍‌କେ ପକ୍ଷରୁ ହୋଇଥିବା ଏକ ଆବେଦନର ଶୁଣାଣି କରି ହାଇକୋର୍ଟ ଏହି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏକ ରାସ୍ତା ନିର୍ମାଣ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ଠିକାରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଥିଲା। ମାମଲାର ତଦନ୍ତକରି ଡିରେକ୍ଟୋରେଟ୍ ଅଫ୍ ଭିଜିଲାନ୍ସ ଆଣ୍ଡ ଆଣ୍ଟି କରପ୍ସନ୍ (ଡିଭିଏସି) ହାଇକୋର୍ଟରେ ରିପୋର୍ଟ ଦାଖଲ କରିଥିଲା। ଉକ୍ତ ରିପୋର୍ଟ ଅନୁଧ୍ୟାନ କରିବା ପରେ ଜଷ୍ଟିସ ଏ.ଡି. ଜଗଦୀଶ ଚାନ୍ଦିରାଙ୍କ ପୀଠ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ବେଳେ ପୀଠ କହିଛନ୍ତି, ମାମଲାରେ ଡିଭିଏସ୍ ରିପୋର୍ଟ ଏବଂ ଏହା ଦ୍ୱାରା ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସନ୍ତୋଷଜନକ ନୁହେଁ। ଏଣୁ ଏହାର ତଦନ୍ତ ଭାର ସିବିଆଇକୁ ଦିଆଯିବା ଉଚିତ। ମାମଲା ସମ୍ପର୍କିତ ସମସ୍ତ ନଥିପତ୍ର ଡିଭିଏସି ସପ୍ତାହେ ମଧ୍ୟରେ ସିବିଆଇକୁ



ହସ୍ତାନ୍ତର କରୁ। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ୩ ମାସ ମଧ୍ୟରେ ଦୁର୍ନୀତିର ପ୍ରାଥମିକ ତଦନ୍ତ ଶେଷ କରିବାକୁ ହେବ ବୋଲି ପୀଠ କହିଛନ୍ତି।

ପାଲାନିସ୍ୱାମୀ ୩୫୦୦ କୋଟି ଟଙ୍କାର ଏକ ରାସ୍ତା ନିର୍ମାଣ ପ୍ରକଳ୍ପ ବେନାମୀ ଏବଂ ନିଜ ସମ୍ପର୍କୀୟଙ୍କୁ ଦେଇଥିବା ଡିଏମ୍‌କେ ପକ୍ଷରୁ ଅଭିଯୋଗ ହୋଇଥିଲା। ଏଥିରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ଅଭିଯୋଗ ଆଣି ଦଳର ସାଙ୍ଗଠନିକ ସଚିବ ଆର୍.ଏସ୍. ଭାରତୀ ମାମଲା ଦାଏର କରିଥିଲେ। ଡିଭିଏସି ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥିବାରୁ ଏହା ଜରିଆରେ ଉଚିତ ତଦନ୍ତ ସମ୍ଭବପର ନୁହେଁ ବୋଲି ଦର୍ଶାଇ ଭାରତୀ ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିକୁ ହସ୍ତାନ୍ତର କରିବା ଲାଗି ଏକ ଅତିରିକ୍ତ ଆବେଦନ କରିଥିଲେ। ଏହାର ଶୁଣାଣି କରି ହାଇକୋର୍ଟ ଉପରୋକ୍ତ ରାୟ ଦେଇଛନ୍ତି।

## ଫେରିଲେ ନାହିଁ ଆକବର

ନୂଆଦିଲ୍ଲୀ,୧୨।୧୦:ସାମ୍ବାଦିକାଙ୍କୁ ଯୌନ ନିର୍ଯାତନା ଦେବା ନେଇ ଅଭିଯୋଗ ଆସିବା ପରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କ ମୁଣ୍ଡରେ ଝୁଲୁଛି ଖଣ୍ଡା। ବିରୋଧୀ ଦଳ ତାଙ୍କ ବହିଷ୍କାର



କରିବା ଲାଗି ଅଡ଼ିବସିଥିବାବେଳେ ସରକାର ତାଙ୍କୁ ଗାଦି ଛାଡ଼ିବାକୁ କହିବେ ବୋଲି ସୂଚନା ମିଳିଛି। ଏପଟେ ବିବାଦ ତେଜିଥିବାବେଳେ ସେପଟେ ଆଫ୍ରିକା ଗସ୍ତରେ ଅଛନ୍ତି ଆକବର। ଶୁକ୍ରବାର ସୁଦ୍ଧା ସେ ଭାରତ ଫେରି ଇସ୍ତଫା ଦେବେ ବୋଲି ଚର୍ଚ୍ଚା ଜୋର ଧରିଥିଲା। କିନ୍ତୁ ସେ ଫେରିଲେ ନାହିଁ। ନାଇଜେରିଆ ପରେ ଏବେ ଇକ୍ୱେଟୋରିଆଲ ଗିନି ଅଭିମୁଖେ ଯାତ୍ରା କରିବେ ବୋଲି ସୂଚନା ମିଳିଛି। ତେବେ ଆକବରଙ୍କ ଇସ୍ତଫା ପ୍ରସଙ୍ଗରେ ଭାଜପା ମୌନବ୍ରତ ଅବଲମ୍ବନ କରିଛି। ସେପଟେ କେନ୍ଦ୍ରମନ୍ତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ ସମ୍ପର୍କରେ ସ୍ପଷ୍ଟ ଜବାବ ଦେବାକୁ କହିଛି କଂଗ୍ରେସ। ଆକବର ମୁହଁ ଖୋଲନ୍ତୁ, ନଚେତ୍ ପଦରୁ ଓହରିଯାଆନ୍ତୁ ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ ସିଂ ସୁର୍ଜେୱାଲା କହିଛନ୍ତି।

## ସାଜିଦ, ସୁଭାଷ ଘାଇଙ୍କ ନାଁରେ ଅଭିଯୋଗ

ମୁମ୍ବାଇ,୧୨।୧୦(ପି.ଟି.):ଦେଶରେ '#ମିଟୂ' ଅଭିଯାନ ଜୋର୍‌ଦାର ଚାଲିଥିଲାବେଳେ ସିନେମା ଜଗତର ଅନେକ ନାମୀଦାମୀ ବ୍ୟକ୍ତିବିଶେଷଙ୍କ କେଳେଙ୍କାରୀର କାର୍‌ନାମା ପଦାରେ ପଡୁଛି। ଏହି ତାଲିକାରେ ଶୁକ୍ରବାର ଆଉ କେତୋଟି ନୂଆ ନାମ ଯୋଡ଼ିହୋଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ସାଜିଦ ଖାନ, ସୁଭାଷ ଘାଇ ଏବଂ ଲଭ ରଞ୍ଜନ। ସେହିପରି ଅଭିନେତା ଅକ୍ଷୟ କୁମାର, ଫରହାନ୍ ଅଖତର ଏବଂ ଅଜୟ ଦେବଗନ ପ୍ରମୁଖ '#ମିଟୂ' ଅଭିଯାନକୁ ସମର୍ଥନ ଜଣାଇଛନ୍ତି।



ସାଜିଦ ଖାନ୍‌ଙ୍କ ବିରୋଧରେ ୩ ଅଭିନେତ୍ରୀ ଏବଂ ଜଣେ ସାମ୍ବାଦିକା ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି। ଏହା ପ୍ରଘଟ ହେବା ପରେ ତାଙ୍କ ଭଉଣୀ ଫରାହ ଖାନ୍ ମଧ୍ୟ ନିଜ ଭାଇଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ସାଜିଦଙ୍କ ଭୁଲ୍‌କୁ ଘଣ୍ଟ ଘୋଡ଼ାଇବେ ନାହିଁ। ତାଙ୍କ ଦ୍ୱାରା ନିର୍ଯାତିତା ମହିଳାଙ୍କ ସମର୍ଥନରେ ବାହାରିବେ ବୋଲି ଫରାହ କହିଛନ୍ତି। '#ମିଟୂ' ଝଡ଼ର ଶିକାର ହେବା ପରେ 'ହାଉସ୍‌ଫୁଲ୍-୪'ର ନିର୍ଦ୍ଦେଶନା ଦାୟିତ୍ୱରୁ ଓହରିଯାଇଛନ୍ତି ସାଜିଦ୍। ସେହିପରି ନିର୍ଦ୍ଦେଶକ ସୁଭାଷ ଘାଇ ଏବଂ 'ପ୍ୟାର୍ କା ପଞ୍ଚନାମା' ନିର୍ଦ୍ଦେଶକ ରଞ୍ଜନଙ୍କ ବିରୋଧରେ ମଧ୍ୟ ବଳାତ୍କାର ଓ ଅସଦାଚରଣ ଅଭିଯୋଗ ଆସିଛି।

## ଶିବପାଲଙ୍କୁ ମାୟାବତୀଙ୍କ ବଙ୍ଗଳା

ଲକ୍ଷ୍ନୌ,୧୨।୧୦(ପି.ଟି.)

ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ପୁରୁଣା ସରକାରୀ ବାସଭବନ ପାଇଲେ ସମାଜବାଦୀ ସେକ୍ୟୁଲାର୍ ମୋର୍ଚ୍ଚାର ପ୍ରତିଷ୍ଠାତା ଶିବପାଲ ଯାଦବ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସରକାର ଏହି ବଙ୍ଗଳା ଶିବପାଲଙ୍କୁ ଶୁକ୍ରବାର ମଞ୍ଜୁର କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀମାନେ ସରକାରୀ ବଙ୍ଗଳା ଛାଡ଼ିବା ନେଇ ସୁପ୍ରିମକୋର୍ଟ ରାୟ ଦେବା ପରେ ମାୟାବତୀ ଉକ୍ତ ବଙ୍ଗଳା ଖାଲି କରିଥିଲେ। ତେବେ ଜୀବନ ପ୍ରତି ବିପଦ ଥିବା ଗୋଇନ୍ଦା ରିପୋର୍ଟ ଆସିବା ପରେ ରାଜ୍ୟ ସରକାର ତାଙ୍କୁ ଏହି ବଙ୍ଗଳା ଯୋଗାଇଥିବା ଶିବପାଲ କହିଛନ୍ତି। ସେ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ବିଧାନସଭାର ପୁରୁଣା ସଦସ୍ୟ ଭାବେ ତାଙ୍କୁ ସରକାରୀ ଘର



ମଞ୍ଜୁର ହୋଇଥିବା ଶିବପାଲ କହିଛନ୍ତି। ବଙ୍ଗଳା ବଣ୍ଟନ ବେଳେ ରାଜ୍ୟ ସରକାର ପ୍ରିୟାପ୍ରିତି ତୋଷଣ ନୀତି ଆପଣାଇଛନ୍ତି ଏବଂ ଭାଜପା ପାଇଁ କାର୍ଯ୍ୟ କରୁଥିବା ଶିବପାଲଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପ୍ରଦାନ କରାଯାଇଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ଅନ୍ୟପକ୍ଷରେ ଶିବପାଲ ଏହାକୁ ଖଣ୍ଡନ କରିଛନ୍ତି।

## କାନ୍ଥକୁ ଧକ୍କାଦେଲା ଏୟାର ଇଣ୍ଡିଆ ବିମାନ




ତିରୁଚିରାପଲ୍ଲୀ,୧୨।୧୦(ପି.ଟି)

ତାମିଲନାଡୁର ତ୍ରିଚିରୁ ଦୁବାଇ ଅଭିମୁଖେ ଉଡାଣ ଆରମ୍ଭ କରିଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଆଇଏକ୍ସ-୬୧୧ ଗୁରୁବାର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ବିମାନଟି ରାତି ସାଢେ ୧ଟା ବେଳେ ଟେକ୍ ଅଫ୍ କରିବା ସମୟରେ ରନୱେ ନିକଟରେ ଥିବା ଏକ ପାଚେରିକୁ ଧକ୍କା ଦେଇଥିଲା। ଏ ସମ୍ପର୍କରେ ଏଟିସି କର୍ମଚାରୀ ବିମାନର ପାଇଲଟଙ୍କୁ ସୂଚନା ଦେଇଥିଲେ। ଧକ୍କା ଯୋଗୁ ବିମାନର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ୬ ବିମାନ କର୍ମଚାରୀ ଓ ୧୩୦ଜଣ ଯାତ୍ରୀ କିନ୍ତୁ ନିଶ୍ଚିତ ମୃତ୍ୟୁ ମୁଖରୁ ବଞ୍ଚିଯାଇଛନ୍ତି। ବିମାନଟିର ଦିଗ ପରିବର୍ତ୍ତନ କରାଯାଇ ମୁମ୍ବାଇରେ ଭୋର ୫ଟା ୩୦ ମିନିଟ୍‌ରେ ଜରୁରୀ ଅବତରଣ କରାଯାଇଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ଏବଂ ଏୟାର ଇଣ୍ଡିଆ ଏୟାରଲାଇନ୍ସ ପକ୍ଷରୁ ଏହାର ତଦନ୍ତ ଆରମ୍ଭ କରାଯାଇଛି। ବିମାନର ଦୁଇ ପାଇଲଟ୍‌ଙ୍କୁ ଯାଞ୍ଚ ଶେଷ ନହେବା ପର୍ଯ୍ୟନ୍ତ ନିଲମ୍ବନ କରାଯାଇଛି।

## ଆଇଏଏସ୍ ଏକାଡେମୀ ପ୍ରତିଷ୍ଠାତାଙ୍କ ଆତ୍ମହତ୍ୟା

ଚେନ୍ନାଇ,୧୨।୧୦

ତାମିଲନାଡୁର ଚେନ୍ନାଇଠାରେ ଥିବା ବହୁଚର୍ଚ୍ଚିତ ସିଭିଲ୍ ସର୍ଭିସ୍ କୋଚିଂ ସେଣ୍ଟର୍ 'ଶଙ୍କର ଆଇଏଏସ୍ ଏକାଡେମୀ'ର ପ୍ରତିଷ୍ଠାତା ଶଙ୍କର ଦେବରାଜନ୍ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଚେନ୍ନାଇର ମେଲାପୋରଠାରେ ଥିବା ନିଜ ବାସଭବନରେ ଶଙ୍କରଙ୍କ ମୃତଦେହ ଶୁକ୍ରବାର ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ବ୍ୟକ୍ତିଗତ କାରଣରୁ ସେ ଏଭଳି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି। ଫ୍ୟାନ୍‌ରୁ ମୃତଦେହ ଉଦ୍ଧାର କରାଯିବା ପରେ ତୁରନ୍ତ ତାଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ୪୫ ବର୍ଷୀୟ ପ୍ରାଧ୍ୟାପକ ଆଇଏଏସ୍ ଏକାଡେମୀ ଜରିଆରେ ୨୦୦୪ରୁ ଏପର୍ଯ୍ୟନ୍ତ ପ୍ରାୟ ୯୦୦ ଆଇଏଏସ୍ ଅଧିକାରୀ ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଏହି ଧରଣର ପ୍ରଥମ କୋଚିଂ ସେଣ୍ଟର ହେଉଛି ଶଙ୍କର ଆଇଏଏସ୍ ଏକାଡେମୀ।

## ନ୍ୟୁୟର୍କକୁ ଉଡ଼ିଲା ଦୀର୍ଘତମ ବିମାନ




ସିଙ୍ଗାପୁର, ୧୨।୧୦(ପି.ଟି)

ବିଶ୍ୱର ସବୁଠୁ ଦୀର୍ଘତମ ବାଣିଜ୍ୟିକ ବିମାନ ଗୁରୁବାର ସିଙ୍ଗାପୁରଠାରୁ ନ୍ୟୁୟର୍କ ଅଭିମୁଖେ ଯାତ୍ରା କରିଛି। ଏଥିରେ ଆରୋହଣ କରିଥିବା ଯାତ୍ରୀମାନେ ଖୁବ୍ ଉତ୍ସାହିତ ଅଛନ୍ତି, କାରଣ ସେମାନେ ଦୀର୍ଘ ୧୯ଘଣ୍ଟା ମାରାଥନ୍ ଯାତ୍ରା କରି ନ୍ୟୁୟର୍କଠାରେ ପହଞ୍ଚିବେ। ସିଙ୍ଗାପୁର ଏୟାରଲାଇନ୍ସର ଜଣେ ମୁଖପାତ୍ରଙ୍କ କହିବାନୁଯାୟୀ, 'ଫ୍ଲାଇଟ୍ ଏସ୍‌କ୍ୟୁ୨୨' ସ୍ଥାନୀୟ ସମୟ ୧୧:୩୫ ପିଏମ୍(୧୫:୩୫ ଜିଏମ୍‌ଟି)ରେ ୧୫୦ ଜଣ ଯାତ୍ରୀ ଏବଂ ୧୭ ବିମାନ କର୍ମଚାରୀଙ୍କୁ ଧରି ନ୍ୟୁୟର୍କ ଅଭିମୁଖେ ଯାତ୍ରା କରିଥିଲା। ଦୁଇଜଣିଆ ପାଇଲଟ୍ ବିଶିଷ୍ଟ ଏହି ବିମାନରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ରହିଛି। ୧୬, ୭୦୦ କିଲୋମିଟର (୧୦,୪୦୦ ମାଇଲ୍) ବ୍ୟାପୀ ଯାତ୍ରାକାଳରେ ଯାତ୍ରୀମାନେ ଫିଲ୍ମ ଏବଂ ଟେଲିଭିଜନ୍ ମାଧ୍ୟମରେ ଆମୋଦ ପ୍ରମୋଦ କରିବାର ସୁଯୋଗ ପାଇବେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ ସହ ପ୍ରବଳ ବର୍ଷା ମଧ୍ୟ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ତାପମାତ୍ରା ଓ ସର୍ବାଧିକ ବର୍ଷା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୧ | ୨୨.୧ |
| ଚାନ୍ଦବାଲି | ୨୬.୧ | ୨୪.୬ |
| କଟକ | ୨୭.୨ | ୨୧.୦ |
| ପାରାଦ୍ୱୀପ | ୨୮.୫ | ୨୫.୦ |
| ଭୁବନେଶ୍ୱର | ୨୮.୨ | ୨୩.୦ |
| ଗୋପାଳପୁର | ୩୧.୭ | ୨୫.୯ |
| ପୁରୀ | ୩୦.୦ | ୨୪.୦ |
| ଅନୁଗୋଳ | ୨୫.୭ | ୧୯.୦ |
| ବାରିପଦା | ୨୩.୬ | ୨୨.୫ |
| ଝାରସୁଗୁଡ଼ା | ୨୮.୮ | ୨୩.୫ |
| କେନ୍ଦୁଝର | ୨୧.୩ | ୨୦.୪ |
| ସମ୍ବଲପୁର | ୨୭.୮ | ୨୨.୦ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୨୯.୫ | ୨୪.୧ |
| ତାଳଚେର | --- | ୨୩.୫ |
| ଭବାନୀପାଟଣା | --- | ୨୧.୦ |
| ବଲାଙ୍ଗୀର | ୨୫.୦ | ୨୧.୨ |
| କୋରାପୁଟ | ୨୩.୦ | ୧୮.୨ |
| ଫୁଲବାଣୀ | ୨୨.୪ | ୧୮.୦ |
| ଟିଟିଲାଗଡ଼ | ୨୫.୫ | ୧୯.୦ |
| ମାଲକାନଗିରି | ୨୧.୫ | --- |
| ସୋନପୁର | ୨୫.୦ | ୧୯.୫ |
| ଦାରିଙ୍ଗିବାଡ଼ି | ୨୧.୫ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଚିନ୍ତା ବଢ଼ାଉଛି ବେକାରି ସମସ୍ୟା

ନୂଆଦିଲ୍ଲୀ,୧୨।୧୦(ପି.ଟି.)

ବେକାର ସମସ୍ୟା, ଆର୍ଥିକ ଓ ରାଜନୈତିକ ଭ୍ରଷ୍ଟାଚାର, ହିଂସା ଓ ଅପରାଧ ଭାରତୀୟମାନଙ୍କ ସର୍ବାଧିକ ଚିନ୍ତାର କାରଣ। ୨୮ ଦେଶକୁ ନେଇ ସଦ୍ୟ ଅନୁଷ୍ଠିତ ଏକ ସର୍ଭେରୁ ଏହା ଜଣାପଡ଼ିଛି। ମାର୍କେଟ ଗବେଷଣା କମ୍ପାନୀ ଇପ୍‌ସୋସ୍ ପକ୍ଷରୁ ଶୁକ୍ରବାର 'ହ୍ୱାଟ୍ ଓରିଜ୍ ଦି ୱାର୍ଲ୍ଡ' ଶୀର୍ଷକ ସର୍ବେକ୍ଷଣ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ବେକାର ସମସ୍ୟା ଓ ଦୁର୍ନୀତିକୁ ସବୁଠୁ ବଡ଼ ଚିନ୍ତାର କାରଣ ବୋଲି ୪୪% ଭାରତୀୟ ମତ ଦେଇଛନ୍ତି। ୩୩% ଲୋକ ଅପରାଧ ଓ ହିଂସାକୁ, ୩୧% ଦାରିଦ୍ର୍ୟ ଓ ସାମାଜିକ ଅସମାନତାକୁ ଏକ ବଡ଼ ପ୍ରସଙ୍ଗ ଭାବେ ଅଭିହିତ କରିଛନ୍ତି। ସେହିପରି ଆତଙ୍କବାଦକୁ ନେଇ ୨୧% ଭାରତୀୟ ଚିନ୍ତିତ ଥିବା ଏଥିରେ ଦର୍ଶାଯାଇଛି।

ଭାରତୀୟଙ୍କ ଚିନ୍ତା ବଢ଼ାଉଥିବା ଅନ୍ୟ ପ୍ରସଙ୍ଗଗୁଡ଼ିକ ହେଲା, ଶିକ୍ଷା(୧୯%), ପରିବେଶ ପ୍ରତି ବିପଦ(୧୬%), ଟ୍ୟାକ୍ସ (୧୫%), ଜଳବାୟୁ ପରିବର୍ତ୍ତନ(୧୪%), ସ୍ୱାସ୍ଥ୍ୟସେବା(୧୩%), ମୁଦ୍ରାସ୍ଫିତି(୧୧%) ଓ ନୈତିକ ମୂଲ୍ୟବୋଧର ଅବକ୍ଷୟ(୧୦%)। ଅନ୍ୟପକ୍ଷରେ ଭାରତ ଠିକ୍



ରାସ୍ତାରେ ଯାଉଛି ବୋଲି ୬୭% ଦେଶବାସୀ ଭାବୁଛନ୍ତି। ୨୮ଟି ମାର୍କେଟ ଉପରେ ସର୍ବେକ୍ଷଣ କରାଯାଇ ଦେଖାଯାଇଛି ଯେ, ଭାରତ ବିଶ୍ୱର ଧାରାକୁ ଭୁଲ ପ୍ରମାଣିତ କରିଛି। ଅନୂନ୍ୟ ୬୦% ଲୋକ ସେମାନଙ୍କ ଦେଶ ଭୁଲ ରାସ୍ତାରେ ଯାଉଥିବା ମନେକରନ୍ତି। ସର୍ଭେ ଅନୁସାରେ ଶୀର୍ଷ ୪ଟି ମାର୍କେଟ ନିଜ ଦେଶ (ଚାଇନା ୯୨%), ସୌଦି ଆରବ(୭୮%), ଭାରତ(୬୭%) ଓ ମାଲେସିଆ(୬୫%) ଉଚିତ ରାସ୍ତାରେ ଯାଉଥିବା ନେଇ ଆଶାବାଦୀ। ଅନ୍ୟପକ୍ଷରେ ବ୍ରାଜିଲ, ସ୍ପେନ୍, ଦକ୍ଷିଣ ଆଫ୍ରିକା, ଫ୍ରାନ୍ସ ଓ ପେରୁ ଭଳି ଦେଶଗୁଡ଼ିକ ଠିକ୍ ରାସ୍ତାରେ ଯାଉନାହିଁ ବୋଲି ସେଠାକାର ଲୋକେ ମନେକରନ୍ତି। ଏଥିରେ ଆହୁରି କୁହାଯାଇଛି ଯେ, ବିଶ୍ୱସ୍ତରରେ ନାଗିରକମାନେ ଭ୍ରଷ୍ଟାଚାର(୩୪%), ବେକାର ସମସ୍ୟା (୩୩%), ଦାରିଦ୍ର୍ୟ/ସାମାଜିକ ଅସମାନତା(୩୩%), ଅପରାଧ ଓ ହିଂସା(୩୧%) ଏବଂ ସ୍ୱାସ୍ଥ୍ୟସେବା(୨୪%)କୁ ନେଇ ଚିନ୍ତିତ। କିନ୍ତୁ ଆତଙ୍କବାଦ ଚିନ୍ତାର ବୃଦ୍ଧିର ପ୍ରମୁଖ ୫ କାରଣ ମଧ୍ୟରେ ବିଶ୍ୱସ୍ତରୀୟ ତାଲିକାରେ ସ୍ଥାନ ପାଇନାହିଁ। 'ହ୍ୱାଟ୍ ଓରିଜ୍ ଦି ୱାର୍ଲ୍ଡ' ସର୍ଭେ ହେଉଛି ଏକ ମାସିକ ଅନ୍‌ଲାଇନ୍ ସର୍ବେକ୍ଷଣ। ଏଥିରେ ୨୮ ଦେଶର ୬୫ ବର୍ଷରୁ କମ୍ ବୟସର ଲୋକଙ୍କୁ ନେଇ ଇପ୍‌ସୋସ୍ ଅନ୍‌ଲାଇନ୍ ପ୍ୟାନେଲ ବ୍ୟବସ୍ଥାରେ ପ୍ରଶ୍ନ କରାଯାଇଥାଏ। ସେହି ଦେଶଗୁଡ଼ିକ ହେଲା ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲ୍‌ଜିୟମ୍, ବ୍ରାଜିଲ, କାନାଡା, ଚିଲି, ଚାଇନା, ଫ୍ରାନ୍ସ, ଗ୍ରେଟ୍ ବ୍ରିଟେନ, ଜର୍ମାନୀ, ହଙ୍ଗେରୀ, ଭାରତ, ଇସ୍ରାଏଲ୍, ଇଟାଲୀ, ଜାପାନ, ମାଲେସିଆ, ମେକ୍ସିକୋ, ପେରୁ, ପୋଲାଣ୍ଡ, ରୁଷିଆ, ସୌଦି ଆରବ, ସର୍ବିଆ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ, ସ୍ପେନ, ସ୍ୱିଡେନ, ତୁର୍କି ଓ ଆମେରିକା।

ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ଅକ୍ଟୋବର ୧୩/୨୦୧୮ Rayagada, Saturday, October 13/ 2018

DADLS-140

ଓଡ଼ିଶା ସରକାର

e Bitaran Odisha

# ୧୦ ଦିନରେ




# ଲକ୍ଷ

# ହିତାଧିକାରୀଙ୍କୁ ମିଳିଲା
# ଓଡ଼ିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ
# ନୂଆ ରାସନ କାର୍ଡ

"ଜଣେ ବି ଗରିବ ଲୋକଙ୍କୁ
ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବାକୁ
ମୁଁ ଦେବି ନାହିଁ !"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

15001/13/0308/1819

@Naveen_Odisha CMO.Odisha @CMO_Odisha

# ଧରିତ୍ରୀ DHARITRI

ରାୟଗଡ଼ା, ଶନିବାର, ଅକ୍ଟୋବର ୧୩/୨୦୧୮ | Rayagada, Saturday, October 13 / 2018 | ପୃଷ୍ଠା-୧




**ଏସିଆନ ପାରା ଗେମ୍ସ: ଡବଲ୍ସରେ ପ୍ରମୋଦଙ୍କୁ ବ୍ରୋଞ୍ଜ**
ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ଏସଏଲ୩ ପୁରୁଷ ଡବଲ୍ସ ବ୍ୟାଡ଼ମିଣ୍ଟନ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ।

୧୦

୦୪

**ଅଭିନୟ ବନ୍ଦ କରିନାହିଁ: ନେହା ଧୁପିଆ**
କିଛିଦିନ ମଧ୍ୟରେ ମା' ହେବାକୁ ଯାଉଥିବା ନେହା କହନ୍ତି, ସେ ଏଥିପାଇଁ ଅଭିନୟ ବନ୍ଦ କରୁନାହାନ୍ତି।




ପୁରୀ ହିଂସା: ପୁଣି ୬ ଗିରଫ ପୃଷ୍ଠା ୩

ଓଏଏସ୍ ସ୍ତରରେ ଅଦଳବଦଳ ପୃଷ୍ଠା ୪


# ଉଜାଡ଼ିଦେଲା 'ତିତ୍‌ଲି' ବର୍ଷା



- ଦକ୍ଷିଣ ଓଡ଼ିଶା ସ୍ଥିତି ସଙ୍ଗିନ
- କାନ୍ଥ ପଡ଼ି ୫ ମୃତ
- ଗଞ୍ଜାମ, ଗଜପତି, ରାୟଗଡ଼ା ଜିଲା ଜଳାର୍ଣ୍ଣବ
- ବଂଶଧାରା, ଋଷିକୁଲ୍ୟା, ଜଳକାରେ ବନ୍ୟା ପରିସ୍ଥିତି
- ୭ ଦିନରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ନୌସେନାର ସହାୟତା ଲୋଡ଼ିଲେ ରାଜ୍ୟ ସରକାର
- କେନ୍ଦ୍ରରୁ ମଗାଗଲା ୨ ହେଲିକପ୍ଟର
- ୧୨ ଘଣ୍ଟାରେ ୬ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ)**

ସାମୁଦ୍ରିକ ଝଡ଼ 'ତିତ୍‌ଲି' ଉପକୂଳ ଅତିକ୍ରମ କରି ଯାଇଥିଲେ ମଧ୍ୟ ଏହାର ପ୍ରଭାବରେ ଦକ୍ଷିଣ ଓଡିଶା ଛାରଖାର ହୋଇଯାଇଛି। ଝଡ଼ ଏବଂ ଏହାର ପରବର୍ତ୍ତୀ ବର୍ଷା ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାକୁ ଉଜାଡି ଦେଇଛି । ପୁରୀ, କନ୍ଧମାଳ ଓ କେନ୍ଦ୍ରାପଡା ଜିଲା ମଧ୍ୟ ଏଥିରେ ପ୍ରଭାବିତ ହୋଇଛି। ଘରଦ୍ୱାର, ରାସ୍ତାଘାଟ, ବିଲବାଡି ଚାରିଆଡ ଜଳାର୍ଣ୍ଣବ। ଅନେକ ସ୍ଥାନରେ ଘରଦ୍ୱାର ଭାଙ୍ଗି ଯାଇଥିବାବେଳେ ବିଦ୍ୟୁତ୍ ଓ ଟେଲି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ବିଭିନ୍ନ ଅଞ୍ଚଳରେ ଲୋକମାନେ ପାଣି ଘେରରେ ରହିଛନ୍ତି। ବର୍ଷା ପାଣିରେ ବଂଶଧାରା ଓ ଋଷିକୁଲ୍ୟା ନଦୀ ଫୁଲି ବିପଦ ସଙ୍କେତ ଉପରକୁ ଚାଲିଯାଇଛି। ଗତ ଦୁଇଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷା ଯୋଗୁ ଉପକୂଳ ଓଡିଶା ମଧ୍ୟ ବର୍ତ୍ତି ନାହିଁ। ଦିନ ସାରା ଲଗାଣ ବର୍ଷା ଯୋଗୁ ଜନଜୀବନ ☞ପୃଷ୍ଠା–୪

## ଗଜପତି ଜିଲାବାସୀଙ୍କ ପାଇଁ ତିତ୍‌ଲି ଆଣିଲା ଦୁର୍ଦ୍ଦଶା

**ପାରଳାଖେମୁଣ୍ଡି/ଗୁମ୍ମା/ରାୟଗଡ଼/ କାଶୀନଗର, ୧୨।୧୦(ସ୍ୱ.ପ୍ର./ଡି.ଏନ.ଏ)**

ସାମୁଦ୍ରିକ ଝଡ଼ 'ତିତ୍‌ଲି' ଗଜପତି ଜିଲାରେ ତାଣ୍ଡବ ରଚି ଚାଲିଯାଇଛି, ମାତ୍ର ଲୋକଙ୍କୁ ଦେଇଯାଇଛି ଦୁଃଖ ଓ ଦୁର୍ଦ୍ଦଶା। ବିଭିନ୍ନ ଅଞ୍ଚଳରେ ଶହ ଶହ କଚ୍ଚା, ଆଜବେଷ୍ଟସ୍ ଘର ଭାଙ୍ଗି ପଡ଼ିଥିବା ସହ ଛପର ଉଡ଼ିଯାଇଥିବାରୁ ଲୋକେ ବାସହରା ହୋଇପଡ଼ିଛନ୍ତି। ସେହିପରି ପ୍ରବଳ ବର୍ଷା ଯୋଗୁ ବଂଶଧାରା ଓ ମହେନ୍ଦ୍ରତନୟା ନଦୀରେ ବନ୍ୟା ଆସିଥିବା ବେଳେ ଅନେକ ଗ୍ରାମ ଜଳମଗ୍ନ ହୋଇପଡ଼ିଛି। ପାଣି ଘେରରେ ଥିବା ଗ୍ରାମବାସୀ ଖାଦ୍ୟ, ପାଣିଠୁ ଆରମ୍ଭ କରି ନାନା ପ୍ରକାର ଦୁର୍ଦ୍ଦଶା ଭୋଗୁଛନ୍ତି। ସାରା ଜିଲାରେ ବିଦ୍ୟୁତ ସରବରାହ ବନ୍ଦ ରହିଥିବାରୁ ପାଇପ୍ ☞ପୃଷ୍ଠା–୪

## ବିଚାରପତିଙ୍କୁ ଛୁଟି ମନା

**କଟକଣା ଜାରିକଲେ ସିଜେଆଇ**

**ନୂଆଦିଲ୍ଲୀ,୧୨।୧୦**


ସିଜେଆଇ ରଞ୍ଜନ ଗୋଗୋଇ

- ତଳକୋର୍ଟରୁ ସୁପ୍ରିମକୋର୍ଟ ଯାଏ କୌଣସି ବିଚାରପତି କାର୍ଯ୍ୟ ଦିବସରେ ଛୁଟି ନେଇପାରିବେ ନାହିଁ
- ଜରୁରୀ ଥିଲେ ଛୁଟି ମିଳିବ
- ଆଲୋଚନାଚକ୍ରରେ ଯୋଗଦେବା ଉପରେ ବି କଟକଣା
- ଅବଜ୍ଞା କଲେ ହାତରୁ ନ୍ୟାୟିକ ଦାୟିତ୍ୱ କାଢ଼ିନିଆଯିବ
- ଗଡୁଥିବା ମାମଲାଗୁଡ଼ିକର ତ୍ୱରିତ ବିଚାର ପାଇଁ କଡ଼ା ପଦକ୍ଷେପ

ଅତି ଜରୁରୀ ନ ହେଲେ ବିଚାରପତିମାନେ କାର୍ଯ୍ୟଦିବସରେ ଛୁଟି ନେଇପାରିବେ ନାହିଁ। କୋର୍ଟଗୁଡ଼ିକରେ ବର୍ଷ ବର୍ଷ ଧରି ବହୁସଂଖ୍ୟକ ମାମଲା ଗଡୁଥିବାରୁ ଉଚିତ ସମୟରେ ସେଗୁଡ଼ିକର ବିଚାର ପାଇଁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ଶୁକ୍ରବାର ବିଚାରପତିମାନଙ୍କ ଛୁଟି ଉପରେ କଟକଣା ଜାରି କରିଛନ୍ତି। ଜଷ୍ଟିସ୍ ଗୋଗୋଇ ଅକ୍ଟୋବର ୩ରେ ୪୬ତମ ସିଜେଆଇ ଭାବେ ଶପଥ ନେଇଥିଲେ। ଏହାର ଦୁଇଦିନ ପରେ ସେ ହାଇକୋର୍ଟଗୁଡ଼ିକର ମୁଖ୍ୟ ବିଚାରପତି ଓ ଅନ୍ୟୂନ ୨ ବରିଷ୍ଠ ବିଚାରପତିଙ୍କ ସହ ଭିଡିଓ କନ୍‌ଫରେନ୍ସି ଜରିଆରେ ଆଲୋଚନା କରିଥିଲେ। ସମୟବଦ୍ଧ ଭାବେ ମାମଲାଗୁଡ଼ିକର ଶୁଣାଣି ଓ ନ୍ୟାୟପାଳିକାରେ ଦୁର୍ନୀତି ରୋକିବା ଉପରେ ସେ ସେମାନଙ୍କଠାରୁ ପରାମର୍ଶ ଲୋଡିଥିଲେ। ବିଚାରପତିମାନେ ମଧ୍ୟ ଅନୁରୂପ ଭାବେ ଏହାର ସମାଧାନ ପାଇଁ ତାଙ୍କୁ କେତେକ ପ୍ରସ୍ତାବ ଦେଇଥିଲେ। ☞ପୃଷ୍ଠା–୪


**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


**ଆଜିର ମନ୍ତବ୍ୟ**

"ନୈତିକତାର ବିପରୀତ ଦିଗରେ ଯାତ୍ରା କରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।
–ଶକ୍ତିସିନ୍ ଗୋହିଲ୍, କଂଗ୍ରେସ ମୁଖପାତ୍ର


12.10.2018

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 61 | 107 | 117 |
| DKL | 61 | 107 | 117 |
| BDK | 62 | 109 | 119 |
| BLS | 64 | 111 | 121 |
| ANG | 62 | 109 | 119 |

*Conditions Apply

Eggs Retail Price- 45/-Dozen
Issued in the Interest of Consumers


**ଆଜିର ସମ୍ପାଦକୀୟ**

**ସୁରକ୍ଷା ରଣନୀତି**

## ପୋଖରୀରେ ବୁଡି ୨ ଶିଶୁ ମୃତ

**ମାଥିଲି, ୧୨।୧୦ (ଡି.ଏନ.ଏ)**

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ନାୟକଗୁଡା ପଞ୍ଚାୟତ ଖଇରାପାଲି ଗ୍ରାମ ପୋଖରୀରେ ବୁଡି ଶୁକ୍ରବାର ୨ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି । ଗ୍ରାମର ଲକ୍ଷ୍ମଣ କପେଙ୍କ ୨ ବର୍ଷର ଝିଅ ଶ୍ରେୟା କପେ ଏବଂ ରାମ କପେଙ୍କ ୨ବର୍ଷର ଝିଅ ଗୌରୀ କପେ ମିଶି ସକାଳେ ଘର ନିକଟରେ ଖେଳୁଥିଲେ । ଏହି ସମୟରେ ଖେଳି ଖେଳି ସେମାନେ ନିକଟରେ ଥିବା ପୋଖରୀ ଆଡକୁ ଚାଲି ଯାଇଥିଲେ । ହଠାତ୍ ପୋଖରୀରେ ବୁଡି ଯାଇଥିଲେ। ପରିବାର ଉଭୟ ଶିଶୁଙ୍କୁ ଖୋଜାଖୋଜି କରି ପୋଖରୀରେ ଉଭୟଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ସେମାନେ ଉଭୟଙ୍କୁ ଉଦ୍ଧାର କରି ପାଙ୍ଗାମ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଶିଶୁଙ୍କ ମୃତଦେହ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।







ମୁଁ ଜଣେ ଭକ୍ତ ନୁହେଁ। ମୁଁ ମଧ୍ୟ ଜଣେ ଜ୍ଞାନୀ ନୁହଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହଁ। ମୁଁ ତା'ହେଲେ କ'ଣ ? ମୋର ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡିଯାଉଥିବା ପତ୍ରଟିଏ। -ଶ୍ରୀଅରବିନ୍ଦ



# ସୁରକ୍ଷା ରଣନୀତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଜାତୀୟ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଚେଷ୍ଟା କରିଛନ୍ତି। ଗତ କିଛିମାସ ଭିତରେ ସରକାର ପ୍ରତିରକ୍ଷା ଯୋଜନା କମିଟି (ଡିପିସି) ଗଠନ କରିଛନ୍ତି, ଜାତୀୟ ସୁରକ୍ଷା କାଉନ୍ସିଲ ସେକ୍ରେଟାରିଏଟ୍ ପାଇଁ ବଜେଟ୍ ବୃଦ୍ଧି କରିଛନ୍ତି ଏବଂ ଜାତୀୟ ସୁରକ୍ଷା ପରିଷଦକୁ ସହାୟତା କରିବା ପାଇଁ ଷ୍ଟ୍ରାଟେଜିକ୍ ପଲିସି ଗ୍ରୁପ୍ (ଏସ୍‌ପିଜି)ର ପୁନର୍ଗଠନ କରିଛନ୍ତି। ଏଥିସହ ସରକାର ଭାରତର ବର୍ତ୍ତମାନ ଓ ଭବିଷ୍ୟତ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ତିନିଜଣ ଉପ ଜାତୀୟ ସୁରକ୍ଷା ପରାମର୍ଶଦାତା, ଜଣେ ସାମରିକ ପରାମର୍ଶଦାତା ନିଯୁକ୍ତି ସହ ଚାଇନା ଉପରେ ଅନୁଧ୍ୟାନ ନିମନ୍ତେ ଏକ ଉତ୍ସର୍ଗୀକୃତ ଥିଙ୍କ୍ ଟ୍ୟାଙ୍କ୍ ଗଠନ କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ଗତବର୍ଷ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ନିର୍ଦ୍ଦେଶମତେ ଜାତୀୟ ସୁରକ୍ଷା ଢାଞ୍ଚାର ଯେଉଁ ସମୀକ୍ଷା କରାଯାଇଥିଲା, ଏହିସବୁ ପରିବର୍ତ୍ତନ ହେଉଛି ତାହାର ଫଳଶ୍ରୁତି। ଏହିସବୁ ପରିବର୍ତ୍ତନ ଉପରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏସବୁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ଉତ୍ଥାନକୁ ଇଙ୍ଗିତ କରୁଛି, ଯିଏ କି ସରକାର ଷ୍ଟ୍ରାଟେଜିକ୍ ପଲିସି ଗ୍ରୁପ୍‌ର ପୁନର୍ଗଠନ କରିବା ଓ ସେଥିରେ ଡୋଭାଲଙ୍କୁ ଅଧ୍ୟକ୍ଷ କରିବା ଲାଗି ନିଷ୍ପତ୍ତି ନେବା ପରେ ଅଧିକ ଶକ୍ତିଶାଳୀ ହୋଇଯାଇଛନ୍ତି। ପୂର୍ବରୁ କ୍ୟାବିନେଟ୍ ସଚିବ ଥିଲେ ଗ୍ରୁପ୍‌ର ଅଧ୍ୟକ୍ଷ। କିନ୍ତୁ ବର୍ତ୍ତମାନ କ୍ୟାବିନେଟ୍ ସଚିବ ପି.କେ. ସିହ୍ନାଙ୍କ ସ୍ଥାନରେ ଡୋଭାଲ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଏଣିକି ସିହ୍ନା ଏ ସମ୍ପର୍କିତ କୌଣସି ପ୍ରସଙ୍ଗରେ ଡୋଭାଲଙ୍କୁ ରିପୋର୍ଟ କରିବେ। ସମ୍ଭବତଃ ଦେଶରେ ଏହା ପ୍ରଥମ ଥର ପାଇଁ ଘଟୁଛି। ୧୯୯୮ରେ ଜାତୀୟ ସୁରକ୍ଷା ପରାମର୍ଶଦାତା ପଦବୀ ସୃଷ୍ଟି ହେବା ପରଠାରୁ ପ୍ରଥମ ଥର ପାଇଁ ବରିଷ୍ଠତମ ଅମଲାତନ୍ତ୍ରୀ ଓ ତିନି ବାହିନୀର ସେନା ମୁଖ୍ୟ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଫିସର (ଡୋଭାଲ)ଙ୍କୁ ରିପୋର୍ଟ କରିବାକୁ ଯାଉଛନ୍ତି। ପୂର୍ବରୁ ଜଣେ ମାତ୍ର ଉପ ଜାତୀୟ ସୁରକ୍ଷା ପରାମର୍ଶଦାତା ରହୁଥିବା ବେଳେ ବର୍ତ୍ତମାନ ସେମାନଙ୍କ ସଂଖ୍ୟା ତିନିକୁ ବୃଦ୍ଧି କରାଯିବା ଯୋଗୁ ଡୋଭାଲଙ୍କ ଭୂମିକା ଆହୁରି ଶକ୍ତିଶାଳୀ ହୋଇଯାଇଛି।

କେତେକେ ଯୁକ୍ତି କରିପାରନ୍ତି ଯେ, ଯେହେତୁ ଏନ୍‌ଏସ୍‌ଏ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ଅଧିକାରୀ, ତେଣୁ ତାଙ୍କର ସ୍ଥାନ କ୍ୟାବିନେଟ୍ ସଚିବଙ୍କ ଉପରେ। ତଥାପି ଜାତୀୟ ପ୍ରଶାସନିକ ସେବାର ମୁଖ୍ୟ ଏନ୍‌ଏସ୍‌ଏଙ୍କୁ ରିପୋର୍ଟ କରିବା କଥାଟାକୁ ଅନେକେ ଗ୍ରହଣ କରିପାରୁ ନାହାନ୍ତି। ଯଦି ଏନ୍‌ଏସ୍‌ଏ ମୋଦି ସରକାର ପାଇଁ ଏତେ ଅପରିହାର୍ଯ୍ୟ, ତା'ହେଲେ ତାଙ୍କୁ କେନ୍ଦ୍ର କ୍ୟାବିନେଟ୍‌ର ସଦସ୍ୟ କରିଦେଲେ ଭଲ ହୁଅନ୍ତା ବୋଲି ଅନେକେ ମତ ଦିଅନ୍ତି। ଆଉ କେତେକେ ଆଶଙ୍କା କରୁଛନ୍ତି ଯେ, ଷ୍ଟ୍ରାଟେଜିକ୍ ପଲିସି ଗ୍ରୁପ୍‌ର ହଠାତ୍ ନବୀକରଣ ଫଳରେ ଏନ୍‌ଏସ୍‌ଏ ଡୋଭାଲଙ୍କର ଯେଉଁ କ୍ଷମତା ବୃଦ୍ଧି ପାଇଛି, ତାହା ଉପର ସ୍ତରରେ ଅସନ୍ତୁଳନ ସୃଷ୍ଟି କରିପାରେ। ତେବେ ଏସବୁ ବିତର୍କର ବିଷୟ। କିନ୍ତୁ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପ୍ରତିରକ୍ଷା ଯୋଜନା କମିଟି କ'ଣ କିଛି ସଫଳତା ପ୍ରଦର୍ଶନ କରିପାରିବ ? ସେପରି କିଛି ଜଣାପଡୁନାହିଁ। କିନ୍ତୁ ଏହା ନିଶ୍ଚିତ ଯେ, ମୋଦି ସରକାର ଭାବିଛନ୍ତି ଦେଶର ସୁରକ୍ଷା ଢାଞ୍ଚାକୁ ସୁଦୃଢ଼ କରିବା ପାଇଁ ତାଙ୍କ ଇଚ୍ଛାକୁ ଡୋଭାଲ ହିଁ କେବଳ ସାକାର କରିପାରିବେ।

### ଡିଜିପି ନିଯୁକ୍ତି

ଥରକ ପାଇଁ ହେଉ ପଛେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏବଂ ତାଙ୍କର ହରିୟାଣା ପ୍ରତିପକ୍ଷ ମନୋହର ଲାଲ ଖଟ୍ଟାର ଏକା ପୃଷ୍ଠାରେ ସ୍ଥାନ ପାଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଏକ ଆଦେଶନାମାର ପୁନଃସମୀକ୍ଷା କରିବା ପାଇଁ ଉଭୟେ ଚାହୁଁଛନ୍ତି। ସୁପ୍ରିମ୍‌କୋର୍ଟ ରାୟ ଦେଇଥିଲେ ଯେ, ଦିଲ୍ଲୀ, ଅରୁଣାଚଳପ୍ରଦେଶ ଓ ପଣ୍ଡିଚେରୀ ବ୍ୟତୀତ ଅନ୍ୟ ରାଜ୍ୟଗୁଡ଼ିକର ପୋଲିସ ମହାନିର୍ଦ୍ଦେଶକ ନିଯୁକ୍ତିରେ ୟୁପିଏସ୍‌ସିର ସବୁଠାରୁ ଅଧିକ ଭୂମିକା ରହିବ। କିନ୍ତୁ ଦିଲ୍ଲୀ, ଅରୁଣାଚଳପ୍ରଦେଶ ଓ ପଣ୍ଡିଚେରୀରେ କେନ୍ଦ୍ର ସରକାର ହିଁ ପୋଲିସ ଡିଜି ନିଯୁକ୍ତ କରିବେ। ୟୁପିଏସ୍‌ସି ତିନିଜଣ ବରିଷ୍ଠ ଅଧିକାରୀଙ୍କର ଏକ ପ୍ୟାନେଲ ତିଆରି କରିବେ, ଯେଉଁଥିରୁ ସମ୍ପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣଙ୍କୁ ବାଛିବେ। ସୁପ୍ରିମ୍‌କୋର୍ଟଙ୍କ ଏହି ଆଦେଶନାମା କାର୍ଯ୍ୟକାରୀ ହେଲେ ସଂଘୀୟ ଢାଞ୍ଚା ବିପନ୍ନ ହେବ ବୋଲି ମୁଖ୍ୟମନ୍ତ୍ରୀଦ୍ୱୟ ଅନୁଭବ କରି ଏହାର ପୁନଃସମୀକ୍ଷା ପାଇଁ ଅନୁରୋଧ କରିଛନ୍ତି। ଯେହେତୁ ଆଇନଶୃଙ୍ଖଳା ରାଜ୍ୟର ବିଷୟ, ତେଣୁ ଆଇନଶୃଙ୍ଖଳା କଥା ବୁଝୁଥିବା ପୋଲିସ ମୁଖ୍ୟଙ୍କ ନିଯୁକ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ହେବା ଉଚିତ ବୋଲି ସେମାନେ ମତ ଦେଇଛନ୍ତି। ସିଂହଙ୍କ ଯୁକ୍ତି ହେଲା, ଗୋଟିଏ ରାଜ୍ୟ ପାଇଁ ଯେଉଁ ଆଇଏଏସ୍ ଓ ଆଇପିଏସ୍ ଅଫିସରମାନଙ୍କୁ ଦିଆଯାଇଥାଏ, ସେମାନେ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣରେ ହିଁ ନିଯୁକ୍ତି ପାଇଥାନ୍ତି। ଯେହେତୁ ରାଜ୍ୟ ସରକାର ଜନସାଧାରଣ ଓ ରାଜ୍ୟ ଆଇନ ସଭା ଆଗରେ ଉତ୍ତରଦାୟୀ, ତେଣୁ ଏପରି ଲୋକଙ୍କୁ ଡିଜିପି ଭାବେ ନିଯୁକ୍ତି ଦିଆଯିବା ଉଚିତ, ଯାହାଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କର ପୂର୍ଣ୍ଣ ଆସ୍ଥା ରହିପାରୁଥିବ। ଅବଶ୍ୟ ଏଭଳି ପରମ୍ପରା ଯୋଗୁ ଅତୀତରେ ନିଜର ପ୍ରିୟ ଲୋକମାନଙ୍କୁ ହିଁ ନିଯୁକ୍ତି ଦିଆଯାଇ ଆସୁଥିଲା ଏବଂ ବାରମ୍ବାର ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇ ଆସୁଥିଲା। ଏହା ଅନ୍ୟ ଆଶାୟୀ ପ୍ରାର୍ଥୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରୁଥିଲା। ପୋଲିସ ବିଭାଗର ସର୍ବୋଚ୍ଚ ପଦ ପାଇବାରୁ ଅନେକ ଯୋଗ୍ୟ ଅଫିସର ବଞ୍ଚିତ ହେଉଥିଲେ।

Email: dilipcherian@gmail.com

# ସର୍ବୋଚ୍ଚ ଅଦାଲତଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ



## ମନ-ମାନଚିତ୍ର

ଡ. ନରହରି ବେହେରା

ଆମ ଦେଶରେ ସର୍ବୋଚ୍ଚ ନ୍ୟାୟାଳୟର ସ୍ଥାନ କୌଣସି ପବିତ୍ର ଦେବାଳୟଠାରୁ କମ୍ ନୁହେଁ। ଯେକୌଣସି ବିବଦମାନ ବିଷୟରେ ନ୍ୟାୟାଳୟର ନିର୍ଣ୍ଣାୟକ ମନ୍ତବ୍ୟକୁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାନ୍ତି ଜନସାଧାରଣ। ଏବେ ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ କେତୋଟି ରାୟ ଶୁଣାଇଛନ୍ତି, ସେଗୁଡ଼ିକ ରାଜନୀତିକ, ସାମାଜିକ ଏବଂ ପାରମ୍ପରିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ରାୟ ଉପରେ ବିତର୍କ ହେବା ସ୍ୱାଭାବିକ।

ନିର୍ବାଚନ ହେଉଛି ଗଣତନ୍ତ୍ରର ମଙ୍ଗଳ ଆଳତି। ଏହାକୁ ସ୍ୱଚ୍ଛ, ନିରପେକ୍ଷ କରିବା ପାଇଁ ଏକ ନିଷ୍କଳଙ୍କ ଦରଦୀ ନେତା ସର୍ବାଦୌ ବାଞ୍ଛନୀୟ। ତେଣୁ ବିଭିନ୍ନ ଅପରାଧରେ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ନିର୍ବାଚନଠାରୁ ଦୂରେଇ ରଖିବାକୁ ପ୍ରତ୍ୟେକ ସଚେତନ ନାଗରିକ ଚାହିଁଥାନ୍ତି। ଏ ସମ୍ପର୍କରେ ମାନ୍ୟବର ସର୍ବୋଚ୍ଚ ଅଦାଲତ କହିଛନ୍ତି, ଦାଗୀ ନେତାମାନଙ୍କୁ ନିର୍ବାଚନ ଲଢ଼ିବାରୁ ରୋକାଯିବ କି ନାହିଁ, ତାହା ଚିନ୍ତା କରିବା ଅଦାଲତଙ୍କ କାମ ନୁହେଁ। ରାଜନୀତିରେ ଅପରାଧୀକରଣ ଓ ଦୁର୍ନୀତିର ବୃଦ୍ଧି ଗଣତନ୍ତ୍ର ପାଇଁ କ୍ଷତିକାରକ ହୋଇଥିବାରୁ ବ୍ୟବସ୍ଥାପିକା ଏ ସଂକ୍ରାନ୍ତରେ ଆଇନ କରିବା ଆବଶ୍ୟକ। କିନ୍ତୁ ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ତୁରନ୍ତ ଆଇନ ଆଣିବାକୁ ନିର୍ଦ୍ଦେଶ ଦେଇନାହାନ୍ତି। ସମ୍ଭବତଃ ଏହା ପୂର୍ବରୁ ସର୍ବୋଚ୍ଚ ଅଦାଲତ ଜାତିଆଣ ସମ୍ପର୍କରେ ଯେଉଁ ମତ ଦେଇଥିଲେ ସେଥିରେ କ୍ଷୁବ୍ଧ ହୋଇ ସରକାର ଅଦାଲତଙ୍କୁ କହିଥିଲେ, ଅଦାଲତ ତାଙ୍କ କ୍ଷମତାର ଲକ୍ଷ୍ମଣରେଖା ଅତିକ୍ରମ କରିବା ଅନୁଚିତ। ତେଣୁ ଅଦାଲତ ଏ ପରିପ୍ରେକ୍ଷୀରେ କୌଣସି ସିଧାସଳଖ ରାୟ ନ ଶୁଣାଇ ବ୍ୟବସ୍ଥାପିକାକୁ ତା'ର କର୍ତ୍ତବ୍ୟ ମନେପକାଇ ଦେଇ ନୀରବ ରହିଛନ୍ତି। ବାସ୍ତବରେ ଯେଉଁମାନଙ୍କ ନାଁରେ କୌଣସି ଆପରାଧିକ ମାମଲା ଅଛି, ମାତ୍ର ସେମାନଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିନାହାନ୍ତି ତାଙ୍କୁ ନିର୍ବାଚନ ଲଢ଼ିବାରୁ ବାରଣ କରିବା ଅସାମ୍ବିଧାନିକ ବ୍ୟାପାର ହେବ। କାରଣ କାହା ନାମରେ ଗୋଟିଏ ଅଭିଯୋଗ ଆସିଲେ ସେ ସ୍ୱତଃ ଅପରାଧୀ ହୋଇଯାଏ ନାହିଁ। ସେହି ଆଳରେ ଜଣେ ନେତାଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ। ଏ କ୍ଷେତ୍ରରେ ସବୁଠାରୁ ବଡ଼ ଅସୁବିଧା ହେଉଛି ବିଳମ୍ବିତ ନ୍ୟାୟ। ବିଳମ୍ବିତ ନ୍ୟାୟ ଯୋଗୁ ବହୁ ଗୁରୁତର ମାମଲାରେ ଜଡ଼ିତ ଥିବା ନେତାମାନେ ଅପରାଧୀ ଭାବରେ ଗଣା ହୋଇପାରନ୍ତି ନାହିଁ। ତେଣୁ ଦ୍ରୁତ ଫଇସଲା ହିଁ ଏହାର ସର୍ବଶ୍ରେଷ୍ଠ ନିରାକରଣ ହୋଇପାରିବ।

ଆଧାର ବୈଧତା ଉପରେ ସର୍ବୋଚ୍ଚ ଅଦାଲତଙ୍କ ରାୟ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଷୟ। ଏହାର ପ୍ରଚଳନକୁ ସଙ୍କୁଚିତ କରିଛନ୍ତି ମାନ୍ୟବର ଅଦାଲତ। ସମୟ ଥିଲା ଭାରତର ଲୋକମାନେ ଭୋଟର ପରିଚୟପତ୍ରଟିଏ ପାଇବା ପାଇଁ ଦୌଡୁଥିଲେ। ଏବେ ପ୍ରତ୍ୟେକ କାର୍ଯ୍ୟରେ ଆଧାରକୁ ଏକ ଭିତ୍ତି ଭାବରେ ଗ୍ରହଣ କରାଯାଉଥିବାରୁ ସମସ୍ତେ ଆଧାର କାର୍ଡ ଖଣ୍ଡିଏ ପାଇବା ପାଇଁ ଧାଡ଼ି ବାନ୍ଧୁଛନ୍ତି। କାରଣ ଏଥିରେ ବ୍ୟକ୍ତିଙ୍କର ଆଖି, ଟିପଚିହ୍ନ ପ୍ରଭୃତି ଥିବାରୁ ଏହାକୁ ନକଲ କରାଯାଇପାରିବ ନାହିଁ। ତେଣୁ ଏହା ସବୁଠାରୁ ସୁରକ୍ଷିତ। ସର୍ବୋଚ୍ଚ ଅଦାଲତ ଏହାକୁ ସାମ୍ବିଧାନିକ ଭାବେ ବୈଧ ଏବଂ ସୁରକ୍ଷିତ ବୋଲି ଘୋଷଣା କରିଥିଲେ ମଧ୍ୟ ଏହାର ଯଥେଚ୍ଛାଚାର ବ୍ୟବହାରକୁ ସଙ୍କୁଚିତ କରିଛନ୍ତି। ଟେଲିକମ୍ କମ୍ପାନୀ ସହିତ ଘରୋଇ କମ୍ପାନୀ, ବ୍ୟାଙ୍କ, ସ୍କୁଲ ଏବଂ ବିମାନଯାତ୍ରା କ୍ଷେତ୍ରରେ ଆଧାର ବାଧ୍ୟତାମୂଳକ ନୁହେଁ ବୋଲି ଅଦାଲତ ରାୟ ଦେଇଛନ୍ତି। ଆଧାର ସୁରକ୍ଷିତ ହେଲେ ମଧ୍ୟ ସବୁକ୍ଷେତ୍ରରେ ଏହାକୁ ବାଧ୍ୟତାମୂଳକ କରାଯିବାରୁ ଜନସାଧାରଣ ଅନେକ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଥିଲେ, ତେଣୁ ଅଦାଲତଙ୍କ ଏହି ରାୟ ସେମାନଙ୍କ ମନରେ ଖୁସି ଆଣିଛି। ମାତ୍ର ଏହି ପାଞ୍ଚଜଣିଆ ଖଣ୍ଡପୀଠଙ୍କ ମଧ୍ୟରୁ ଅନ୍ୟତମ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଆଧାର ସମ୍ପର୍କରେ ଭିନ୍ନମତ ଦେଇ କହିଛନ୍ତି, ଆଧାର ସଂକ୍ରାନ୍ତ ବିଲ୍ ରାଜ୍ୟ ସଭାରେ ଗୃହୀତ ହୋଇ ନ ଥିବାବେଳେ ସର୍ବୋଚ୍ଚ ଅଦାଲତ ଆଧାର ଆଇନକୁ କାର୍ଯ୍ୟକାରୀ କରାଇବା ବ୍ୟବସ୍ଥାପିକା ସଭା ପ୍ରତି ଉପେକ୍ଷା।

ସରକାରୀ ପଦୋନ୍ନତିରେ ସଂରକ୍ଷଣ ଉପରେ ଅଦାଲତଙ୍କ ରାୟ ମଧ୍ୟ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଫଇସଲା। ୨୦୦୬ ମସିହାରେ ସର୍ବୋଚ୍ଚ ଅଦାଲତର ପାଞ୍ଚଜଣିଆ ଖଣ୍ଡପୀଠ ବିଚାରବିମର୍ଶ କରିବା ପରେ ତତ୍କାଳୀନ ମୁଖ୍ୟ ବିଚାରପତି ଏଚ୍.ଏସ୍. କାପାଡ଼ିଆ ସଂରକ୍ଷଣ କ୍ଷେତ୍ରରେ କେତୋଟି ସର୍ତ୍ତ ରଖିଥିଲେ। ଏହି ସର୍ତ୍ତ ଅନୁଯାୟୀ ସଂରକ୍ଷିତ ବର୍ଗର କର୍ମଚାରୀଙ୍କ ଅବସ୍ଥାକୁ ବିଚାରକରି ପଦୋନ୍ନତି କ୍ଷେତ୍ରରେ ସଂରକ୍ଷଣ ଦିଆଯିବ କି ନାହିଁ ବିଚାର କରାଯିବ। ମାତ୍ର କୌଣସି ସରକାର ସେ ସମ୍ପର୍କରେ ତଥ୍ୟ ଦେଲେ ନାହିଁ। ତେଣୁ ଏହି ସର୍ତ୍ତକୁ ଚାଲେଞ୍ଜ କରି କେନ୍ଦ୍ର ସରକାର ଅପିଲ କରିଥିଲେ। ସର୍ବୋଚ୍ଚ ଅଦାଲତ ପୂର୍ବ ସର୍ତ୍ତଗୁଡ଼ିକ ସହିତ ଆଉ ଦୁଇଟି ସର୍ତ୍ତ ଯୋଡ଼ିଛନ୍ତି- ସଂରକ୍ଷିତ ବର୍ଗ କର୍ମଚାରୀଙ୍କର ଉପଯୁକ୍ତ ସଂଖ୍ୟା ପ୍ରତିନିଧିତ୍ୱ କରୁଛନ୍ତି କି ନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରି ଏବଂ ସଂରକ୍ଷଣଭିତ୍ତିକ ପଦୋନ୍ନତି ସମୟରେ ପ୍ରଶାସନିକ ବ୍ୟବସ୍ଥା କିପରି ପ୍ରଭାବିତ ନ ହେବ ସେଥିପ୍ରତି ଧ୍ୟାନ ଦେଇ ସଂରକ୍ଷଣ ଲାଗୁ କରିବାକୁ କହିଛନ୍ତି।

ପରକୀୟା ପ୍ରୀତିକୁ ଅପରାଧମୁକ୍ତ କରିବା ହେଉଛି ସବୁଠାରୁ ବିତର୍କିତ ରାୟ। ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୭ ଅନୁଯାୟୀ ଜଣେ ବିବାହିତ ମହିଳାଙ୍କ ସହିତ ତାଙ୍କ ସ୍ୱାମୀଙ୍କ ସହମତି ବିନା କୌଣସି ବିବାହିତ ପୁରୁଷ ଶାରୀରିକ ସମ୍ପର୍କ ରଖିଲେ ତା'କୁ ପରକୀୟା ପ୍ରୀତି କୁହାଯାଏ। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ପରକୀୟା ପ୍ରୀତିରେ ଲିପ୍ତ ଥିବା ପୁରୁଷଙ୍କ ବିରୋଧରେ ଫୌଜଦାରି ଦଣ୍ଡବିଧି ଆଇନର ଦଫା ୧୯୮ ଅନୁସାରେ ମାମଲା ଦାୟର କରିପାରୁଥିଲେ। ସମ୍ପୃକ୍ତ ପୁରୁଷ ଦୋଷୀ ସାବ୍ୟସ୍ତ ହେଲେ ସର୍ବାଧିକ ପାଞ୍ଚବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗୁଥିଲେ। ଏ କ୍ଷେତ୍ରରେ ପରକୀୟା ପ୍ରୀତିରେ ଲିପ୍ତ ସ୍ତ୍ରୀଙ୍କ ବିରୋଧରେ ସ୍ୱାମୀ କୌଣସି ମାମଲା ଦାୟର କରିପାରୁ ନ ଥିଲେ। ଅପରପକ୍ଷରେ ପରକୀୟା ପ୍ରୀତିରେ ସମ୍ପୃକ୍ତ ଥିବା ପୁରୁଷର ସ୍ତ୍ରୀ ମଧ୍ୟ କୌଣସି ପଦକ୍ଷେପ ନେଇପାରୁ ନ ଥିଲେ। ନାରୀଙ୍କ ସ୍ୱାଧୀନତା କ୍ଷୁଣ୍ଣ କରୁଥିବା ଏହି ଆଇନର ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ କରିଥିଲେ କେରଳର ଜଣେ ପ୍ରବାସୀ ଭାରତୀୟ ଯୋଶେଫ୍ ସାଇନି। ସରକାର ଏହି ଚାଲେଞ୍ଜକୁ ଖାରଜ କରିବା ପାଇଁ ଯୁକ୍ତି କରିଥିଲେ ଯେ, ପରକୀୟା ପ୍ରୀତିକୁ ଦଣ୍ଡମୁକ୍ତ କରାଗଲେ ଏହା ସାମାଜିକ ଏବଂ ପାରିବାରିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିବ। ଆମ ସମାଜର ପରମ୍ପରା ଏବଂ ଭାବନାକୁ ସମ୍ମାନ ଦିଆଯିବା ଉଚିତ। ମାତ୍ର ଖଣ୍ଡପୀଠ ଏ ଯୁକ୍ତିକୁ ଗ୍ରହଣ କରି ନ ଥିଲେ। ପରକୀୟା ପ୍ରୀତିରେ ଉଭୟ ପୁରୁଷ ଓ ନାରୀ ସହମତି ଭିତ୍ତିରେ ଯୌନ ସମ୍ପର୍କ ରଖୁଥିବାରୁ କେବଳ ପୁରୁଷ କାହିଁକି ଦଣ୍ଡିତ ହେବେ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏହି ଭେଦଭାବ ସମ୍ବିଧାନର ଧାରା ୧୪, ୧୫ ଓ ୨୧କୁ ଉଲ୍ଲଂଘନ କରୁଛି। ଅନ୍ୟପକ୍ଷରେ ନାରୀର ଯୌନ ସ୍ୱାଧୀନତା ରହିଛି, ଅନ୍ୟ ପୁରୁଷ ସହିତ ଶାରୀରିକ ସମ୍ପର୍କ ରଖିବା ପାଇଁ ସ୍ୱାମୀଙ୍କର ଅନୁମତି ନେବା ଅନାବଶ୍ୟକ। କାରଣ ସ୍ତ୍ରୀ ସ୍ୱାମୀଙ୍କର ସମ୍ପତ୍ତି ନୁହେଁ। ତେଣୁ ଏହି ଧାରା ଅସାମ୍ବିଧାନିକ। ସର୍ବୋଚ୍ଚ ନ୍ୟାୟାଳୟ ଏହି ରାୟ ସହ ଭାରତୀୟ ଦଣ୍ଡବିଧି ଆଇନର ଧାରା ୪୯୭ ଓ ଫୌଜଦାରି ଦଣ୍ଡବିଧି ଆଇନର ଧାରା ୧୯୮କୁ ରଦ୍ଦ କରିବା ସହିତ ପରକୀୟା ପ୍ରୀତିକୁ ଆଧାର କରି ଛାଡ଼ପତ୍ର ଆବେଦନ କରାଯାଇପାରିବ ଓ ଏହାକୁ ଅଦାଲତ ତଥ୍ୟ ଭାବରେ ଗ୍ରହଣ କରିବେ ବୋଲି କହିଛନ୍ତି। ମାତ୍ର ରକ୍ଷଣଶୀଳ ଭାରତୀୟ ସମାଜରେ ଏହାଦ୍ୱାରା ପାରିବାରିକ ଜୀବନ ଅଧିକ ବିପନ୍ନ ହେବ ଏବଂ ବ୍ୟଭିଚାର ବଢ଼ିଯିବ ବୋଲି ଆଶଙ୍କା କରାଯାଉଛି। ସର୍ବୋଚ୍ଚ ଅଦାଲତଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ରାୟଗୁଡ଼ିକ ଭବିଷ୍ୟତରେ ଆମ ସାମାଜିକ ଜୀବନରେ କି ପ୍ରଭାବ ପକାଉଛି, ତାହା ସମୟ କହିବ।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର,
ବାଇପାସ, ଭଦ୍ରକ, ମୋ- ୭୯୭୮୯୦୩୫୦୯

# ସରଳତାର ସଂଜ୍ଞା



ସୁଧିରାଜ ରାଉତ

ବନ୍ଧୁ ଆଉ ମୁଁ ଫେରୁଥାଉ ମାଲକାନଗିରିରୁ। ସର୍ପିଳ ରାସ୍ତା, ଅଙ୍କାବଙ୍କା ନଇ, ଶାଳ, ପିଆଶାଳର ମାଇଲ ମାଇଲ ସାମ୍ରାଜ୍ୟ। ବନ୍ଧୁ କହିଲେ- ଏହି ଘଞ୍ଚ ବନାନୀ, ଦୁର୍ଗମ ପାହାଡ଼ ଓ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ କିଛି ଧୂର୍ତ୍ତ ସେମାନଙ୍କୁ ଧରାଇ ଦେଇଛନ୍ତି ବନ୍ଧୁକ, ସଜାଇ ଦେଇଛନ୍ତି ମାଓବାଦୀ। ମୁଁ ଝରକା ଆଉ ଝରଣା ଆଡୁ ମୁହଁ ଫେରାଇ ବନ୍ଧୁଙ୍କୁ କହିଲି- ସରଳତା ଶବ୍ଦଟିକୁ ଆମେ ଯତ୍ରତତ୍ର ବ୍ୟବହାର କରୁଛୁ। ଆଦିବାସୀଙ୍କ ଶିକ୍ଷାର ଅଭାବ, ଅଜ୍ଞାନତା, ମାନସିକ ଅନଗ୍ରସରତାର ସୁଯୋଗ ନେଉଛନ୍ତି ଅନ୍ୟମାନେ। ଅଜ୍ଞାନତା କ'ଣ ସରଳତା ? ଜଣେ ମାଓ କିଏ ଚିହ୍ନିନାହିଁ, ଅଥଚ ମାଓବାଦୀ ହୋଇଯାଉଛି- ଏହା ଅଜ୍ଞାନତା, ମୋଟେ ସରଳତା ନୁହେଁ। ବସ୍‌ର ଝରକା ଦେଇ ଶାଳର ସବୁଜ ସାମ୍ରାଜ୍ୟ ଆଡ଼େ ଚାହିଁଲି। ସରଳତାର ସ୍ୱରୂପ, ତା' ପବିତ୍ରତାର ପୁଲକ କିଭଳି ହୋଇପାରେ ? ଏମିତି ନିଘଞ୍ଚ ଥିଲା ପଞ୍ଚବଟୀ, ମାନସପଟରେ ଦେବୀଙ୍କର ସରଳ ହସ ଦିଶିଲା।

ଆଜି ଟିକେ ବିଳମ୍ବ ହେଲାଣି, ତରତର ହେଉଥିଲା ଶବରୀ ବୁଢ଼ୀ। କୋଳି ପାଚିଆଟି ଧରି ଟିକେ ବ୍ୟସ୍ତରେ ଫେରୁଥାଏ, ସକାଳ ସ୍ନାନ ସାରି ପବିତ୍ର ଯଜ୍ଞ ପ୍ରସ୍ତୁତି ପାଇଁ ଫେରୁଥାନ୍ତି ଋଷି ପୁଷ୍କରିଣୀରୁ। ବ୍ୟସ୍ତ ଶବରୀର କୋଳି ପାଚିଆଟି ଟିକେ ବାଜିଗଲା ଋଷିଙ୍କ ଦେହରେ, ବାସ୍ ଏତିକି... ସତେ ଅବା ସମୟ ଅଟକିଗଲା, ପବନ ଥମିଗଲା, ଗତିମାନ୍ ସୂର୍ଯ୍ୟ ସ୍ଥିର ହୋଇଗଲେ ଋଷିଙ୍କ କ୍ରୋଧରେ। ପବିତ୍ର ଯଜ୍ଞକୁ ଯାଉଥିବା ଋଷିର ଶୁଦ୍ଧତାକୁ ନଷ୍ଟ କଲୁ ତୁ ଅପବିତ୍ରା, ଅଭିଶାପ ଦେଉଛି- ଯାହାଙ୍କ ଦର୍ଶନ ପାଇଁ ତୁ ଏତେ ପାଗଳୀ, ଚାତକୀ ପରି ଚାହିଁଛୁ ସେହି ଶ୍ରୀରାମଙ୍କ ସହ ତୋର କଦାପି ସାକ୍ଷାତ୍ ହେବନାହିଁ। ଋଷି ପୁଣି ଶୁଦ୍ଧ ହେବାକୁ ପୁଷ୍କରିଣୀ ଆଡ଼େ ଫେରିଲେ, ବୁଢ଼ୀ ଋଷିଙ୍କ ଅଭିଶାପ ଶୁଣି, ପାଚିଲା ପତ୍ରଟିଏ ଗଛରୁ ଝଡ଼ିପଡ଼ିବା ଭଳି ସରଳ ହସଟିଏ ହସି ତା' କାମରେ ଲାଗିଗଲା। ଋଷି ପୁଷ୍କରିଣୀରେ ପହଞ୍ଚି ଦେଖିଲେ ଜଳ ରୂପ ନେଇଛି ରକ୍ତର। ପ୍ରକୃତିସ୍ଥ ହେଲେ ଋଷି, ବୁଢ଼ୀର ସରଳ ସାମର୍ଥ୍ୟର ପବିତ୍ରତାରେ ସ୍ତବ୍ଧ ହେଲେ, ତା' ଚେତନାର ଉଚ୍ଚତାରେ ଅଭିଭୂତ ହେଲେ, କ୍ଷମା ମାଗିଲେ ଈଶ୍ୱରଙ୍କୁ, ବୁଢ଼ୀ ନିକଟକୁ ଆସି କ୍ଷମା ଯାଚନା କଲେ। ବୁଢ଼ୀ ତା' ପାକୁଆ ପାଟିରେ ହସ ଖେଳାଇ କହିଲା- ଋଷି ଠାକୁର! ଆପଣଙ୍କୁ କ୍ଷମା ଦେବାକୁ ମୁଁ କିଏ ?

'ସରଳତା' ଋଷିଙ୍କ ଅଭିଶାପରେ ବିଚଳିତ ହୁଏନି, ରାଜା, ମହାରାଜା ପୂଜା କରୁଥିବା ଋଷି, ତାକୁ କ୍ଷମା ମାଗୁଛି ଦେଖି ଅହଂକାରରେ ମୋଟେ ସ୍ଫୀତ ହୁଏନି। ସରଳତା- ବହୁଥିବା ପବନ ଭଳି, ଫୁଟୁଥିବା ଫୁଲଭଳି, ଉଁଥିବା ସୂର୍ଯ୍ୟଭଳି ଈଶ୍ୱରୀୟ।

ଶବ୍ଦଟା ଯେତେ ସହଜ ଲାଗୁଛି ବାସ୍ତବ ଜୀବନରେ ଏପରି ହୋଇ ଉଠିବା, ସେତେ ସହଜ ନୁହେଁ। ୟୁନାନର ସନ୍ଥ ଶୁକ୍ରାତ୍‌ଙ୍କ ଜୀବନରୁ ଏମିତି ଘଟଣାଟିଏ- ରାଜା ଘୋଷଣା କଲେ ମୋ ରାଜ୍ୟର ଶ୍ରେଷ୍ଠ ଜ୍ଞାନୀଙ୍କୁ ନିର୍ଦ୍ଧାରିତ ଦିନ ପୁରସ୍କୃତ କରାଯିବ ଏବଂ ମନ୍ତ୍ରିମଣ୍ଡଳରେ ଶ୍ରେଷ୍ଠସ୍ଥାନ ଦିଆଯିବ। ଜ୍ଞାନୀ ବ୍ୟକ୍ତିଙ୍କର ଲମ୍ବା ପଟୁଆର ଏବଂ ପରୀକ୍ଷା ପରେ କେହି ରାଜାଙ୍କୁ ଯଥାର୍ଥ ଜ୍ଞାନୀ ମନେ ହେଲେ ନାହିଁ। ନିର୍ଦ୍ଧାରିତ ଦିନଟି ନିକଟ ହୋଇ ଆସୁଥାଏ, ରାଜା ଉପାୟଶୂନ୍ୟ ହୋଇ ନିଜ ଆରାଧ୍ୟଙ୍କ ସାହାଯ୍ୟ ପ୍ରାର୍ଥନା କଲେ, ସ୍ୱପ୍ନାଦେଶ ହେଲା ଶୁକ୍ରାତ୍ ସବୁଠୁ ଜ୍ଞାନୀ। ରାଜ୍ୟର ଜ୍ଞାନୀଙ୍କ ତାଲିକାରେ ଶୁକ୍ରାତ୍‌ଙ୍କ ନାମ ହିଁ ନ ଥିଲା। ରାଜା ଖୋଜାଖୋଜି କରି ଶୁକ୍ରାତ୍‌ଙ୍କ ନିକଟରେ ପହଞ୍ଚିଲେ। ନିଜ ଜମିରେ କାମ କରୁଥାନ୍ତି ଶୁକ୍ରାତ୍, ରାଜା କହିଲେ ମହାଶୟ ଆପଣ ଶ୍ରେଷ୍ଠଜ୍ଞାନୀ, ଆପଣଙ୍କୁ ପୁରସ୍କୃତ କରିବାକୁ ସିଦ୍ଧାନ୍ତ ନେଇଛୁ। ଛୋଟ ହସଟିଏ ହସି ରାଜାଙ୍କୁ ଚାହିଁ ଶୁକ୍ରାତ୍ କହିଲେ- ମହାରାଜ! ଆପଣ ଛ' ମାସ ପୂର୍ବରୁ ଏହା କହିଥିଲେ ମୁଁ ହଁ କହିଥାନ୍ତି। କିନ୍ତୁ ସେଇ କରୁଣାମୟ ଈଶ୍ୱର ମୋତେ ଏ ମଧ୍ୟରେ ଦେଖାଇ ଦେଇଛନ୍ତି ମୁଁ କେତେ ଅଜ୍ଞାନ।

ଶୁକ୍ରାତ୍ ଛ' ମାସ ତଳେ ଜ୍ଞାନୀ ଥିଲେ, ଆଜି ନିଜକୁ ଅଜ୍ଞାନ ମନେକରୁଛନ୍ତି। ଏହା ହିଁ ସରଳତା। ଆମେ ଆଜି ସମସ୍ତେ ଏହି ସରଳତାଠାରୁ ଅନେକ ଦୂରରେ। ଯଦି ରାସ୍ତାରେ କେହି ଚାହିଁ ହସିଦେଲା, ଭାବୁଛୁ- ଏହି ହସ ପଛରେ ନିଶ୍ଚୟ କିଛି କାରଣ ଥିବ। କେହି ଯଦି ଆତ୍ମୀୟ ଫୋନ କରି ଭଲମନ୍ଦ ପଚାରିଲା, ଆମେ ଏହା ପଛରେ ମତଲବଟିଏ ଥିବ ଭାବୁଛୁ। କେହି ଯଦି ହାତ ବଢ଼ାଇ ବସ୍‌ରେ ଓଜନିଆ ବ୍ୟାଗଟିକୁ ଉଠାଇବାକୁ ସାହାଯ୍ୟ କଲା, ମନରେ କେତେ ସନ୍ଦେହ ଆଉ ପ୍ରଶ୍ନ ଆସୁଛି। ଏହାର ଏକମାତ୍ର କାରଣ ଆମେ ଆଜି ସରଳତାଠାରୁ ବହୁ ଦୂରରେ। କେତେ ଦୂରରେ ସହଜରେ କହିହେବନି, ଘଟଣାଟିଏ ସେହି ଦୂରତାର କିଛି ଆକଳନ ଦେବ- ଲିଫ୍ଟ ତଳକୁ ଖସୁଥାଏ, ଦୁଇ ତରୁଣୀ ବାନ୍ଧବୀ ଜେଆର୍‌ଡି ଟାଟାଙ୍କୁ ଚାହିଁ ଛୁପିଛୁପି କିଛି କଥା ହେଉଥାନ୍ତି। ଲିଫ୍ଟ ଅଟକିଲା, ତରୁଣୀ ଦୁଇ ଜଣ ଲିଫ୍ଟରୁ ବାହାରୁ ବାହାରୁ ହସି ହସି କହିଲେ ଅଙ୍କଲ! ଆପଣ ଏକଦମ୍ ଜେଆର୍‌ଡି ଟାଟାଙ୍କ ଭଳି ଦିଶୁଛନ୍ତି। ଶିଳ୍ପ ମହାନାୟକ ଉତ୍ତର ଦେଲେ- ହଁ, ମୁଁ ତ ଜେଆର୍‌ଡି ଟାଟା। ତରୁଣୀ ଦୁଇଜଣ ଆଖି ନଚାଇ ହସରେ ଦୁଷ୍ଟାମି ଖେଳାଇ କହିଲେ- ହଁ ନିଶ୍ଚୟ, ନିଶ୍ଚୟ... ଆପଣଙ୍କୁ ଯିଏ ଦେଖିବ ତାହାହିଁ ଭାବିବ। ତରୁଣୀ ଦୁହେଁ ଶେଷ ଯାଏ ବିଶ୍ୱାସ କଲେନାହିଁ- ଇଏ, ସତରେ ଜେଆର୍‌ଡି ଟାଟା। ଆଜି ଆମେ ସମସ୍ତେ ଏହି ଘଟଣା ଭଳି, ସରଳତାଠାରୁ ଠିକ୍ ଏତିକି ଦୂରରେ। ଆଜି ଆମ ଦୃଷ୍ଟିକୋଣରେ ଅସାଧାରଣ ଦେଖିବା, ଦେଖେଇ ହେବାର ଭୋକ, ପ୍ରତି କଥାକୁ ଜଟିଳ କରି ବୁଝିବାର ଆଧୁନିକତା ଆମଠାରୁ ଛଡ଼ାଇ ନେଇଛି ଆନନ୍ଦର ମୂଳ ଭିତ୍ତି ସରଳତା।

ଇନ୍ଦ୍ରାବତୀ, ନବରଙ୍ଗପୁର, ମୋ-୯୮୬୧୯୬୯୬୭୮

## ଏଇ ଭାରତରେ

କୋଲକାତା ଦୁର୍ଗାପୂଜାର ପ୍ରସିଦ୍ଧି ବିଷୟରେ ସମସ୍ତେ ଅବଗତ। କିନ୍ତୁ ଉତ୍ତର କୋଲକାତାରେ ରାସ୍ତାକଡର ପିଲାଙ୍କ ଦ୍ୱାରା ନୂଆକରି ଏକ ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହାକୁ 'ଫୁଟ୍‌ପାଥ୍ ଦୁର୍ଗାପୂଜା' କୁହାଯାଉଛି। ରାସ୍ତାକଡ ଝୁମ୍ପୁଡ଼ିରେ ବାସ କରୁଥିବା ପିଲାମାନେ ପ୍ରତିବର୍ଷ ଜନଗହଳିପୂର୍ଣ୍ଣ ଦୁର୍ଗାପୂଜା ଦେଖିବାକୁ ଯାଆନ୍ତି। କିନ୍ତୁ କେବେ ମା' ଦୁର୍ଗାଙ୍କୁ ପୂଜା କରିବାର ଅବସର ପାଇ ନ ଥିଲେ। ଅପରିଚ୍ଛନ୍ନ ପୋଷାକ ପିନ୍ଧିଥିବାରୁ ସେମାନଙ୍କୁ ପୂଜା ମଣ୍ଡପ ପାଖକୁ ଯିବାକୁ ଦିଆଯାଉ ନ ଥିଲା। ତେଣୁ ଫୁଟ୍‌ପାଥ ଦୁର୍ଗାପୂଜା ସେମାନଙ୍କ ପାଇଁ ଏକ ଅବସର ସୃଷ୍ଟି କରିଛି; ଯେଉଁଠାରେ ସେମାନେ ଏକତ୍ର ପୂଜା କରିବାର ସୁଯୋଗ ପାଇବେ। ଏହି ପିଲାମାନେ ସମାଜରେ ଅବହେଳିତ। ମା' ଦୁର୍ଗାଙ୍କ ପୂଜା ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସୁଯୋଗ ସୃଷ୍ଟି କରିଛି। ଏ ସମ୍ପର୍କରେ ସେମାନେ କହନ୍ତି, ଆମେ ମା'ଙ୍କୁ ପୂଜା କରିବା ସହିତ ପୁଷ୍ପାଞ୍ଜଳି ପ୍ରଦାନ କରିବୁ। ମା' ଆମର ମନସ୍କାମନା ପୂରଣ କରିବେ। ଆମକୁ ଛୋଟ ନଜରରେ ଦେଖି ପୂଜାସ୍ଥଳୀକୁ ଯିବାକୁ ସମସ୍ତେ ବାରଣ କରୁଥିଲେ। ତେଣୁ ଆମେ ପାଖାପାଖି ୨୦ ପିଲା ମିଶି ବାଗ୍‌ବଜାରସ୍ଥିତ ମେୟର ବାରି ନିକଟ ଏକ ପ୍ରାଥମିକ ସ୍କୁଲ୍‌ରେ ପୂଜା ଆରମ୍ଭ କରିଛୁ। ରାସ୍ତାରୁ ସଂଗୃହୀତ ମାଟିର ଚା କପ୍, କତା ଦଉଡିରେ ପ୍ରସ୍ତୁତ ଛୋଟ ଛୋଟ ଫୁଲ, ରିବନ୍ ଏବଂ ସୁନ୍ଦର ଚିତ୍ର ଦ୍ୱାରା ଦେବୀଙ୍କ ମଣ୍ଡପ ସଜାଯାଇଛି। ଆମକୁ ଅନ୍ୟ ପୂଜାମଣ୍ଡପକୁ ଅନୁମତି ମିଳୁ ନ ଥିଲେ ବି ଆମ ପୂଜା ସମସ୍ତଙ୍କ ପାଇଁ ଉନ୍ମୁକ୍ତ। ପୂର୍ବରୁ ଯେଉଁମାନେ ଆମକୁ ପୂଜାସ୍ଥଳୀକୁ ଯିବାକୁ ଅନୁମତି ଦେଉ ନ ଥିଲେ ସେମାନଙ୍କୁ ନିମନ୍ତ୍ରଣ କରାଯିବ ବୋଲି ପିଲାମାନେ କହିଛନ୍ତି। ଏଥିପାଇଁ ଦେବଜିତ ଦାସ ନାମକ ଜଣେ ପିଲା ଗଙ୍ଗା ନଦୀକୂଳରୁ ମାଟି ସଂଗ୍ରହ କରି ୧ ଫୁଟ ଉଚ୍ଚତାର ଦୁର୍ଗାମୂର୍ତ୍ତି ତିଆରି କରିଛନ୍ତି। ମା'ଙ୍କ ଆଶୀର୍ବାଦ ପାଇଲେ ଆହୁରି ଭଲ ମୂର୍ତ୍ତି ତିଆରି କରିବେ ବୋଲି ସେ ଆଶା ରଖିଛନ୍ତି। ଏଥର ପୂଜା ଅବସରରେ ସେମାନେ ନୂଆ ପୋଷାକ ପିନ୍ଧିବେ, ସୁସ୍ୱାଦୁ ଖାଦ୍ୟ ଖାଇବେ ଏବଂ ମନଖୁସିରେ ମା'ଙ୍କ ପୂଜା ଉତ୍ସବ ପାଳନ କରିବେ। ପିଲାମାନଙ୍କର ଏହି ଉଦ୍ୟମରେ ସେମାନଙ୍କ ମାତାପିତା ବେଶ୍ ଖୁସି ଥିବା ଜଣାଯାଇଛି।

## ସୁ-ଡୋ-କୁ

su|do|ku



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଚେତନତାର ବାର୍ତ୍ତା

ମହାଶୟ,

'ଧରିତ୍ରୀ'ର ସମ୍ପାଦକୀୟ ସ୍ତମ୍ଭରେ ପ୍ରକାଶିତ 'କେରଳରେ ଜଳ ପ୍ରଳୟ' ଲେଖାରେ ମାନବ ସମାଜ ପାଇଁ ଥିଲା ଏକ ସତର୍କବାଣୀ। ପ୍ରକୃତି କ୍ରୋଧର ଭୟାବହତା ବ୍ୟାପକ ଧନଜୀବନ ହାନିର କାରଣ। ମନୁଷ୍ୟ ଅବିଚାରିତ ଭାବରେ ପ୍ରକୃତି ଉପରେ କରୁଥିବା ଅତ୍ୟାଚାର ଯୋଗୁ ପ୍ରକୃତି ଆଜି ଦାଉ ସାଧୁଛି। କିଛିବର୍ଷ ପୂର୍ବେ ଓଡ଼ିଶାରେ ହୋଇଥିବା ବନ୍ୟାଜନିତ ଖଣ୍ଡପ୍ରଳୟ, ଉତ୍ତରାଖଣ୍ଡର ବାଦଲଫଟା ବର୍ଷା ଏହାର ଦୃଷ୍ଟାନ୍ତ।

ଲକ୍ଷ୍ମୀଧର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଓଡ଼ଗାଁ, ନୟାଗଡ଼

### ବୟସ୍କମାନେ ଅଲୋଡ଼ା ନୁହନ୍ତି

ଧରିତ୍ରୀ (୧।୧୦)ରେ ପ୍ରକାଶିତ ବୈକୁଣ୍ଠନାଥ ମିଶ୍ରଙ୍କ 'ବୟସ୍କମାନେ ଅଲୋଡା ନୁହନ୍ତି' ଲେଖାଟି ବରିଷ୍ଠ ନାଗରିକମାନଙ୍କ ପ୍ରତି ସକରାତ୍ମକ ଚିନ୍ତାଧାରାର ଏକ ମାର୍ମିକ ପରିପ୍ରକାଶ। ସମ୍ପ୍ରତି ବୃଦ୍ଧ ପିତାମାତାମାନେ ସନ୍ତାନମାନଙ୍କ ଦ୍ୱାରା ଯେପରି ଅବହେଳିତ ଓ ଅଦରକାରୀ ମନେହେଉଛନ୍ତି ଏହା ତାହାର ନୀରବ ପ୍ରତିବାଦ। ରୋମାନିଆର ଶାସକଙ୍କର ନିର୍ଦ୍ଦେଶକୁ ଅବଜ୍ଞା କରି ଯୁବକଟି ଯେଉଁ ମହନୀୟତା ପ୍ରଦର୍ଶନ କରିଥିଲା ତାହା ଆଜିର ଯୁବଗୋଷ୍ଠୀର ଧ୍ୟେୟ ହେବା ଉଚିତ। ଏପରି ଉପାଦେୟ ଓ ଶିକ୍ଷଣୀୟ ଲେଖା ପାଇଁ ଶ୍ରୀ ମିଶ୍ରଙ୍କୁ ସାଧୁବାଦ ଜଣାଉଛି।

ବାମଦେବ ସ୍ୱାଇଁ, କମାଶାସନ, ହାଜିପୁର, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବରଷା ଜଳେ ବସନ ତବ ତିନ୍ତଇ
ବସନହୀନ କି ଦେବି ମୁଁ ଗୋ ଚିନ୍ତଇ।
ଅଙ୍ଗେ ତବ କର୍ପୂର ବାସ,
ଅଧରେ ତବ ମଧୁର ହାସ,
କର୍ଣ୍ଣେ ତବ କେୟୂର ଝୁଲେ ଚଞ୍ଚଳେ
ବିଜୁଳି ହସେ ସ୍ୱର୍ଣ୍ଣ-ଜରି ଅଞ୍ଚଳେ।
(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଅକ୍ଟୋବର ୧୯୯୩

- ଆମେରିକାର ରବର୍ଟ ଡବ୍ଲ୍ୟୁ ଫୋଗେଲ ଓ ଡୌଗ୍ଲାସ ସି. ନର୍ଥଙ୍କୁ ଯୁଗ୍ମ ଭାବେ ୧୯୯୩ ବର୍ଷର ଅର୍ଥନୀତି ପାଇଁ ନୋବେଲ ପୁରସ୍କାର।
- ଗାଜାଷ୍ଟ୍ରିପ ଏବଂ ୱେଷ୍ଟବ୍ୟାଙ୍କର ଜେରିକୋ ସହରକୁ ସ୍ୱୟଂଶାସନ କ୍ଷମତା ପ୍ରଦାନ ନେଇ ପିଏଲଓ ଏବଂ ଇସ୍ରାଏଲ ମଧ୍ୟରେ ହୋଇଥିବା ଚୁକ୍ତି ପାର୍ଲାମେଣ୍ଟରେ ଅନୁମୋଦନ।




# ମୁଁ ବର୍ତ୍ତମାନ ଅଭିନୟ ବନ୍ଦ କରିନାହିଁ: ନେହା ଧୁପିଆ

ନୂଆଦିଲ୍ଲୀ

ଅକ୍ଟୋବର ୧୯ରେ ଫକ୍ସଲାଇଫ୍‌ ଶୋ' 'ଷ୍ଟାଇଲ୍ଡବାଏ ନେହା'ରେ ଦେଖିବାକୁ ମିଳିବେ ଅଭିନେତ୍ରୀ ନେହା ଧୁପିଆ। କିଛିଦିନ ମଧ୍ୟରେ ମା' ହେବାକୁ ଯାଉଥିବା ନେହା କହନ୍ତି, ସେ ଏଥିପାଇଁ ଅଭିନୟ ବନ୍ଦ କରୁନାହାନ୍ତି। ପ୍ରେମ ସହିତ କିଛି ବି ତୁଳନୀୟ ନୁହେଁ। ସେ ପ୍ରଥମ ପିଲାର 'ମା' ହେବାକୁ ଯାଉଛନ୍ତି। ଏଥିପାଇଁ ତାଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହେବନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

ତାଙ୍କ କହିବାନୁଯାୟୀ, ଗର୍ଭଧାରଣ ସମୟ ମଧ୍ୟରେ ସେ ଅଭିନୟ ଜାରି ରଖିଛନ୍ତି। ଏପରି କି ପୂର୍ବାପେକ୍ଷା ଅଧିକ କାମ କରିବାକୁ ପଡୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗର୍ଭଧାରଣ କାଳରେ ଅଭିନୟ ଜାରି ରହିବ। ତେଣୁ ଏଥିପାଇଁ ସେ ବ୍ୟସ୍ତ ହେବାର ନାହିଁ। ସୂଚନାଯୋଗ୍ୟ ଯେ, ନେହା ଅଭିନେତା ଅଙ୍ଗଦ ବେଦୀଙ୍କୁ ବିବାହ କରିଛନ୍ତି। ନେହା ଏକାଧାରରେ ଜଣେ ଅଭିନେତ୍ରୀ, ଆଙ୍କର, ହୋଷ୍ଟ ଏବଂ ପ୍ରଯୋଜିକା। ତେଣୁ ତାଙ୍କ ସମ୍ମୁଖରେ ଅନେକ କାର୍ଯ୍ୟ କରିବାକୁ ରହିଛି। ପ୍ରସବର କିଛିଦିନ ପରେ ଯେତେବେଳେ କୁନି ସନ୍ତାନକୁ କିଛି ସମୟ ଘରେ ଛାଡି ଆସିପାରିବି ସେତେବେଳେ ଗୋଟିଏ 'ଭଲ ଭୂମିକା'ରେ ଅଭିନୟ କରିବାକୁ ଆଶା ରଖିଛି। ତେବେ ସେସବୁ ସମୟ କହିବ ବୋଲି ସେ ପ୍ରକାଶ କରିଛନ୍ତି।



# ପୁରୀ ହିଂସା, ପୁଣି ୬ ଗିରଫ

## ଗିରଫଦାରି ସଂଖ୍ୟା ୬୬ରେ ପହଞ୍ଚିଲା

**ପୁରୀ ଅଫିସ, ୧୨।୧୦:** ପୁରୀ ହିଂସା ଘଟଣାରେ ଅଭିଯୁକ୍ତଙ୍କ ତାଲିକା ବଢିବାରେ ଲାଗିଛି। ପୋଲିସର ଗିରଫଦାରି ମଧ୍ୟ ବଢୁଛି। ପୂର୍ବରୁ ପୋଲିସ ୬୦ ଜଣଙ୍କୁ ଗିରଫ କରିଥିବା ବେଳେ ଶୁକ୍ରବାର ଆଉ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ବଡ଼ଦାଣ୍ଡରେ ଟ୍ରାଫିକ ପୋଷ୍ଟ ପୋଡ଼ାଜଳା ଓ ଢେଲାମାଡ଼ ଘଟଣାରେ ଟାଉନ ଥାନା ପୋଲିସ ରୁଜୁ କରିଥିବା କେସ୍ (ନଂ.୧୬୮/୧୮) ବଳରେ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ତିଆଡ଼ି ସାହିର ଚିତ୍ତରଞ୍ଜନ ଦୀକ୍ଷିତ ଓ କୁମ୍ଭାରପଡ଼ାର ବାପି ମୁଦୁଲି। ଶ୍ରୀମନ୍ଦିର ସୂଚନା କେନ୍ଦ୍ର ଭଙ୍ଗାରୁଜା ଘଟଣାରେ ସିଂହଦ୍ୱାର ଥାନା ପୋଲିସ କେସ୍ (ନଂ.୧୮୫/୧୮)ରେ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦୋଳମଣ୍ଡପ ସାହିର ରଘୁନାଥ ଦାସ, ସଦର ଥାନା ଅନ୍ତର୍ଗତ ଦାଗିଣିଆ ଗ୍ରାମର ଗଦାଧର ପାଲଟାସିଂ, ପୁରୀ ଧମନକୋଟି ସାହିର ସୁରେନ୍ଦ୍ର ପରିଡ଼ା ଏବଂ ବାସେଳି ସାହି ପାଣିକାତ ଲେନ୍‌ର ଦୁଷ୍ମନ୍ତ ଖଟେଇ।

ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ଏହାକୁ ବିରୋଧକରି ଶ୍ରୀଜଗନ୍ନାଥ ସେନା ଗତ ୩ ତାରିଖରେ ପୁରୀ ବନ୍ଦ ଡାକରା ଦେଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ଡାକରା ଦିଆଯାଇଥିଲେ ମଧ୍ୟ ଏହା ହିଂସାର ରୂପ ନେଇଥିଲା। ଶ୍ରୀମନ୍ଦିର ସୂଚନା କେନ୍ଦ୍ର, ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଦି ଭଙ୍ଗାରୁଜା ହୋଇଥିଲା। ସହରରେ ବ୍ୟାପକ ହିଂସା ଘଟିଥିଲା।

# ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ ପାଇଁ ପିସିସିର ୫ଜଣିଆ ଟିମ୍ ଗଠିତ

ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)

ବାତ୍ୟା ତିତ୍‌ଲି ଓ ବନ୍ୟା କ୍ଷତିଗ୍ରସ୍ତ ଗଜପତି, ରାୟଗଡା ଓ ଗଞ୍ଜାମ ଜିଲାର ପ୍ରଭାବିତ ଜନସାଧାରଣଙ୍କୁ ଭେଟିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଆସନ୍ତା ଅକ୍ଟୋବର ୧୪ ଓ ୧୫ରେ(ରବିବାର ଓ ସୋମବାର) ୨ଦିନିଆ ଗ୍ରସ୍ତ କରିବେ। ବାତ୍ୟା ଓ ବନ୍ୟାରେ ପ୍ରଭାବିତ ଲୋକମାନଙ୍କ ସମସ୍ୟା ଓ ଆଶୁ ସମାଧାନ ନିମନ୍ତେ ନିରଞ୍ଜନ ୫ଜଣିଆ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି। ଏହି କମିଟିରେ ବିଧାୟକ କେ.ସୁରିଆ ରାଓ, ପୂର୍ବତନ ବିଧାୟକ ରମେଶ ଜେନା, ସାନଖେମୁଣ୍ଡି, ରାୟଗଡା ଜିଲା ସଭାପତି ଦୁର୍ଗାଚରଣ ପଣ୍ଡା, ରାୟଗଡା ଜିଲା ପରିଷଦ ସଭାପତି ପୁରୁଷୋତମ ଗମାଙ୍ଗୋ ଓ କଂଗ୍ରେସ ନେତା ତିରୁପତି ପାଣିଗ୍ରାହୀ ସଦସ୍ୟ ଥିବା ପିସିସି ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି।

# ପୂଜା ଅବକାଶ: ୨୫ରେ ଖୋଲିବ ହାଇକୋର୍ଟ

**କଟକ ଅଫିସ, ୧୨।୧୦:** ଅକ୍ଟୋବର ୧୫ରୁ ହାଇକୋର୍ଟରେ ଦଶହରା ପୂଜା ଅବକାଶ ଆରମ୍ଭ ହେଉଛି। ଏଥିପାଇଁ ଅକ୍ଟୋବର ୨୪ ପର୍ଯ୍ୟନ୍ତ ଅଦାଲତ କାର୍ଯ୍ୟ ବନ୍ଦ ରହିବ। ୨୫ ତାରିଖରୁ ଅଦାଲତ କାର୍ଯ୍ୟ ଆରମ୍ଭ ହେବ। ଏହି ସମୟ ମଧ୍ୟରେ ଅବକାଶକାଳୀନ ବିଚାରପତି ଭାବେ ଜଷ୍ଟିସ ସଞ୍ଜୁ ପଣ୍ଡା, ଜଷ୍ଟିସ ଏସ୍.କେ. ମିଶ୍ର, ଜଷ୍ଟିସ କେ.ଆର୍. ମହାପାତ୍ର କାର୍ଯ୍ୟନିର୍ବାହ କରିବେ। ଶୁକ୍ରବାର ଥିଲା ହାଇକୋର୍ଟର ଶେଷ କାର୍ଯ୍ୟଦିବସ। କାରଣ ଶନିବାର ହେଉଛି ଦ୍ୱିତୀୟ ଶନିବାର।






## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ୩ ଜିଲା ଗସ୍ତ ଆଜି

ଭୁବନେଶ୍ୱର(ବ୍ୟୁରୋ)/ ବ୍ରହ୍ମପୁର ଅଫିସ, ୧୨।୧୦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଗଞ୍ଜାମ, ଗଜପତି ଓ ରାୟଗଡ଼ା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଆକାଶମାର୍ଗରୁ ଆସିକା ଓ ପୁରୁଷୋତ୍ତମପୁର ଅଞ୍ଚଳର ଉଦ୍‌ବେଗଜନକ ଅବସ୍ଥା ଅନୁଧ୍ୟାନ କରିବେ। ସୂଚନାଯୋଗ୍ୟ, ଋଷିକୁଲ୍ୟା ନଦୀ ବନ୍ୟାରେ ମୁଖ୍ୟତଃ ଆସିକା ଓ ପୁରୁଷୋତ୍ତମପୁର ଅଞ୍ଚଳ ଅବସ୍ଥା ସଙ୍ଗିନ ହୋଇଯାଇଛି । ପାଣି ଘେରରେ ହଜାର ହଜାର ଲୋକ ଅଛନ୍ତି। ଉଦ୍ଧାର କାର୍ଯ୍ୟ ପାଇଁ ଦୁଇଟି ହେଲିକପ୍ଟର ଶୁକ୍ରବାର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ପହଞ୍ଚିଥିଲା। ସନ୍ଧ୍ୟା ହୋଇଯିବାରୁ ହେଲିକପ୍ଟର ଉଦ୍ଧାର କାର୍ଯ୍ୟକୁ ନ ଯାଇ ଗୋଳାବନ୍ଧସ୍ଥିତ ମିଲିଟାରୀ କ୍ୟାଣ୍ଟନମେଣ୍ଟରେ ଥିବା ଖବର ମିଳିଛି । ଋଷିକୁଲ୍ୟା ଅବବାହିକାର ଶେରଗଡ଼ ବ୍ଲକ ଅନ୍ତର୍ଗତ ତହଁର ଓ ଆଖପାଖ ଅଞ୍ଚଳ ମଧ ବନ୍ୟାରେ ପ୍ରଭାବିତ ହୋଇଛି । ଏହି ଅଞ୍ଚଳ ହେଉଛି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ଯୁବ ବିଜେଡିର ଶତାଧିକ କର୍ମୀ ଏବଂ ବ୍ରହ୍ମପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ନେତୃତ୍ୱରେ କେତେକ କର୍ମୀ ଆସିକା ଓ ଶେରଗଡ଼ ବ୍ଲକ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

### ୨୬ ଯାଏ ଚାଲିବ ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**କଟକ ଅଫିସ, ୧୨।୧୦:** କଟକରେ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ବାଟ ଫିଟୁନାହିଁ। ଶୁକ୍ରବାର ଥିଲା ପୂଜାଛୁଟି ପୂର୍ବର ଶେଷ କାର୍ଯ୍ୟଦିବସ। ତେଣୁ ଛୁଟି ପୂର୍ବରୁ ଏହି ବିବାଦର ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିଲା। ମାତ୍ର ତାହା ଫଳପ୍ରଦ ହୋଇନାହିଁ। ଘଟଣାକୁ ନେଇ ଆଇନଜୀବୀମାନେ ଚଳାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଶୁକ୍ରବାର ୪୪ ଦିନ ପୂରିଛି। ପୁନଶ୍ଚ ଏହି ଆନ୍ଦୋଳନ ଅକ୍ଟୋବର ୨୬ ଯାଏ ଜାରି ରହିବ। ଶୁକ୍ରବାର ହାଇକୋର୍ଟ ବାର୍ ଆସୋସିଏଶନର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଏହି ବିବାଦକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ କୁମାର ବୋଥ୍ରା ଶୁକ୍ରବାର ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ହୋଇଥିଲା। ମାମଲାର ତଦନ୍ତ ଶେଷ ହୋଇଛି। ଘଟଣାର ଆଉ କେତେକ ଦିଗ ଉପରେ ଅଧିକ ତଦନ୍ତ କରିବା ପାଇଁ ଆଇଜି ବୋଥ୍ରା ଖଣ୍ଡପୀଠଙ୍କୁ ଆଉ କିଛିଦିନ ସମୟ ମାଗିଥିଲେ। ଅକ୍ଟୋବର ୨୯ରେ ପରବର୍ତ୍ତୀ ଶୁଣାଣି କରାଯିବ।

# ପାହାଡ଼ ଧସି ୧୨ ମୃତ୍ୟୁ ଆଶଙ୍କା

**ପାରଳାଖେମୁଣ୍ଡି(ସ୍ୱ.ପ୍ର.)/ଭୁବନେଶ୍ୱର (ବ୍ୟୁରୋ),୧୨।୧୦**

## ତିତ୍‌ଲି ପାଇଁ ଗୁମ୍ଫାରେ ଆଶ୍ରୟ ନେଇଥିଲେ

ଆନ୍ଧ୍ର ସୀମାନ୍ତ ତଥା ଗଜପତି ଜିଲା ରାୟଗଡ଼ ବ୍ଲକର ଗଙ୍ଗାବାଡ଼ ପଞ୍ଚାୟତ ଅନ୍ତର୍ଗତ ବାରଘର ଗାଁରେ ପାହାଡ଼ ଧସି ୧୨ ଜଣଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଗତ ବୁଧବାର ତିତ୍‌ଲି ପ୍ରଭାବରେ ଗାଁରେ ବନ୍ୟାପାଣି ପଶିବା ପରେ ଗାଁର କେତେକ ଲୋକ ନିକଟସ୍ଥ ପାହାଡ଼ରେ ଥିବା ଗୁମ୍ଫାରେ ଆଶ୍ରୟ ନେଇଥିଲେ। ପାଣି ଛାଡ଼ିନଥିବାରୁ ସେମାନେ ଶୁକ୍ରବାର ସୁଦ୍ଧା ଫେରିନଥିଲେ। ତେବେ ବର୍ଷା ଲାଗି ରହିଥିବାରୁ ସେହି ପାହାଡ଼ ଧସିଯାଇ ଆଶ୍ରୟ ନେଇଥିବା ଗ୍ରାମବାସୀଙ୍କ ମଧ୍ୟରୁ ୧୨ ଜଣ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ଏହାସହ ଅନ୍ୟ ୪ ଜଣ ଫସିରହିଥିବା ମଧ ଅନୁମାନ କରାଯାଉଛି। ମୃତକଙ୍କ ମଧ୍ୟରେ ୫ ଜଣ ଶିଶୁ ଥିବା ଜଣାପଡ଼ିଛି। ତେବେ ଏନେଇ ଗଜପତି ଜିଲା ପ୍ରଶାସନ କିଛି ସ୍ପଷ୍ଟ କରିନାହାନ୍ତି। ଗଜପତି ଏସ୍‌ପି ଅମୂଲ୍ୟ କୁମାର ଦାସ କହିଛନ୍ତି ଯେ ଆମ ପାଖରେ ଏ ସମ୍ପର୍କରେ ଖବର ପହଞ୍ଚିଛି। ତେବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଏନେଇ ବିଳମ୍ବିତ ରାତିରେ ଟୁଇଟ୍ କରି ସୂଚନା ଦେଇଛନ୍ତି, ଯେ ପାହାଡ଼ ଧସିବା ଓ ତିତ୍‌ଲି ପ୍ରଭାବରେ ଗଜପତି ଜିଲାର ମୋଟ ୧୭ ଜଣଙ୍କ ମୃତ୍ୟୁ ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନଈ ଚୁଙ୍ଗୁଡିଆ ଦଳ;**
**ଚାହିଁ ଚାହିଁ ଆସି ଦରବୁଢ଼ୀ ହେଲି,**
**ମୁଣ୍ଡରେ ପାଚିଲା ବାଳ ।**

ପ୍ରତୀକ୍ଷା ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଦ ନ ଜାଣେ କଣ୍ଟାବୁଦା,**
**ଭୋକ ନ ଜାଣେ କଞ୍ଚା ପୋଡ଼ା ।**

ଆଖିକୁ ନିଦ ମାଡ଼ି ଆସିଲେ ବ୍ୟକ୍ତିର ସ୍ଥାନ, କାଳ ବା ପାତ୍ରର କୌଣସି ଜ୍ଞାନ ରହି ନ ଥାଏ। ସେହିପରି କଥାରେ ଅଛି ଭୋକେ ହଜିଯାଏ ବୁଦ୍ଧି। କ୍ଷୁଧାତୁର ପ୍ରାଣୀ ଆହାରେ ଭଲମନ୍ଦ ବିଚାରେ ନାହିଁ, ବାସ୍ ଆକୁଳରେ ଖାଇଯାଏ। ଭୋକିଲା ବ୍ୟକ୍ତିଙ୍କୁ ଯେ କୌଣସି ଖାଦ୍ୟ ମିଳିଲେ ସେଥିରେ ସେ ବାଛବିଚାର ନ କରି ତାକୁ ଆନନ୍ଦରେ ଗ୍ରହଣ କରି ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାଜ୍ୟ ସରକାର ବାତ୍ୟା ମୁକାବିଲା କରିବାରେ ବିଫଳ: ବିରୋଧୀ

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)**

ବାତ୍ୟା ତିତ୍‌ଲି ପ୍ରଭାବରେ ଗଜପତି, ରାୟଗଡା ଏବଂ ଗଞ୍ଜାମ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟ ସରକାର ଏହାର ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତି କରିଥିବା କହୁଥିଲେ ସୁଦ୍ଧା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବିଫଳତାକୁ ନେଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ଅନ୍ୟପଟେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଏଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ଚିନ୍ତା କରି ନ ଥିବା କହିଛନ୍ତି। ଏଥିରୁ ସରକାରଙ୍କ ଅପାରଗତା ପ୍ରତିଫଳିତ ହେଉଥିବା ଅଭିଯୋଗ ଆଣିଛନ୍ତି ବିରୋଧୀ।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ରାଜ୍ୟ ସରକାରଙ୍କ ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ନେଇ କହିଛନ୍ତି ଯେ, ବାତ୍ୟା ''ତିତ୍‌ଲି'' ସ୍ଥଳଭାଗକୁ ଛୁଇଁବା ପରବର୍ତ୍ତୀ ସମୟରେ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା, ପବନ ଓ ବନ୍ୟାଜନିତ କ୍ଷୟକ୍ଷତିର ମୁକାବିଲା କରିବା ଏବଂ ଜନସାଧାରଣଙ୍କୁ ଉଦ୍ଧାର କରିବାରେ ରାଜ୍ୟ ସରକାର ଶୋଚନୀୟଭାବେ ବିଫଳ ହୋଇଛନ୍ତି। ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ସରକାର ପରବର୍ତ୍ତୀ ସ୍ଥିତି ପ୍ରତି ସଜାଗ ରହିଲେନାହିଁ। ସେଥିପାଇଁ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା ଆଦି ଜିଲାରେ ବର୍ଷା ଓ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ଧାରଣ କରିଛି । ବାତ୍ୟା ସ୍ଥଳଭାଗ ଛୁଇଁବା ପରେ କିଛି ଜିଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିଲା। ସେହି ସବୁ ଜିଲାରେ ଏକାଧିକ ଏନ୍‌ଡିଆରଏଫ୍ ଏବଂ ଓଡ୍ରାଫ ଟିମ୍ ମୁତୟନ କରାଯିବା ଜରୁରୀ ଥିଲା। କିନ୍ତୁ ତାହା କରାଗଲା ନାହିଁ। ଏଥିପାଇଁ ଶତାଧିକ ପଞ୍ଚାୟତର ଅଧିବାସୀ ପାଣି ଘେରରେ ରହିଛନ୍ତି। ସେହିସବୁ ଲୋକଙ୍କୁ ତୁରନ୍ତ ଉଦ୍ଧାର କରି ଖାଦ୍ୟ, ଔଷଧ, ପାନୀୟ ଜଳ ଯୋଗାଇବା ସହିତ ଗୃହପାଳିତ ପଶୁଙ୍କ ପାଇଁ ଖାଦ୍ୟ ଯୋଗାଇବା ଏବଂ ସେମାନଙ୍କୁ ନିରାପଦ ସ୍ଥାନକୁ ଆଣିବା ଲାଗି ନିରଞ୍ଜନ ଦାବି କରିଛନ୍ତି। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ମଧ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତ୍ୱରାନିତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ମଧ ରାଜ୍ୟ ସରକାରଙ୍କ ବାତ୍ୟା ମୁକାବିଲା ପ୍ରସ୍ତୁତିକୁ ନେଇ ଶାସକ ଦଳ ନେତାଙ୍କୁ ଟାର୍ଗେଟ କରିଛି। ତିତ୍‌ଲି ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷାଜନିତ ଦୁର୍ଦ୍ଦଶାର ମୁକାବିଲା ଲାଗି ଯୁବବର୍ଗ ଆଗେଇ ଆସି ସହଯୋଗର ହାତ ବଢାଇବା ପାଇଁ ଭାଜପା ଅନୁରୋଧ କରିଛି । ବାତ୍ୟା ଓ ଲଗାଣ ବର୍ଷା ନେଇ ପାଣିପାଗ ବିଭାଗ ସ୍ପଷ୍ଟ ପୂର୍ବାନୁମାନ କରିଥିଲା। ମାତ୍ର ରାଜ୍ୟ ସରକାରଙ୍କ ପ୍ରସ୍ତୁତିର ବିଫଳତା ଯୋଗୁ ଅଧିକାଂଶ ଅଞ୍ଚଳର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଯେକୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ବୋଲି ଘୋଷଣା କରିଦେଲେ। କିନ୍ତୁ ଭୁଲ୍ କାରଣରୁ ସମସ୍ୟାକୁ ସାମ୍ନା କରିବାରେ ପ୍ରଶାସନ ବିଫଳ ହୋଇଥିବା ମୁଖ୍ୟ ଶାସନ ସଚିବ ପାଢୀ ସ୍ୱୀକାର କରିଛନ୍ତି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ମୁଖ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ସରକାର ସଚିବାଳୟରେ ଘନଘନ ସମୀକ୍ଷା ବୈଠକ କରି କେବଳ ବାହାବା ନେବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ତୃଣମୂଳସ୍ତରରେ ସମ୍ଭାବ୍ୟ ଦୁର୍ବିପାକର ମୁକାବିଲା ପାଇଁ ସରକାରଙ୍କ କୌଣସି ପ୍ରସ୍ତୁତି ନ ଥିଲା । ବାତ୍ୟାକୁ ଦୃଷ୍ଟିରେ ରଖି ୩ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିବା ନେଇ ସରକାର କହିଥିବା ମିଛର ପର୍ଦ୍ଦାଫାଶ ହୋଇଛି । ସରକାରଙ୍କ ଜିରୋ କାଜୁଆଲିଟିର ବଡ ଘୋଷଣା ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି । ଓଡିଶାର ଏହି ବିପର୍ଯ୍ୟୟ ସମୟରେ କେନ୍ଦ୍ର ସରକାର ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦେବେ। ଏନେଇ ଗୁରୁବାର ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହଙ୍କୁ ସାକ୍ଷାତ କରି ସବୁ ପ୍ରକାର ସହଯୋଗ ପାଇଁ ଦୃଢ ପ୍ରତିଶ୍ରୁତି ପାଇଥିବା ସମୀର କହିଛନ୍ତି।

# ଓଏଏସ୍ ସ୍ତରରେ ଅଦଳବଦଳ

## ବଦଳିଲେ ରେଭେନ୍ସା ରେଜିଷ୍ଟ୍ରାର

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ)**

ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ସ୍ତରରେ ଶୁକ୍ରବାର ସାମାନ୍ୟ ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ବିଜ୍ଞପ୍ତି ଅନୁଯାୟୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ମହେଶ୍ୱର ଅଗସ୍ତିଙ୍କୁ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ୍ ଶକ୍ତି ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ୱତନ୍ତ୍ର ସଚିବ ଥିବା ଅଶୋକ କୁମାର ଦାଶଙ୍କୁ ରେଭେନ୍ସାର ନୂତନ ରେଜିଷ୍ଟ୍ରାର ଭାବେ ଦାୟିତ୍ୱ ମିଳିଛି।

ଅଣ୍ଡୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ଅତିରିକ୍ତ ସଚିବ ଥିବା ଚିତ୍ତରଞ୍ଜନ ପାତ୍ରଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ମିଳିଛି। ମୟୂରଭଞ୍ଜ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଥିବା ତୁଷାରକାନ୍ତ ମହାନ୍ତିଙ୍କୁ କଟକସ୍ଥିତ ଜମି ରେକର୍ଡ ଏବଂ ସର୍ଭେ କାର୍ଯ୍ୟାଳୟର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। କେନ୍ଦୁଝର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଥିବା ସମ୍ମିତ କୁମାର ନାୟକଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯୁଗ୍ମ ସଚିବ, ଓପିଏସ୍‌ସିର ଅତିରିକ୍ତ ସଚିବ ଥିବା ସିଓନା ମିଶ୍ରଙ୍କୁ ରାଜସ୍ୱ ପର୍ଷଦର ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ରାଜ୍ୟ ଫୁଡ୍ କମିଶନରଙ୍କ ସଦସ୍ୟ ସଚିବ ଥିବା ରାଜଶ୍ରୀ ମହାନ୍ତିଙ୍କୁ ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ, ସିଏଚ୍‌ଏସ୍‌ଇର ପ୍ରଶାସନିକ ଅଧିକାରୀ ଥିବା ଶିବାନୀ ମହାନ୍ତିଙ୍କୁ ଫୁଡ୍ କମିଶନରଙ୍କ ସଦସ୍ୟ ସଚିବ ଭାବେ ନିଯୁକ୍ତି ମିଳିଛି।

ସେହିପରି ଶିଶୁ ଅଧିକାର ସୁରକ୍ଷା କମିଶନ ସଚିବ ଥିବା ଦେବଯାନୀ ଧଳଙ୍କୁ ସିଏଚ୍‌ଏସ୍‌ଇ ପ୍ରଶାସନିକ ଅଧିକାରୀ ଭାବେ ନୂଆ ଦାୟିତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ଉପସଚିବ ଥିବା ମାନସୀ ମାନ୍ଧାତାଙ୍କୁ ସମାନ ପଦରେ ଅଣ୍ଡୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗକୁ ବଦଳି କରାଯାଇଛି। ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ପ୍ରଶାସନିକ ଅଧିକାରୀ ଥିବା ସୋନିଆ ବେହେରାଙ୍କୁ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର କମିଶନଙ୍କ ସଚିବ ଭାବେ ଦାୟିତ୍ୱ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଉପଜିଲାପାଳ ଥିବା ସଙ୍ଗୀତା ବେହେରାଙ୍କୁ ଜିଲା ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଦାୟିତ୍ୱ, ମହେନ୍ଦ୍ର ମହାପାତ୍ରଙ୍କୁ ସମ୍ବଲପୁର ଡିଆରଡିଏ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ନୀଳଗିରି ତହସିଲଦାର ମନୋରମା ଭୂୟାଁଙ୍କୁ ଭଦ୍ରକ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି।

# ଚିଟ୍‌ଫଣ୍ଡ ଘୋଟାଲା: ଚୌଦ୍ୱାରର ୩ ସ୍ଥାନରେ ସିବିଆଇ ଚଢାଉ

**ଚୌଦ୍ୱାର, ୧୨।୧୦ (ଡି.ଏନ.ଏ.)**

ଚିଟ୍‌ଫଣ୍ଡ ଘୋଟାଲାରେ ଚୌଦ୍ୱାର ଥାନା ଅନ୍ତର୍ଗତ ୩ଟି ସ୍ଥାନରେ ଶୁକ୍ରବାର ସିବିଆଇ ଚଢାଉ କରିଛି। ସିବିଆଇର ୨୦ଜଣିଆ ଟିମ୍ ଚୌଦ୍ୱାର ଥାନା ଅଧୀନ ୧୬ନଂ. ୱାର୍ଡ ଗୋଡିପାଟଣା ଗ୍ରାମର ସୁଧୀର ବେହେରା, ମନୋଜ ସୁବୁଦ୍ଧି ଓ ବାଣୀପଦା ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗ୍ରାମର ସୁବାସ ଚନ୍ଦ୍ର ଧଳଙ୍କ ଘରେ ଏକକାଳୀନ ଚଢାଉ କରିଥିଲା । ମନୋଜ ସାରଦା ଚିଟ୍‌ଫଣ୍ଡ ସଂସ୍ଥା ସହ ସଂପୃକ୍ତ ଥିବାବେଳେ ସୁଧୀର ଓ ସୁବାସ ରିୟଲ ଭିଜନ ଚିଟ୍‌ଫଣ୍ଡ ସଂସ୍ଥା ସହିତ ଜଡିତ ଥିବା ସମ୍ପର୍କରେ ଜଣାପଡିଛି। ୩ ବର୍ଷ ତଳେ ମଧ ସୁଧୀରଙ୍କ ଘରେ ସିବିଆଇ ଚଢାଉ କରିଥିଲା। ସେହିଦିନଠାରୁ ସୁଧୀର ଓ ତାଙ୍କ ପରିବାର ସଦସ୍ୟ ଉକ୍ତ ଘରେ ରହୁନଥିବାବେଳେ ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ସିବିଆଇ ଅଧିକାରୀମାନେ ବହୁ ସମୟ ଧରି ତାଙ୍କ ଘର ଆଗରେ ଅପେକ୍ଷା କରିବା ପରେ ନିରାଶ ହୋଇ ଫେରିଥିଲେ। ମନୋଜଙ୍କ ଘର ଉପରେ ସିବିଆଇ ଅଧିକାରୀମାନେ ଚଢଉ କରି ଅନେକ କାଗଜପତ୍ର ଯାଞ୍ଚ କରିବା ସହିତ କିଛି ଦସ୍ତାବିଜ ସାଙ୍ଗରେ ନେଇଯାଇଛନ୍ତି। ସେହିପରି ସୁବାସଙ୍କ ଘର ଉପରେ ସିବିଆଇ ଟିମ୍‌ର ସଦସ୍ୟମାନେ ଚଢାଉ କରିବା ସହ ସେ ପଢିଥିବା ନିଗମାନନ୍ଦ ବିଦ୍ୟାପୀଠକୁ ଯାଇ ରେକର୍ଡ ଯାଞ୍ଚ କରିଥିଲେ। ସାରଦା ଓ ରିୟଲ ଭିଜନ ଚିଟ୍‌ଫଣ୍ଡ ସଂସ୍ଥା ଲୋକଙ୍କଠାରୁ ଅର୍ଥ ତୋସରପାତ କରିଥିବା ଅଭିଯୋଗ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଉଜାଡ଼ିଦେଲା...

ପ୍ରଭାବିତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଗଜପତି ଜିଲାରେ କାନ୍ଥ ଭୁଶୁଡି ୫ ଜଣଙ୍କର ମୃତ୍ୟୁ ହୋଇଛି। ରାୟଗଡ ଓ ଗୋଷାଣି ବ୍ଲକରେ ୪ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବାବେଳେ କାଶୀନଗର ବ୍ଲକରେ ଜଣେ ଛାତ୍ରୀ ପ୍ରାଣ ହରାଇଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟର ପ୍ରାଥମିକ ରିପୋର୍ଟ ଅନୁଯାୟୀ, ପ୍ରବଳ ବର୍ଷା ଓ ପବନ ଯୋଗୁ ଗଜପତି ଜିଲାର ୭ଟି ବ୍ଲକ ପ୍ରଭାବିତ ହୋଇଥିବାବେଳେ ଗଞ୍ଜାମର ୨୨, ପୁରୀ ୬, କେନ୍ଦ୍ରାପଡା ୯, କନ୍ଧମାଳ ୬ ଏବଂ ରାୟଗଡା ଜିଲାର ୨ଟି ବ୍ଲକ ବର୍ଷା ଯୋଗୁ ପ୍ରଭାବିତ ହୋଇଛି। ୩୮ଲକ୍ଷ ୭୭ ହଜାର ୪୪ ଲୋକ ପାଣିଘେରରେ ଅଛନ୍ତି। ଗଞ୍ଜାମ, କନ୍ଧମାଳ ଓ ପୁରୀ ଜିଲାରେ ୧୫୧୪ ଘର କ୍ଷତିଗ୍ରସ୍ତ ହୋଇଛି।

ଗଞ୍ଜାମ ଜିଲାର ୮୫୬୧୨ ହେକ୍ଟର ଜମିରେ ପାଣି ମାଡିଯାଇଛି। ଗଜପତି ଜିଲାରେ ବିଦ୍ୟୁତ୍ ଓ ପରିବହନ ଯୋଗାଯୋଗ ବ୍ୟାହତ ହୋଇଛି। ବାହୁଦା ନଦୀ ଉପରେ ଥିବା କଳିଙ୍ଗଡାଳ ପୋଲ ପ୍ରବଳ ବର୍ଷା ଯୋଗୁ ଧୋଇଯାଇଛି। ଋଷିକୁଲ୍ୟା ନଦୀ ଜଳ ଆସ୍କା ଜେଲ ଭିତରକୁ ପ୍ରବେଶ କରିବା ଯୋଗୁ ଜେଲର ମୁଖ୍ୟ ଫାଟକ କ୍ଷତିଗ୍ରସ୍ତ ହୋଇଛି। ରାୟଗଡା ଜିଲାର ଅନେକ ସ୍ଥାନରେ ବଡ଼ବଡ଼ ଗଛ ଭାଙ୍ଗିପଡିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। କନ୍ଧମାଳ ଜିଲାର ବେଙ୍ଗେଡାଘାଟ ଓ ଦାରିଙ୍ଗିବାଡିରେ ପ୍ରବଳ ବର୍ଷା ଯୋଗୁ ଭୂସ୍ଖଳନ ହେବା ସହ ୪ଟି ପୋଲ ଭାସିଯାଇଛି। ବର୍ଷା ଓ ପବନ ଯୋଗୁ ୫୦୦୦ ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଥିବାବେଳେ ୧୫୪୩ ମୃତ୍ୟୁ ମୁଖରେ ପଡିଛନ୍ତି। ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ନୌ ସେନାର ସହାୟତା ଲୋଡିବା ସହ କେନ୍ଦ୍ର ସରକାରଙ୍କଠାରୁ ୨ଟି ହେଲିକପ୍ଟର ମାଗିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଦୁଇଦିନ ଧରି ପ୍ରବଳ ବର୍ଷା ଯୋଗୁ ୯ ଜିଲାରେ ୧୦୦ରୁ ୨୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କନ୍ଧମାଳରେ ସର୍ବାଧିକ ୨୩୦.୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଗଜପତି ୨୦୫.୮, କଟକ ୧୬୬.୧,ନୟାଗଡ ୧୬୧.୫, ଖୋର୍ଦ୍ଧା ୧୫୪.୭, ପୁରୀ ୧୨୮.୯, ବୌଦ୍ଧ ୧୧୮.୩, ଢେଙ୍କାନାଳ ୧୦୫.୬ ଏବଂ ଜଗତ୍‌ସିଂହପୁର ଜିଲାରେ ୧୦୫.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଦୁଇଟି ବ୍ଲକରେ ୩୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଥିବା ବେଳେ ୨୧ ବ୍ଲକରେ ୨୦୦ରୁ ୩୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। କନ୍ଧମାଳ ଜିଲାର ଜି. ଉଦୟଗିରିରେ ସର୍ବାଧିକ ୩୫୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଟକ ଜିଲାର କଣ୍ଟାପଡାରେ ୩୧୯ ମିଲିମିଟର ବର୍ଷା ହୋଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଚିବାଳୟଠାରେ ସାମୁଦ୍ରିକ ଝଡ ତିତ୍‌ଲିର ପରବର୍ତ୍ତୀ ପରିସ୍ଥିତି ସମ୍ପର୍କରେ ଗଞ୍ଜାମ, ଗଜପତି ଏବଂ ରାୟଗଡା ଜିଲାର ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି। ସମୀକ୍ଷାରୁ ଜଣାଯାଇଛି ଯେ ୩ଟି ଯାକ ଜିଲାରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ପରିସ୍ଥିତି ଉପରେ ନଜର ରଖିବା ସହିତ ବନ୍ୟା ଯୋଗୁ ବିଭିନ୍ନ ନଦୀରେ ହୋଇଥିବା ଘାଇଗୁଡିକୁ ତୁରନ୍ତ ମରମତି କରିବା, କ୍ଷତିଗ୍ରସ୍ତ ଲୋକଙ୍କୁ ନିରାପଦ ସ୍ଥାନକୁ ନେଇ ରନ୍ଧାଖାଦ୍ୟ ସହିତ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କ୍ଷତିଗ୍ରସ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟ ଶିବିର ଓ ଚକ୍ଷୁ ଚିକିତ୍ସା ଶିବିର କରି ମାଗଣାରେ ଚିକିତ୍ସା ସୁବିଧା ଏବଂ ଔଷଧ ଯୋଗାଇ ଦେବାକୁ କୁହାଯାଇଛି। ସଡକ ଯୋଗାଯୋଗ ଓ ବିଦ୍ୟୁତ ସରବରାହ ବ୍ୟବସ୍ଥାକୁ ପୁନଃସ୍ଥାପିତ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ କ୍ଷତିଗ୍ରସ୍ତ ଘର, ପଶୁସମ୍ପଦ ଓ ଅନ୍ୟାନ୍ୟ କ୍ଷୟକ୍ଷତି ସମ୍ପର୍କରେ ଆକଳନ କରି ୭ ଦିନ ମଧ୍ୟରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତିତ୍‌ଲି ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଜି.ଉଦୟଗିରି ଓ କଣ୍ଟାପଡା ବ୍ଲକରେ ୩୦୦ ମିଲିମିଟରରୁ ଊର୍ଦ୍ଧ୍ୱ ବର୍ଷା ହୋଇଛି। ଆସ୍କା ଓ ପୁରୁଷୋତ୍ତମପୁର ସହରରେ ବନ୍ୟା ପରିସ୍ଥିତି ଦେଖା ଦେଇଛି। ବର୍ତ୍ତମାନ ସୁଦ୍ଧା ୧୪ଟି ଏନଡିଆରଏଫ ଓ ୧୨ଟି ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ତଥା ରିଲିଫ ବଣ୍ଟନ ପାଇଁ ୨ଟି ହେଲିକପ୍ଟର ମଗାଯାଇଛି। ଆସନ୍ତା ୨/୩ ଦିନ ମଧ୍ୟରେ ସବୁ ସ୍ଥାନରେ ବିଜୁଳି ସରବରାହ ପୁନଃସ୍ଥାପିତ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି। ଯୁଦ୍ଧକାଳୀନ ଭିତ୍ତିରେ ଗଛ କଟାଯାଇ ରାସ୍ତା ଅବରୋଧ ଦୂର କରାଯାଉଛି। ଗୋପାଳପୁରରେ ଆନ୍ଧ୍ରପ୍ରଦେଶର ୩୦ଟି ବୋଟ୍‌ରେ ଥିବା ଲୋକଙ୍କୁ ମଧ ଉଦ୍ଧାର କରାଯାଇଛି। ଗର୍ଭବତୀ ମହିଳା ଓ ନବଜାତ ଶିଶୁମାନଙ୍କୁ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିବା ବୈଠକରେ ସୂଚନା ଦିଆଯାଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ସହାୟତା ପାଇଁ ୧୬ ଜିଲାରେ ୧୪ଟି ଏନଡିଆରଏଫ, ୨୬ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ଗଞ୍ଜାମ ଜିଲାରେ ୭ଟି ଏନଡିଆରଏଫ ଏବଂ ଓଡ୍ରାଫ ଟିମ୍ ମୁତୟନ କରାଯାଇଥିବା ବେଳେ ଗଜପତିରେ ୪, ପୁରୀରେ ୨ଟି ଏନଡିଆରଏଫ, କେନ୍ଦ୍ରାପଡାରେ ଗୋଟିଏ ଏନଡିଆରଏଫ, ଭଦ୍ରକରେ ୧, ଜଗତ୍‌ସିଂହପୁରରେ ୪, ଯାଜପୁରରେ ୧, ଖୋର୍ଦ୍ଧାରେ ୩, କଟକ ୧, ବାଲେଶ୍ୱର ୪, ମୟୂରଭଞ୍ଜ ୩, କଳାହାଣ୍ଡି ୨, ବୌଦ୍ଧ ୨, ସମ୍ବଲପୁର ୧ ଓ ରାୟଗଡାରେ ୩ଟି ଏନଡିଆରଏଫ୍ ଏବଂ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ପ୍ରଭାବିତ ଜିଲାଗୁଡିକରେ ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। ସାମୁଦ୍ରିକ ଝଡ ଅବପାତ ରୂପ ନେଇ ପୂର୍ବ ଉତ୍ତର ପୂର୍ବ ଦିଗ ଦେଇ ଆସନ୍ତା ୬ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯିବ। ତେବେ ଏହାର ପ୍ରଭାବରେ ଆସନ୍ତା ୧୨ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡା ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି।

### ଗଜପତି ଜିଲାବାସୀଙ୍କ...

ଯୋଗେ ଜଳ ଯୋଗାଣ ଠପ୍ ହୋଇପଡ଼ିଛି। ଫଳରେ ମୁନ୍ଦେ ପିଇବା ପାଣି ପାଇଁ ଜନସାଧାରଣଙ୍କୁ ଡହଳବିକଳ ହେବାକୁ ପଡୁଛି। ଅଧିକାଂଶ ଲୋକଙ୍କ ଘରେ ଦୁଇଦିନ ହେଲା ଚୁଲି ଜଳିନାହିଁ। ସେମାନେ ଚୁଡ଼ା, ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ଖାଇ ରହିଛନ୍ତି। କେତେକ ସ୍ଥାନରେ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳି ନ ଥିବାରୁ ବିପନ୍ନମାନେ ବର୍ଷା ପବନ ମାଡ଼ ସହି ପର ପିଣ୍ଡାରେ ଆଶ୍ରୟ ନେବା ସହ ଖାଲି ପେଟରେ ରାତି ବିତାଇଥିବା ଜଣାପଡ଼ିଛି। ଝଡ଼ବର୍ଷାରେ କାନ୍ଥ ଭୁଶୁଡ଼ି ୫ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ସେହିପରି ନାଳରେ ଭାସିଯାଇ ଜଣେ ନାବାଳକ ନିଖୋଜ ଥିବା ସୂଚନା ମିଳିଛି। ଜିଲାର ମୋହନା, ରାୟଗଡ଼ ଆଦି ସ୍ଥାନ ସମେତ ଗଞ୍ଜାମର ବ୍ରହ୍ମପୁରକୁ ଯୋଗାଯୋଗ ସ୍ୱାଭାବିକ ହୋଇପାରିନାହିଁ। ମହେନ୍ଦ୍ରତନୟାରେ ବନ୍ୟା ଆସିବାରୁ ପାରଳାଖେମୁଣ୍ଡି-ଆନ୍ଧ୍ର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଶୁକ୍ରବାର ଅପରାହ୍ନ ୩ଟାରେ କାଶୀନଗରଠାରେ ବଂଶଧାରା ଜଳସ୍ତର ବିପଦ ସଙ୍କେତ ଊର୍ଦ୍ଧ୍ୱରେ ଅର୍ଥାତ ୫୪.୯୫ମିଟର ରହିଥିଲା। ମହେନ୍ଦ୍ରତନୟା ନଦୀରେ ବନ୍ୟା ଆସିବା ଫଳରେ ପାରଳାଖେମୁଣ୍ଡି- ବ୍ରହ୍ମପୁର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଶହ ଶହ ହେକ୍ଟର ଚାଷଜମିରେ ବନ୍ୟା ପାଣି ମାଡ଼ିଯାଇଛି। ସେହିପରି ଚାଷଜମିଗୁଡ଼ିକରେ ବର୍ଷାଜଳ ଜମିରହିଥିବାରୁ ଫସଲ ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ଗୋଷାଣି ଓ କାଶୀନଗର ବ୍ଲକର କେରାଣ୍ଡି, ତୋଟାଗୁମୁଡା, ଅମରା, ଲିଙ୍ଗିପୁର, ସାରା, ବାରିଗାଁ, ସେବିତି, ଡାଳିମ୍ବପୁର, ଆଦି ୧୫ରୁ ଊର୍ଦ୍ଧ୍ୱ ଗ୍ରାମ ପାଣି ଘେରରେ ରହିଛି। ସେହିପରି ପାରଳାଖେମୁଣ୍ଡି ପୌରାଞ୍ଚଳର କାମାକ୍ଷୀ ନଗର, ଶ୍ରୀଧର ନଗର, ଗଜପତି ନଗର ଆଦି ଅଞ୍ଚଳରେ ୧ହଜାରରୁ ଊର୍ଦ୍ଧ୍ୱ ଘରର ୫ହଜାର ଲୋକ ଜଳବନ୍ଦୀ ହୋଇରହିଛନ୍ତି। ସେମାନଙ୍କୁ ଉଦ୍ଧା ପାଇଁ ଅଗ୍ନିଶମ ବାହିନୀ ଏବଂ ଏନ୍‌ଡିଆରଏଫ ଟିମ୍ ପ୍ରୟାସ ଚଳାଇଛି। ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ସେଞ୍ଚୁରିୟନ ୟୁନିଭର୍ସିଟି ପରିସରରେ ପାଣି ପଶିଯାଇଥିବାରୁ ଛାତ୍ରୀଛାତ୍ରମାନେ ସୁରକ୍ଷିତ ସ୍ଥାନକୁ ଚାଲିଆସିଛନ୍ତି। ଏବେସୁଦ୍ଧା ଜିଲାର ୧୩,୨୦୦ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ମୋଟ ୬ହଜାର ଲୋକଙ୍କୁ ନିକଟସ୍ଥ ସ୍କୁଲ ଓ ଆଶ୍ରୟସ୍ଥଳୀରେ ରଖାଯାଇଛି। ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଜିଲାରେ ୧୫ ଏନ୍‌ଡିଆର୍‌ଏଫ୍ ଟିମ୍ ଓ ୨୦ ଓଡ୍ରାଫ ଟିମ୍ ମୁତୟନ କରାଯାଇଛି। ଜିଲାରେ ବିଦ୍ୟୁତ ଓ ଟେଲି ସେବା ସ୍ୱାଭାବିକ ହୋଇନାହିଁ। ମୋହନା- ଓ ପାରଳାଖେମୁଣ୍ଡି ମଧ୍ୟରେ ଯୋଗାଯୋଗ ବିଛିନ୍ନ ରହିଛି। ମହେନ୍ଦ୍ରତନୟାରେ ବନ୍ୟା ଯୋଗୁ ପାରଳାଖେମୁଣ୍ଡି- ଆନ୍ଧ୍ର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ପଲାସା, ଶ୍ରୀକାକୁଲମ ରାସ୍ତା ଜଳମଗ୍ନ ହୋଇଛି। ଅନ୍ୟପକ୍ଷେ ଗୁରାଣ୍ଡି-ସାତମାଇଲ ରାସ୍ତା ଦେଇ ଗାଡ଼ି ଚଳାଚଳ ଆରମ୍ଭ କରିଥିବା ବେଳେ ଅନ୍ୟ ୫ଟି ରାସ୍ତା ବନ୍ଦ ରହିଛି। ସେହି ରାସ୍ତାଗୁଡ଼ିକରେ ପାଣିସ୍ରୋତ ଚାଲିଥିବା ଓ ଗଛ ଭାଙ୍ଗି ପଡ଼ିରହିଥିବା ଜଣାପଡ଼ିଛି। ଡି.କେ. ସିଂହଙ୍କ ନେତୃତ୍ୱରେ ଏନଡିଆର୍‌ଏଫ୍‌ଟିମ୍ ଟିମ୍ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। କାନ୍ଥ ଭୁଶୁଡ଼ି ପଡ଼ିବାରୁ ୫ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ରାୟଗଡ଼ ବ୍ଲକ ଗଣ୍ଡାହାତୀ ପଞ୍ଚାୟତ ତାଳମଣ୍ଡା ଗ୍ରାମର ସମ୍ବାରି ମଣ୍ଡଳ ଓ ରିଙ୍କୁ ଭୂୟାଁ। କାଶୀନଗର ବ୍ଲକ ଅଲଡା ପଞ୍ଚାୟତ ଡିଡିଗୁଡ଼ା ଗ୍ରାମର ବାସିନ୍ଦା ତଥା ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ରିତୁ ଶବର। ଗୋଷାଣି ବ୍ଲକ ଗାରାବନ୍ଧସ୍ଥ ଏକ କାଜୁ ଫ୍ୟାକ୍ଟ୍ରିର ୨ଜଣ ଶ୍ରମିକ କୌଶଲ୍ୟା ସେଠୀ ଓ ସତ୍ୟ ସୁନ୍ଦର ମହାପାତ୍ର। ଏହି ଶ୍ରମିକ ଦ୍ୱୟଙ୍କ ଘର ବାଲେଶ୍ୱର ଜିଲାରେ ବୋଲି ଜଣାପଡ଼ିଛି। ସେହିପରି ଗୁମ୍ମା ବ୍ଲକ ରାଗିଡ଼ି ପଞ୍ଚାୟତ ଏଙ୍ଗେରେଡା ଗ୍ରାମର ଗିଡିୟନ ଶବରଙ୍କ ପୁଅ ଉଡିତ ଶବର (୧୫) ନିକଟସ୍ଥ ଏକ ନାଳରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ତାଙ୍କର ପତ୍ତା ମିଳିପାରିନାହିଁ। ଆନ୍ଧ୍ର ସୀମାନ୍ତ ରାୟଗଡ଼ ବ୍ଲକ ଗଙ୍ଗାବାଡ ପଞ୍ଚାୟତରେ କେତେକ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ତେବେ ଏ ନେଇ ସରକାରୀ ସୂତ୍ରରୁ କିଛି ସୂଚନା ମିଳିନାହିଁ।

### ବିଚାରପତିଙ୍କୁ ...

ନ୍ୟାଶନାଲ୍ ଜୁଡିସିଆଲ୍ ଡାଟା ଗ୍ରୀଡ୍ ଅନୁସାରେ ଦେଶର ତଳ କୋର୍ଟଗୁଡ଼ିକରେ ୨.୭୭ ମାମଲା ବିଚାରାଧୀନ ଅଛି। ୨୪ ହାଇକୋର୍ଟରେ ୪.୩ ନିୟୁତ ମାମଲା ଫଇସଲା ନ ହୋଇ ପଡ଼ିରହିଛି। ସେହିପରି ସୁପ୍ରିମକୋର୍ଟରେ ୫୫, ୯୪୬ ମାମଲା ଗଡୁଥିବା ଜଣାପଡ଼ିଛି। ଏସବୁକୁ ନେଇ ସିଜେଆଇ ଗୋଗୋଇ ଏକ କାର୍ଯ୍ୟକ୍ରମରେ ଚିନ୍ତାବ୍ୟକ୍ତ କରିଥିଲେ। ଏଥିସହ ତ୍ରିସ୍ତରୀୟ ବିଚାର ପ୍ରକ୍ରିୟାରେ କୋର୍ଟଗୁଡ଼ିକ ଉପରୁ ମାମଲା ବୋଝ ହଟାଇବା ପାଇଁ ତାଙ୍କ ପାଖରେ ଏକ ଯୋଜନା ରହିଛି ବୋଲି ସେ ସୂଚନା ଦେଇଥିଲେ। ଏବେ ବିଚାରପତିମାନଙ୍କ ଛୁଟି ବାତିଲ କରି ସେ ଅଭିନବ 'ଛୁଟି ବନ୍ଦ' ସୂତ୍ର ବାହାର କରିଥିବା କୁହାଯାଉଛି। ସିଜେଆଇଙ୍କ ନୂଆ ନିର୍ଦ୍ଦେଶ ଅନୁଯାୟୀ, କୌଣସି କାର୍ଯ୍ୟଦିବସରେ କେହି ବିଚାରପତି ଛୁଟି ନେଇପାରିବେ ନାହିଁ। କେବଳ ଅତି ଜରୁରୀ କାମ ଥିଲେ ସେମାନଙ୍କୁ ଛୁଟି ମିଳିବ। ଲିଭ୍ ଟ୍ରାଭେଲ୍ କନ୍‌ସେଶନ୍ (ଏଲ୍‌ଟିସି) ପାଇଁ କେହି ବିଚାରପତି ଯୋଜନା କରିଥିଲେ ତାଙ୍କୁ ଆଗୁଆ ଜଣାଇବାକୁ ପଡ଼ିବ। ସେହିପରି କାର୍ଯ୍ୟ ଦିବସଗୁଡ଼ିକରେ ବିଚାରପତିମାନେ କୌଣସି ଆଲୋଚନାଚକ୍ର ଓ ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ପାରିବେ ନାହିଁ। କାରଣ ଏଥିଯୋଗୁ ଅଯଥା ସମୟ ନଷ୍ଟ ହେବା ସହ ମାମଲା ଶୁଣାଣିରେ ପ୍ରତିବନ୍ଧକ ସୃଷ୍ଟି ହେଉଛି।ଏହା ତଳ କୋର୍ଟରୁ ସର୍ବୋଚ୍ଚ ଅଦାଲତ ଯାଏ ଲାଗୁ ହେବ। କେହି ବିଚାରପତି ବା ବିଭାଗୀୟ ଅଧିକାରୀ ଏହାକୁ ଅବଜ୍ଞା କଲେ ତାଙ୍କ ହାତରୁ ନ୍ୟାୟିକ କାର୍ଯ୍ୟ ପ୍ରତ୍ୟାହାର କରି ନିଆଯିବ। ଏଭଳି କ୍ଷେତ୍ରରେ ହାଇକୋର୍ଟ ମୁଖ୍ୟ ବିଚାରପତିମାନେ ଅବଗତ କରାଇଲେ ସୁପ୍ରିମକୋର୍ଟ ବ୍ୟକ୍ତିଗତ ଭାବେ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ। ସେହିପରି ମାମଲାର ତ୍ୱରିତ ଶୁଣାଣି ପାଇଁ ତଳକୋର୍ଟଗୁଡ଼ିକରେ ଖାଲିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ଉପରେ ମଧ ଜଷ୍ଟିସ୍ ଗୋଗୋଇ ଗୁରୁତ୍ୱାରୋପ କରିଛନ୍ତି। ନିମ୍ନ ଅଦାଲତଗୁଡ଼ିକରେ ଫଇସଲା ଉପରେ ଦୈନନ୍ଦିନ ଭିତ୍ତିରେ ଅନୁଧ୍ୟାନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ୫ ବା ତଦୂର୍ଦ୍ଧ୍ୱ ବର୍ଷ ଧରି କୌଣସି ଆପରାଧିକ ମାମଲା ବିଚାରାଧୀନ ଥିଲେ ଶୀଘ୍ର ଶୁଣାଣି ପାଇଁ ସେଗୁଡ଼ିକୁ ତାଲିକାଭୁକ୍ତ କରିବା ପାଇଁ ମଧ ସିଜେଆଇ ଗୋଗୋଇ ନିର୍ଦ୍ଦେଶ ଦେଇଛନ୍ତି।

■ ନିମୋନିଆରେ ୨ ଶିଶୁ ମୃତ୍ୟୁ ଘଟଣା

# ଗ୍ରାମ ପରିଦର୍ଶନ କଲେ ବିଧାୟକ

■ ଏବେ ବି ଜ୍ୱରରେ ୧୦ ଆକ୍ରାନ୍ତ
■ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ

**ମାଲକାନଗିରି, ୧୨।୧୦(ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ସିନ୍ଧ୍ରିମାଳ ପଞ୍ଚାୟତର କେନ୍ଦୁଗୁଡ଼ା ଗ୍ରାମରେ ଅଜଣା ରୋଗରେ ଗତ ୬ ଦିନ ମଧ୍ୟରେ ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ୧୦ରୁ ଉର୍ଦ୍ଧ୍ୱ ଶିଶୁ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ଶୁକ୍ରବାର ଗ୍ରାମକୁ ମାଲକାନଗିରି ବିଧାୟକ ମାନସ ମାଡକାମି ଗସ୍ତ କରି ସ୍ଥିତି ସମ୍ବନ୍ଧରେ ସମୀକ୍ଷା କରିଥିଲେ । ଏହି ରୋଗରେ ଆକ୍ରାନ୍ତ ଶିଶୁମାନଙ୍କ ଘରକୁ ଯାଇ ସେ ସେମାନଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ । ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ୫ ଜଣ ଶିଶୁଙ୍କ ପରିବାରକୁ ସାକ୍ଷାତ କରି ସେମାନଙ୍କ ଚିକିତ୍ସା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

ଅନ୍ୟପକ୍ଷରେ କେନ୍ଦୁଗ୍ରାମ ଗ୍ରାମର ମହିଳାପୁରୁଷଙ୍କୁ ନେଇ ଏକ ସଚେତନତା ବୈଠକ ବସିଥିଲା। ଗ୍ରାମରେ ପରିମଳ ବ୍ୟବସ୍ଥା ସୁଧାରିବା, ମଶାରି ବ୍ୟବହାର କରିବା, ଗରମ ପାଣି ପିଇବା, ଔଷଧ ନିୟମିତ ଖାଇବା ନେଇ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ । ପଞ୍ଚାୟତ ପକ୍ଷରୁ ଉକ୍ତ ଗ୍ରାମରେ ଦୈନିକ ସନ୍ଧ୍ୟାରେ ମେଶିନ୍ ଦ୍ୱାରା ଧୂଆଁ ଛଡାଯାଉଥିବା ଗ୍ରାମବାସୀ ପ୍ରକାଶ କରିଥିଲେ। ଏଥିସହ ଏକ ଡାକ୍ତରୀ ଦଳ ପ୍ରତିଦିନ ଗ୍ରାମକୁ ଆସି ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତ ନମୁନା ସଂଗ୍ରହ କରୁଥିବା ଗ୍ରାମବାସୀ ପ୍ରକାଶ କରିଥିଲେ । ବିଧାୟକ ମାଡକାମି କହିଥିଲେ ଯେ, ଗତ ୨୦୧୬ ଠିକ୍ ଏହି ସମୟରେ ମାଲକାନଗିରି ଜିଲା ପାଲକୋଣ୍ଡା ଗ୍ରାମରେ ଜାପାନିଏନସେଫାଲାଇଟିସ୍ ରୋଗ ଦେଖା ଦେଇଥିଲା। ସେ ସମୟରେ ୧୦୦ରୁ ଉର୍ଦ୍ଧ୍ୱ ଶିଶୁଙ୍କ ଏକ ମାସ ମଧ୍ୟରେ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ସେହି ରୋଗର ଲକ୍ଷଣ ଦେଖାଯାଇ ନ ଥିଲେ ମଧ୍ୟ ଜଳବାୟୁ ପରିବର୍ତ୍ତନ ଏହି ସମୟରେ ହେଉଥିବାରୁ ଛୋଟ ପିଲାମାନଙ୍କୁ ନିମୋନିଆ ରୋଗ ହେବାର ସମ୍ଭାବନା ଥାଏ । ତେଣୁ ଏହି ସମୟରେ ପରିବାର ଲୋକେ ଶିଶୁମାନଙ୍କ ପ୍ରତି ସତର୍କତା ଅବଲମ୍ବନ କରିବା ଉଚିତ।

ସୂଚନାଯୋଗ୍ୟ ଯେ, କେନ୍ଦୁଗୁଡା ଗ୍ରାମରେ ଗ୍ରାମର ଶୁକ୍ରା ମାଡ଼କାମିଙ୍କ ୨ ବର୍ଷର ଝିଅ ଲିଜା ମାଡ଼କାମିଙ୍କୁ ଜ୍ୱର ହେବା ପରେ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଶନିବାର ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମାଲକାନଗିରି ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ଆଉ ଏକ ୩ ବର୍ଷର ଝିଅ ସୁନାଲି ମାଲକାନଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେହିଭଳି ଦେବା ପଡ଼ିଆମିଙ୍କ ୩ ବର୍ଷର ଝିଅ ଇନ୍ଦୁ ପଡ଼ିଆମି ନିମୋନିଆରେ ପୀଡ଼ିତ ହୋଇ ମାଲକାନଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେବେ ପରିବାର ଲୋକେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନ ଜଣାଇ ଡାକ୍ତରଖାନାରୁ ଯାଇ କୋରୁକୋଣ୍ଡା ଅଞ୍ଚଳର ଜଣେ ଗୁଣିଆଙ୍କ ନିକଟରେ ଝଡ଼ାଫୁଙ୍କା କରିଥିଲେ। ସେଠାରେ ଇନ୍ଦୁଙ୍କ ମୃତ୍ୟୁ ହୋଇଥିଲା। ସେହପରି ସେହି ଗ୍ରାମର ଲକ୍ଷ୍ମଣ ମାଡ଼କାମିଙ୍କ ୧ ବର୍ଷର ପୁଅ ରୁଦ୍ର, ନନ୍ଦା ମାଡ଼କାମିଙ୍କ ୫ ବର୍ଷର ଝିଅ ନନ୍ଦିନୀ, ରଘୁ ମାଡ଼କାମିଙ୍କ ୩ ବର୍ଷର ଝିଅ ମୋତି ଓ ୪ ବର୍ଷର ଝିଅ ତୁଳସୀ, ରଘୁ ମାଡ଼କାମିଙ୍କ ଦେଢ଼ ବର୍ଷର ପୁଅ ରାଜୁ , ବାସୁ ମାଡ଼ିଙ୍କ ୪ ବର୍ଷର ପୁଅ, ୨ ଓ ଏକ ବର୍ଷର ୨ ଜଣ ଝିଅଙ୍କ ସମେତ ଅନ୍ୟ କିଛି ଶିଶୁ ଜ୍ୱରରେ ପୀଡ଼ିତ ହୋଇ ବର୍ତ୍ତମାନ ସୁଦ୍ଧା ମାଲକାନଗିରିରେ ଚିକିତ୍ସାଧୀନ ଅଛନ୍ତି। ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନେ ପ୍ରତିଦିନ ଏହି ଗ୍ରାମର ଶିଶୁମାନଙ୍କ ଚିକିତ୍ସା କରୁଛନ୍ତି। ଶୁକ୍ରବାର ବିଧାୟକ ମାଡକାମିଙ୍କ ସହ ବିଜେଡି ମିଡିଆ ସେଲ୍ ଜିଲା ସଂଯୋଜକ ସଦାନନ୍ଦ ଖରା, ବିଜୟ ଦଣ୍ଡସେନା, ଉଜମଲ କୁମାର ସତ୍‌ମାଲ, ସତ୍ୟ ପ୍ରକାଶ ସ୍ୱାଇଁ ଏବଂ ସ୍ୱାସ୍ଥ୍ୟକର୍ମୀ ମାନେ ଉପସ୍ଥିତ ଥିଲେ।



ବିଧାୟକ ଏକ ପରିବାରରେ ପିଲାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝୁଛନ୍ତି ।

# ପୋଲିସ-ମାଓବାଦୀ ଗୁଳି ବିନିମୟ: ୨ ମାଓବାଦୀ ମୃତ

**ମାଲକାନଗିରି, ୧୨।୧୦(ଡି.ଏନ.ଏ.)**

ଲାଲବାହିନୀକୁ ଦମନ କରିବା କ୍ଷେତ୍ରରେ ଶୁକ୍ରବାର ମାଲକାନଗିରି ଜିଲା ପୋଲିସକୁ ସଫଳତା ମିଳିଛି । ପୋଲିସ, ଏସଓଜି, ଡିଭିଏଫ ଓ ଆନ୍ଧ୍ର ଗ୍ରେହାଉଣ୍ଡର ୨ଟି ସ୍ଥାନରେ ମିଳିତ ଅପରେଶନ ବେଳେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି।

ଖବରରୁ ଜଣାପଡିଛି ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ଅଣ୍ଡାପାଲି ନିକଟସ୍ଥ ଜଙ୍ଗଲରେ ଗୁରୁବାର ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲ କମିଟିର ଏକ ବୈଠକ ଚାଲିଥିବା ପୋଲିସକୁ ଖବର ମିଳିଥିଲା। ପରେ ଓଡ଼ିଶା-ଆନ୍ଧ୍ର ପକ୍ଷରୁ ମିଳିତ ଭାବେ ଅପରେଶନ କରାଯାଇଥିଲା । ଯବାନମାନଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ଏହାର ପ୍ରତିଜବାବରେ ପୋଲିସ ପକ୍ଷରୁ ମଧ୍ୟ ପାଲଟା ଗୁଳିଚାଳନା କରାଯାଇଥିଲା । ପ୍ରାୟ ୨ ଘଣ୍ଟା ଧରି ଉଭୟପକ୍ଷ ମଧ୍ୟରେ ଗୁଳି ଚାଳନା ହୋଇଥିଲା। ପରେ ଯବନାଙ୍କ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳ ତଲାସୀ ବେଳେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଥିଲା। ତାଙ୍କ ନାମ ଆନ୍ଧ୍ର ଡିସିଏମ ମୀନା। ସେ ଓଡ଼ିଶା ବର୍ଡର ଜୋନାଲ କମିଟିର କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ମଧ୍ୟ ସଂପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି। ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି। ଯବାନମାନେ ଫେରିବା ପରେ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି ମାଲକାନଗିରି ଏସ.ପି. ଜଗମୋହନ ମୀନା କହିଛନ୍ତି।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲାରେ ପୋଲିସ ମାଓବାଦୀ ଗୁଳି ବିନିମୟରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି । ସୁକୁମା ଜିଲା ଏସପି ଅଭିଷେକ ମୀନାଙ୍କ ସୂଚନା ଅନୁଯାୟୀ ଛତିଶଗଡ଼ର ଚନ୍ଦାମେଟା ଜଙ୍ଗଲ ନିକଟରେ ଶୁକ୍ରବାର ଏକ ମାଓବାଦୀ ଶିବିର ଚାଲିଥିବା ଖବର ପାଇ ଡିଆରଜି ଓ ଏସଟିଏଫ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇଥିଲା । ଉଭୟପକ୍ଷ ମଧ୍ୟରେ ଗୁଳି ବିନିମୟ ବେଳେ ଜଣେ ମାଓବାଦୀ ମିଲିସିଆ କମାଣ୍ଡର କବାସୀ ଦେବାଙ୍କ ମୃତ୍ୟୁ ଘଟିଛି ବୋଲି ସୁକୁମା ଏସପି କହିଛନ୍ତି।

# ବିଶ୍ୱ ମାନସିକ ଦିବସ ପାଳିତ

**ନବରଙ୍ଗପୁର, ୧୨।୧୦(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଶାକିରଣଠାରେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାଜଜ ରାଜେନ୍ଦ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ଅନ୍ୟ ଅତିଥି ଭାବେ ବରିଷ୍ଠ ଦେୱାନି ଜଜ ଚୌଧୁରୀ ପ୍ରବୀର କୁମାର, ରେଜିଷ୍ଟର ମନୋରଞ୍ଜନ ଦାସ, ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଗୁରୁଚରଣ ଜେନାମଣି, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟରଞ୍ଜନ ନାୟକ, ଜଗନ୍ନାଥ ବେହେରା, ପ୍ରିନ୍ସିପାଲ, ଆଶାକିରଣ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଆଇନଜୀବୀ ଉମାଶଙ୍କର ତ୍ରିପାଠୀ ଯୋଗ ଦେଇଥିଲେ। ଏହି ସଚେତନତା ଶିବିରରେ ଆଶାକିରଣର ବହୁ ଦିବ୍ୟାଙ୍ଗ ପିଲାମାନେ ଉପସ୍ଥିତ ଥିଲେ। ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା ସଭାପତିତ୍ୱ କରିଥିଲେ। ଦିବ୍ୟାଙ୍ଗ ପିଲାମାନଙ୍କ ସୁବିଧା ଅସୁବିଧା ଜିଲାଜଜ ରାଜେନ୍ଦ୍ର ପାଣିଗ୍ରାହୀ ବୁଝିଥିଲେ। ସେମାନଙ୍କୁ କିପରି ସରକାରଙ୍କ ତରଫରୁ ବିଭିନ୍ନ ସହାୟତା ମିଳିପାରିବ ସେ ବିଷୟ ନେଇ ଆଲୋଚନା କରିବା ସହ ଶୀତବସ୍ତ୍ର ଓ ଫଳ ପ୍ରଦାନ କରିଥିଲେ। ଜଗନ୍ନାଥ ବେହେରା ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରାଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା।

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଖଇରପୁଟ,୧୨।୧୦(ଡି.ଏନ.ଏ.)**

ଖଇରପୁଟ ବ୍ଲକ ସଦରମହକୁମାସ୍ଥିତ ଆଶ୍ରମ ବିଦ୍ୟାଳୟରେ ଗତ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବରୁ ଅନୁଷ୍ଠିତ କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମର ପ୍ରତ୍ୟେକ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଭାଗ ନେଇଥିଲେ। ବ୍ଲକ ସହ ଶିକ୍ଷାଧିକାରୀ ନବୀନ ଚନ୍ଦ୍ର ଖରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏବଂ ଛାତ୍ରୀଛାତ୍ରଙ୍କ ମନୋବଳ ଦୃଢ଼ କରିବା ହିଁ ସୁରଭିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୁଖ୍ୟଅତିଥି ଖରା କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ସୁନ୍ଦର ହସ୍ତାକ୍ଷର, କୁଇଜ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାର ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷାଧିକାରୀ ଶିବାନୀ ମୁଦୁଲି, ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ନାୟକ, ଦେବରାଜ ସେଠୀ ଏବଂ ବ୍ଲକର ସମସ୍ତ ଆଞ୍ଚଳିକ ସାଧନ କର୍ମୀ ଉପସ୍ଥିତ ଥିଲେ।




20



ଅଂହକୁ ଯେତିକି ଦୂରରେ ରଖିବ ତୁମର ଜ୍ଞାନର ବା ଦର୍ଶନର ସୀମା ସେତିକି ବିସ୍ତାର ହେବ।

- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ



### ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ

ସୁନାବେଡ଼ା,୧୨।୧୦-ସୁନାବେଡ଼ାସ୍ଥିତ ଶହୀଦ୍ ବାଜି ରାଉତ ସାଂସ୍କୃତିକ ପରିଷଦ ପକ୍ଷରୁ ହାଲ୍‌ର ୟୁ ଜୋନ ହନୁମାନ ମନ୍ଦିର ପରିସରରେ କମଳ ଲୋଚନ ପ୍ରଧାନଙ୍କ ସଭାପତିତ୍ୱରେ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ବେଣୁଧର ସାହୁ, ଦିଗାମ୍ବର ପ୍ରଧାନ, ସନ୍ତୋଷ ମିଶ୍ର, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାଜି ରାଉତଙ୍କ ବଳିଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରକାଶ ଚନ୍ଦ୍ର ବେହେରା, ସରୋଜ ତ୍ରିପାଠୀ , ମଧୁସୁଦନ ପ୍ରଧାନ ବାଜି ରାଉତଙ୍କ ଜୀବନୀ ସମ୍ବଳିତ କବିତା ପାଠ କରିଥିଲେ। ସୁଶୀଲ ନାୟକ, ଗଣେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜେଶ ଜେନାମଣି ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦ ତରଫରୁ ସୁନାବେଡ଼ା ସରକାରୀ ଡାକ୍ତରଖାନାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

### ପାଣିଘେରରେ ଥିବା ବୃଦ୍ଧଙ୍କ ମୃତ୍ୟୁ

ଗୁଣପୁର,୧୨।୧୦(ଡ଼ି.ଏନ.ଏ): ଗୁଣପୁର ଗାନ୍ଧୀ ନଗରସ୍ଥିତ ପିଜୁଳି ତୋଟାରେ ରହୁଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଗୋପୀନାଥ ରଙ୍ଗୁଲି । ସେ ବର୍ଷା ପାଣି ଘେରରେ ସେ ରହିଯାଇଥିଲେ । ଜଳବନ୍ଦୀ ଭିତରେ ନ ଖାଇ ନ ପିଇ ରହିଥିଲେ । ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି ।

### ଚିତ୍ରାଙ୍କନ, ହସ୍ତଶିଳ୍ପ ପ୍ରତିଯୋଗିତା

### ରାଜ୍ୟସ୍ତରକୁ ଚୟନ ହେଲେ ପଟ୍ଟାଙ୍ଗି ସରପଞ୍ଚ



ପଟ୍ଟାଙ୍ଗି,୧୨।୧୦(ଡି.ଏନ୍.ଏ.): ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଗୁରୁବାର ଆୟୋଜିତ ଦିନିକିଆ ଆଦିବାସୀ ଚିତ୍ରାଙ୍କନ ଓ ହସ୍ତଶିଳ୍ପ ପ୍ରତିଯୋଗିତାରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଚିତ୍ରକାର ଅଂଶଗ୍ରହଣ କରି ନିଜ କଳା ପ୍ରଦର୍ଶନ କରିଛନ୍ତି। ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ମନୋରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳଙ୍କ ଅନୁମୋଦନ କ୍ରମେ ପ୍ରତିଯୋଗିତାରୁ ୩ ଜଣଙ୍କୁ ଚୟନ କରି ରାଜ୍ୟସ୍ତରକୁ ପଠାଇଛନ୍ତି। ସେଥିରେ ପଟ୍ଟାଙ୍ଗି ସରପଞ୍ଚ ଭଗବାନ ଖରା ପ୍ରଥମ ସ୍ଥାନ ଗ୍ରହଣ କରି ମୁଖ୍ୟ ଅତିଥିଙ୍କଠାରୁ ମାନପତ୍ର ଗ୍ରହଣ କରିଛନ୍ତି। ସେହିପରି ଦ୍ୱିତୀୟ ସ୍ଥାନ ଗେଟ ସାହିର କୁନା ଜାନି ଏବଂ ହସ୍ତଶିଳ୍ପରେ ମାଛକୁଣ୍ଡ ବାଇରିପଦା ଗ୍ରାମର ଧନୁ ମୁଦୁଲି ପ୍ରଥମ ଓ କୁନା ଜାନି ଦ୍ୱିତୀୟ ସ୍ଥାନ ଗ୍ରହଣ କରି ରାଜ୍ୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଚୟନ ହୋଇଛନ୍ତି। ପଟ୍ଟାଙ୍ଗି ସଦର ପଞ୍ଚାୟତ ବଡଗାଁର ଆଦିବାସୀ ଯୁବକ ଭଗବାନ ଖରା ପାରମ୍ପରିକ ଜୀବନ କାଟୁଥିବା ଗ୍ରାମାଞ୍ଚଳର ଲୋକଙ୍କ ଉପରେ ଚିତ୍ର ଆଙ୍କି ଏହି ସଫଳତା ପାଇଛନ୍ତି। ରାଜନୀତି ସହ ଚିତ୍ରକଳାର ଚମତ୍କାର ସମନ୍ୱୟ ରକ୍ଷାକରି ସେ ନିଜ ଅଞ୍ଚଳରେ ବେଶ୍ ଲୋକପ୍ରିୟ ହୋଇପାରିଛନ୍ତି।

# କୋଟିଏ ଟଙ୍କା ଠକି ରୋଜା ଟ୍ରେଡର୍ସ ମାଲିକ ଛୁ

- ରିହାତି ଦରରେ ସାମଗ୍ରୀ ଦେବା ନାଁରେ ରଚିଥିଲା ଚାଲ
- ଶତାଧିକ ଗ୍ରାହକ ବୋରିଗୁମ୍ମା ଥାନା ଦ୍ୱାରସ୍ଥ

ବୋରିଗୁମ୍ମା,୧୨।୧୦(ଡି.ଏନ୍.ଏ)

କୋରାପୁଟ ଜିଲା ବୋରିଗୁମ୍ମା ସ୍ଥାନୀୟ ହାଟପଦାଠାରେ ନୂତନ ଭାବେ ଖୋଲିଥିବା ରୋଜା ଟ୍ରେଡର୍ସ ରିହାତି ଆଳରେ ଶତାଧିକ ଗ୍ରାହକଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଉକ୍ତ ଟଙ୍କା ନେଇ ସଂସ୍ଥାର ମାଲିକ ଫେରାର ହୋଇଯାଇଛନ୍ତି। ଠକାମୀର ଶିକାର ଗ୍ରାହକମାନେ ବୋରିଗୁମ୍ମା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ତାମିଲନାଡୁର ଏକ ବ୍ୟବସାୟୀ ଗୋଷ୍ଠୀ ଗତ ମାସରେ ରୋଜା ଟ୍ରେଡର୍ସ ନାମରେ ଘରୋଇ ଉପକରଣ ସାମଗ୍ରୀ ୫୦ ପ୍ରତିଶତ ରିହାତିରେ ଗ୍ରାହକଙ୍କୁ ଦେବାକୁ ପ୍ରତିଶ୍ରୁତି ଦେଇ ବ୍ୟବସାୟ ଆରମ୍ଭ କରିଥିଲେ। ପ୍ରଥମେ ଉପକରଣ ନେବା ପାଇଁ ରିହାତି ପରେ ଯାହା ମୂଲ୍ୟ ରହିବ ତାହା ଆଗୁଆ ପୈଠ କରିବାକୁ ଗ୍ରାହକଙ୍କୁ କୁହାଯାଇଥିଲା । ଦଶଦିନ ପରେ ସାମଗ୍ରୀ ଦିଆଯିବ ବୋଲି ମଧ୍ୟ ସଂସ୍ଥା କହିଥିଲା।



ଥାନାରେ ଅଭିଯୋଗପତ୍ର ଦେବାକୁ ଆସିଥିବା ଠକାମୀର ଶିକାର ହୋଇଥିବା ଗ୍ରାହକମାନେ।

ଗ୍ରାହକଙ୍କୁ ପଞ୍ଜୀକରଣ ରସିଦ୍ ମଧ୍ୟ ଦେଇଥିଲା। ଗ୍ରାହକଙ୍କଠାରେ ବିଶ୍ୱାସ ଜନ୍ମେଇବା ପାଇଁ ପ୍ରଥମ ଏବଂ ଦ୍ୱିତୀୟ କିସ୍ତିରେ ସାମଗ୍ରୀ ଦେଇଥିଲା। ୧୫ ଦିନ ମଧ୍ୟରେ ଗୁରୁବାର ପର୍ଯ୍ୟନ୍ତ ଶତାଧିକ ଗ୍ରାହକ ନାମ ପଞ୍ଜୀକରଣ କରିବା ସହ ଟଙ୍କା ପୈଠ କରିଥିଲେ। ଗ୍ରାହକମାନେ ପାଖାପାଖି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଏହି ଟ୍ରେଡର୍ସ ନିକଟରେ ପୈଠ କରିଛନ୍ତି। ଶୁକ୍ରବାର ସକାଳେ ଗ୍ରାହକମାନେ ସାମଗ୍ରୀ ପାଇଁ ଏବଂ କିଛି ଗ୍ରାହକ ନାମ ପଞ୍ଜୀକରଣ ନେଇ ଉକ୍ତ ସଂସ୍ଥା କାର୍ଯ୍ୟାଳୟ ନିକଟରେ ଭିଡ଼ ଜମାଇଥିଲେ। ବହୁ ସମୟ ଅପେକ୍ଷା ପରେ ଉକ୍ତ ସଂସ୍ଥା କାର୍ଯ୍ୟାଳୟ ଖୋଲା ହୋଇ ନ ଥିଲା। ଏହାପରେ ଉକ୍ତ ସଂସ୍ଥାର ମାଲିକ ରହୁଥିବା ଭଡ଼ା ଘରକୁ ଗ୍ରାହକମାନେ ଯାଇଥିଲେ। ସେଠାରେ ମଧ୍ୟ ତାଲା ପଡ଼ିଥିଲା। ଏ ସମ୍ପର୍କରେ ଶତାଧିକ ଗ୍ରାହକ ବୋରିଗୁମ୍ମା ଥାନାରେ ପୃଥକ୍ ପୃଥକ୍ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ। ଘଟଣାର ତଦନ୍ତ କରାଯିବ ବୋଲି ଥାନା ଏସ୍‌ଆଇ ଅନସୂୟା ନାୟକ କହିଛନ୍ତି। ଉକ୍ତ ସଂସ୍ଥା ଥାନାଠାରୁ ମାତ୍ର ୨ ଶହ ମିଟର ଦୂରରେ ରହିଥିବାବେଳେ ପୋଲିସ ଏହାର କାର୍ଯ୍ୟକଳାପ ଉପରେ କିପରି ନଜର ରଖି ପାରିନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଅନ୍ୟପଟେ ବହୁ ଚର୍ଚ୍ଚିତ ଚିଟ୍ ଫଣ୍ଡ ଠକେଇ ପରେ ଲୋକମାନେ ସଚେତନ ନ ହେବା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି।



ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବରେ ଲକ୍ଷ୍ମୀପୁର ବିଧାୟକ ଓ କୋରାପୁଟ ଏମ୍‌ପିଙ୍କ ସହ ଅନ୍ୟମାନେ।

- ଆଶା ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ

# ‘ଶିଶୁଙ୍କୁ ଖେଳରେ ଗୁଣାତ୍ମକ ଶିକ୍ଷା ମିଳୁ’

କୋରାପୁଟ/ନାରାୟଣପାଟଣା, ୧୨।୧୦(ସ୍ୱ.ପ୍ର./ଡି.ଏନ୍.ଏ.)

ଶିଶୁମାନଙ୍କୁ ଖେଳ ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ଦେବା ଜରୁରୀ। ନାରାୟଣପାଟଣା ସ୍ଥିତ ଆଶା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ଅତିଥି ଭାବେ ଯୋଗଦେଇ ଲକ୍ଷ୍ମୀପୁର ବିଧାୟକ କୈଳାସ କୁଲେସିକା ଓ କୋରାପୁଟ ଏମ୍‌ପି ଝିନ୍ନ ହିକ୍କା କହିଛନ୍ତି। ବିଦ୍ୟାଳୟର ପ୍ରତିଷ୍ଠାତା ଏସ୍. ଅରୁଣ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟ ଅତିଥିଙ୍କ ମଧ୍ୟରେ ନାରାୟଣପାଟଣା ଥାନା ଅଧିକାରୀ ସମ୍ବିତ କୁମାର ସ୍ୱାଇଁ, ମେଡିକାଲ ଅଧିକାରୀ ରୁଦ୍ର ବାଘ, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା, ଜିଲା ପରିଷଦ ସଭ୍ୟ ଲଳିତ ନାରାୟଣ ପରିଡ଼ା ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସଭାପତି କେ. ସାୟାରାଜୁ, ସଂପାଦକ ଦୟାନିଧି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପିଲାଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏବିଇଓ, ସିଆରସିସିଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ

ବିଷମକଟକ,୧୨।୧୦(ଡ଼ି.ଏନ.ଏ)

ରାୟଗଡା ଜିଲା ବିଷମକଟକ ଡ଼ିଆଇଇଟିରେ ଚାଲିଥିବା ଏବିଇଓ ଓ ସିଆରସିଏସଙ୍କ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ୪ଟି ପର୍ଯ୍ୟାୟରେ ୧୧ଟି ବ୍ଲକରୁ ୧୪୯ ଜଣ ଏବିଇଓ ଓ ସିଆରସିସି ଯୋଗ ଦେଇଥିଲେ । ଜିଲାରେ ଶିକ୍ଷାର ମାନ ବୃଦ୍ଧି ପାଇଁ ତୃଣମୂଳ ସ୍ତରରେ ପଦକ୍ଷେପ ଗ୍ରହଣ କରିବା ନେଇ ତାଲିମ ଦିଆଯାଇଥିଲା । ଏଥିରେ ଡ଼ିଆଇଇଟି ଅଧ୍ୟକ୍ଷ ଯୁଗଳ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଜିଲାପାଳ ଗୁହା ପୁନମ ତାପସ କୁମାର ମୁଖ୍ୟଅତିଥି ରୂପେ ଯୋଗ ଦେଇ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲାରେ ଶିକ୍ଷାର ବିକାଶ ହେବ । ନୂତନ ଭାବେ ଜିଲାକୁ ଅନ୍ଧାରରୁ ଆଲୋକର ଶିଖା ଦେଖେଇବା ପାଇଁ ସମସ୍ତ ଶିକ୍ଷକମାନଙ୍କୁ ନିବେଦନ କରିଥିଲେ। ରାଜ୍ୟ ଖଦିବୋର୍ଡ଼ ସଦସ୍ୟ ପୃଥୀରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀ ଜେନା ,ଜୟମାଲ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ଶେଷରେ ଶିକ୍ଷକ ପ୍ରଶିକ୍ଷକ ରାମକୃଷ୍ଣ ଦାଶ ଧନ୍ୟବାଦ ଦେଇଥିଲେ। କମଳାକାନ୍ତ ପାଢ଼ୀ, ମନୋଜ ପଟ୍ଟନାୟକ , କେ ହୃଷିକେଶ କୋଣ୍ଡାଗରୀ , ହରିହର ପ୍ରସାଦ ତୁଲା ପ୍ରମୁଖ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

### ୨ ଗାଁକୁ ପ୍ରଶାସନିକ ଅଣଦେଖା ଅଭିଯୋଗ

ଦାମନଯୋଡ଼ି,୧୨।୧୦(ଡି.ଏନ୍.ଏ)

ଦାମନଯୋଡ଼ି ଶିଳ୍ପାଞ୍ଚଳ ଅନ୍ତର୍ଗତ ଚମ୍ପା ପଦର ଏବଂ ଖରାଗୁଡ଼ା ବାସିନ୍ଦା ପ୍ରଶାସନିକ ଅବହେଳାର ଶିକାର ହେଉଛନ୍ତି। ଏଥିପାଇଁ ବାସିନ୍ଦା ନାନା ସମସ୍ୟାରେ ଗତି କରୁଥିବା କହିଛନ୍ତି। ଗତ କିଛି ବର୍ଷ ପୂର୍ବେ ଚମ୍ପାପଦର ଏବଂ ଖରାଗୁଡ଼ା ଗ୍ରାମକୁ ନାଲ୍‌କୋ ଆସ୍ ପଣ୍ଡର ବିଷାକ୍ତ ପାଣି ଚାଷ ଜମି ଏବଂ ଗ୍ରାମ ଆଡକୁ ଗତି ପ୍ରବେଶ କରିବା ଦ୍ୱାରା ବାସିନ୍ଦା ଅନେକ କ୍ଷତି ସହିଛନ୍ତି। ଏହାସହ କଷ୍ଟିକ୍ ଆସ୍ ପାଉଡର ଉଡ଼ି ଚମ୍ପାପଦର ଏବଂ ଖରାଗୁଡ଼ା ଅଞ୍ଚଳରେ ବହୁକ୍ଷତି କରୁଥିବା ବେଳେ ବାସିନ୍ଦା ବିଭିନ୍ନ ପ୍ରକାର ରୋଗରେ ପଡୁଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରଭାବିତ ଲୋକଙ୍କୁ ବିସ୍ଥାପିତ କରାଯାଇଥିଲା। ମଛଲିଗୁଡ଼ା ଏବଂ ଦାମନଯୋଡ଼ି କଣ୍ଟାବାଉଁଶୁଣୀ ମନ୍ଦିର ଅଞ୍ଚଳରେ ଲୋକଙ୍କୁ ବସବାସ କରିବା ପାଇଁ ନାଲ୍‌କୋ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ସେହି ସମୟରେ ଖରାଗୁଡ଼ା , କୋରାପୁଟ ବ୍ଲକ୍ ପଦମପୁର ପଞ୍ଚାୟତ ଏବଂ ଚମ୍ପାପଦର, ଦଶମନ୍ତପୁର ମୁଜାଙ୍ଗି ପଞ୍ଚାୟତ ଅନ୍ତର୍ଗତ ଥିଲା। କିନ୍ତୁ ବର୍ତ୍ତମାନ ଖରାଗୁଡ଼ା ଏବଂ ଚମ୍ପାପଦର ନାଲ୍‌କୋର ବିସ୍ଥାପନ ଦ୍ୱାରା ଗୋଟିଏ ଜାଗାରେ ଦୁଇଟି ଗ୍ରାମ ସ୍ଥାପିତ ହୋଇଛି। ଏମାନଙ୍କ ମଧ୍ୟରୁ ଅନେକ ସମସ୍ୟାରେ ପଡ଼ି ପଦ୍ମପୁର ପଞ୍ଚାୟତ ଏବଂ ଅଧାଲୋକ ସରକାରୀ କାର୍ଯ୍ୟ ପାଇଁ ଦଶମନ୍ତପୁର ଯାଉଥିବାରୁ ସେମାନଙ୍କୁ ବହୁ ଦୂର ହେଉଛି। ସେଠାରେ ଆଶା କର୍ମୀ ନିଯୁକ୍ତି ହୋଇ ନାହାନ୍ତି। ଲୋକମାନେ କେଉଁ ପଞ୍ଚାୟତରେ ବସବାସ କରୁଛନ୍ତି ତାହା ମଧ୍ୟ ସେମାନଙ୍କୁ ଜଣାନାହିଁ। ନାଲ୍‌କୋ ବିସ୍ଥାପିତ ଲୋକାମାନେ ନାଲ୍‌କୋ ଟାଉନସିପ୍‌କୁ ନେଇ ଗଠିତ ମରିଚମାଳ ପଞ୍ଚାୟତରେ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା ବାସିନ୍ଦା ଦାବି କରୁଛନ୍ତି । ସରାକର ଯଦି ଏହି ସମସ୍ୟା ଯଥାଶୀଘ୍ର ଆଗାମୀ ଦିନରେ ସାମାଧାନ ନ କରନ୍ତି ତାହାହେଲେ ବାସନ୍ଦା ରାଜରାସ୍ତାକୁ ଓହ୍ଲାଇବେ ବୋଲି ବାସିନ୍ଦା ଭଗବାନ ଖରା, ନରସିଂହ ମାଝି, ରାମ ଖରା, ମଧୁଖିନ୍‌ବୁଡ଼ି, ଦୁର୍ଲ୍ଲଭ ନାୟକ, ଜଗନ୍ନାଥ ଖରା, ରେବତୀ ଖରା, କୌଶଲ୍ୟା ଖିନ୍‌ବୁଡ଼ି ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସୁନାବ୍ୟବସାୟୀଙ୍କ ଆତ୍ମହତ୍ୟା

- ଋଣ, ବ୍ୟବସାୟରେ କ୍ଷତି ଯୋଗୁ ନିରାଶ ଥିଲେ

ଜୟପୁର,୧୨।୧୦(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହରର ମୁଖ୍ୟରାସ୍ତା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ସମ୍ମୁଖରେ ରହୁଥିବା ସୁନା ବ୍ୟବସାୟୀ ଏମ୍. ରାମକ୍ରିଷ୍ଣା (୫୪) କେନାଲକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଗତ ଗୁରୁବାରଠାରୁ ସେ ନିଖୋଜ ଥିଲାବେଳେ ପରିବାର ଲୋକ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ଶୁକ୍ରବାର ପୂର୍ବାହ୍ନରେ କୋଲାବ କେନାଲର ପାଣି ପ୍ରବାହ ବନ୍ଦ କରାଯିବା ପରେ ହାତୀଶାଳ କେନାଲ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ସେ ବ୍ୟାଙ୍କରୁ ଋଣ ଆଣି ସୁନା ବ୍ୟବସାୟ କରୁଥିଲେ। ତେବେ ବ୍ୟବସାୟରେ କ୍ଷତି ଏବଂ କରଜ ଅଧିକ ହୋଇଥିବା ବେଳେ ବ୍ୟାଙ୍କ ପକ୍ଷରୁ ବାରମ୍ବାର ନୋଟିସ୍ ପାଇ ସେ ହତାଶ ହୋଇ ଶେଷରେ ଜୀବନ ହାରିଥିବା ପ୍ରାଥମିକ ତଦନ୍ତ ବେଳେ ପୋଲିସ କହିଛନ୍ତି ରାମକ୍ରିଷ୍ଣାଙ୍କ ପରିବାର ଲୋକେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଏସ୍‌ଆଇ ତପନ କୁମାର ନାହାକ ସୂଚନା ଦେଇଛନ୍ତି।

# କୁନ୍ଦୁରା ବ୍ଲକ୍‌ରେ ଭାଲୁ ଭୟ

କୁନ୍ଦୁରା, ୧୨।୧୦(ଡି.ଏନ୍.ଏ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍‌ର ବିଭିନ୍ନ ଜନବସତି ଅଞ୍ଚଳରେ ଭାଲୁଙ୍କ ଚଳପ୍ରଚଳ ଦେଖିବାକୁ ମିଳୁଛି। ସର୍ବସାଧାରଣ ସ୍ଥାନରେ ଭାଲୁଙ୍କ ଯାତାୟାତକୁ ନେଇ ଲୋକମାନେ ଭୟଭୀତ ଅଛନ୍ତି। କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଡ଼ଙ୍ଗରପାଉଁଶୀ ଗ୍ରାମପଞ୍ଚାୟତ ଡ଼ଙ୍ଗରପାଉଁଶୀ, ଭେଜାହାଣ୍ଡି, ବେଢ଼ାପାଉଁଶୀ, ଦୋରାଗୁଡ଼ା, ମୁଣ୍ଡିଗୁଡ଼ା ଏବଂ ଫୁପୁଗାଁ ଗ୍ରାମପଞ୍ଚାୟତର ଯୁବାପାତ୍ରପୁଟ, କରଣଗୁଡ଼ା, ଶୁଣ୍ଢିଗୁଡ଼ା, ଫୁପୁଗାଁରେ ଏକ ସମୟରେ କେଉଁଠି ଦୁଇଟି ତ ଆଉ କେଉଁଠି ତିନୋଟି ଭାଲୁଙ୍କ ଚଳପ୍ରଚଳ ଦେଖିବାକୁ ମିଳୁଛି। ପ୍ରାୟ ଏକ ସପ୍ତାହ ହେବ ଡ଼ଙ୍ଗରପାଉଁଶୀ ଏବଂ ଯୁବାପାତ୍ରପୁଟ ଅଞ୍ଚଳ ଗାଁ ଭିତରେ ଭାଲୁ ପଶୁଛନ୍ତି। ଭାଲୁମାନେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଥିବା ବାସିନ୍ଦା କହିଛନ୍ତି। ଯୁବାପାତ୍ରପୁଟ, ଫୁପୁଗାଁ, ଝାଡଗାଁ ନିକଟରେ ସଂରକ୍ଷିତ ଜଙ୍ଗଲ ରହିଥିବାବେଳେ ସେଠାରେ ଖାଦ୍ୟ ନ ପାଇ ଆଖୁ ଫସଲ ଖେତରେ ପଶି ନଷ୍ଟ କରୁଛନ୍ତି। ସେହିପରି ଡ଼ଙ୍ଗରପାଉଁଶୀ ସଦର ମହକମାସ୍ଥ ଅନନ୍ତ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟ ନିକଟରେ ତିନୋଟି ଭାଲୁ ପ୍ରତିଦିନ ବୁଲୁଥିବା ଦେଖିବାକୁ ମିଳୁଛି। ପ୍ରଧାନୀପୁଟ ଡାଉନ୍, ଭେଜାହାଣ୍ଡି ଜଙ୍କଶନ ଦୋରାଗୁଡ଼ା ନିକଟରେ ମଧ୍ୟ ଭାଲୁମାନେ ମାଳମାଳ ହୋଇ ସନ୍ଧ୍ୟାରେ ବୁଲୁଛନ୍ତି। ବନ ବିଭାଗ ଅଧିକାର ବୀରେନ୍ଦ୍ର ପାଢ଼ୀଙ୍କ ନେତୃତ୍ୱରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଭାଲୁଙ୍କୁ ଟେକା ନ ମାରିବା , ନିଆଁହୁଳା ନ ଦେଖାଇବା ନିମନ୍ତେ ଅନୁରୋଧ କରାଯାଉଛି। ଲୋକେ ଆତଙ୍କିତ ନ ହେବାକୁ ସଚେତନତା ସୃଷ୍ଟି କରାଯାଉଥିବା ବନ ଅଧିକାରୀ କହିଛନ୍ତି।



ଜନବସତି ନିକଟରେ ବୁଲୁଥିବା ଭାଲୁ।

# ଜବାପଦର ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା

ଦଶମନ୍ତପୁର,୧୨।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ଅନ୍ତର୍ଗତ ଦୁଆରଶୁଣୀ ପଞ୍ଚାୟତ ଅଧୀନ ଜବାପଦର ପ୍ରାଥମିକ ବିଦ୍ୟାଳୟ। ଏଠାରେ ପଞ୍ଚମ ଶ୍ରେଣୀ ଯାଏ ପିଲାଙ୍କ ଶିକ୍ଷାଦାନ ପାଇଁ ଜଣେ ମାତ୍ର ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଶିକ୍ଷକ ଜଣଙ୍କ ହେଉଛନ୍ତି ଯଦୁନାଥ ସାହୁ। ସେ ନିୟମିତ ବିଦ୍ୟାଳୟ ଆସୁ ନ ଥିବା ଅଭିଯୋଗ ହୋଇଛି। ଏଥିପାଇଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ବୋଲି ଅଭିଭାବକମାନେ କହିଛନ୍ତି। ଏପରି କି

ମଧ୍ୟାହ୍ନଭୋଜନ ଅର୍ଥ ଆତ୍ମସାତ୍ ହୋଇଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ ପ୍ରଧାନୀଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଏହି ସ୍କୁଲରେ ପ୍ରଥମଠାରୁ ପଞ୍ଚମ ଶ୍ରେଣୀଯାଏ ରହିଛି । ଏଥିରେ ୩୨ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଏହି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଜଣେ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ସେ ନିୟମିତ ବିଦ୍ୟାଳୟ ଆସନ୍ତି ନାହିଁ। ଫଳରେ କିଏ ବାପା, ମା’ ସାଙ୍ଗରେ କ୍ଷେତ କାର୍ଯ୍ୟରେ ସାହାଯ୍ୟ କରନ୍ତି ତ ଆଉ କିଏ ଗାଈ ଚରାନ୍ତି। ମଧ୍ୟାହ୍ନଭୋଜନ ବାବଦରେ ଆସୁଥିବା ଚାଉଳ, ଡାଲି, ଅଣ୍ଡା ହଡ଼ପ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ସଭାପତି ଗୋବର୍ଦ୍ଧନ କହିଛନ୍ତି , ସେ ଦିନେ ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥାନ ଖାତା ଖୋଲି ଦେଖାଇଥିଲେ। ସେଦିନ ସ୍କୁଲରେ ୧୫ଜଣ ପିଲା ଉପସ୍ଥିତ ଥିବାବେଳେ ୧୭ଜଣ ସ୍କୁଲକୁ ଆସି ନ ଥିଲେ। କିନ୍ତୁ ଉପସ୍ଥାନ ଖାତାରେ ମାତ୍ର ୨ଜଣ ପିଲାଙ୍କ ଅନୁପସ୍ଥିତ ହାଜିରା ପକାଇ ଅବଶିଷ୍ଟ ୩୦ଜଣ ଛାତ୍ରୀଛାତ୍ରଙ୍କ ପୂରା ଉପସ୍ଥିତ ହାଜିରା ପଡ଼ିଥିଲା । ଏପରି ଭାବେ ମଧ୍ୟାହ୍ନଭୋଜନ ଅର୍ଥ ହଡ଼ପ ହେଉଥିବା ସେ ଅଭିଯୋଗ କରିଛନ୍ତି।

ତୁରନ୍ତ ଶିକ୍ଷକଙ୍କୁ ସ୍କୁଲରୁ ବଦଳି କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତାରିଣୀସେନ ମୁଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲା। ଅନୁଧ୍ୟାନ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଶିକ୍ଷକଙ୍କୁ ଖୁବଶୀଘ୍ର ବଦଳି ନ କଲେ ସ୍କୁଲରେ ତାଲା ଠୁଙ୍କି ପ୍ରତିବାଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ନିର୍ମାଣ ଶ୍ରମିକଙ୍କ ଶୋଭାଯାତ୍ରା

ରାୟଗଡା ଅଫିସ୍, ୧୨।୧୦

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଖିଳ ଭାରତୀୟ କନଷ୍ଟ୍ରକଶନ୍ ମଜଦୁର ମହାସଂଘର ଆହ୍ୱାନକ୍ରମେ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ରାୟଗଡା ଜିଲା ତରଫରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା ଗାନ୍ଧୀ ପାର୍କଠାରୁ ବାହାରି ରାୟଗଡା ଶ୍ରମ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା । ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସଂଘର ରାଜ୍ୟ ସଭାପତି ଅରୁଣ କୁମାର ଲେଙ୍କା, ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ, ଜିଲା ସମ୍ପାଦକ ବିଷ୍ଣୁ ହୁଇକା, ଖଗେଶ୍ୱର ସିଂ ଓ କୃଷ୍ଣ ସିଂ ପ୍ରମୁଖ ଯୋଗଦେଇ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ କହିଥିଲେ । ବର୍ଷ ବର୍ଷ ଧରି ଜିଲା ଶ୍ରମ କାର୍ଯ୍ୟାଳୟଗୁଡିକରେ ପଡି ରହିଥିବା ନିର୍ମାଣ ଶ୍ରମିକମାନଙ୍କର ସହାୟତା ରାଶି ତୁରନ୍ତ ପ୍ରଦାନ, ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇ ଖୁବ୍‌ଶୀଘ୍ର କାର୍ଡ ଯୋଗାଇ ଦେବା, ପ୍ରତି ବ୍ଲକ୍‌ରେ ଜଣେ ଜଣେ ଗ୍ରାମୀଣ ଶ୍ରମିକ ନିରୀକ୍ଷକଙ୍କୁ ନିଯୁକ୍ତି ଦେବା, ପ୍ରତ୍ୟେକ ଜିଲାରେ ଜଣେ ଜଣେ ଜିଲା ଶ୍ରମ କଲ୍ୟାଣ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବା, ଜିଲା ଶ୍ରମ କାର୍ଯ୍ୟାଳୟଗୁଡିକରେ ଖାଲି ପଡିଥିବା ପଦବୀଗୁଡିକୁ ପୂରଣ କରାଯିବା, ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟାଳୟ ସହ ପାନୀୟ ଜଳ ଓ ପରିମଳର ବ୍ୟବସ୍ଥା କରାଯିବା, ସମସ୍ତ ଜିଲା ଶ୍ରମ କାର୍ଯ୍ୟାଳୟଗୁଡିକରେ ସ୍ୱତନ୍ତ୍ର ରେକର୍ଡ ରୁମ୍ କରାଯିବା ଆଦି ଦାବି କରିଛନ୍ତି। ସଂଘର ଏକ ପ୍ରତିନିଧିମଣ୍ଡଳୀ ଜିଲା ଶ୍ରମ ଅଧିକାରୀଙ୍କୁ ସାକ୍ଷାତକରି ଜିଲା ଶ୍ରମ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଶ୍ରମମନ୍ତ୍ରୀ, ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ, ପ୍ରମୁଖ ଶାସନ ସଚିବ, ଶ୍ରମ ସଚିବ, ଶ୍ରମ କମିଶନର ତଥା ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।



ନିର୍ମାଣ ଶ୍ରମିକମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ଅବହେଳିତ ଅବସ୍ଥାରେ ହାଟଗୁଡ଼ା ବିଦ୍ୟାଳୟ

ସେମିଳିଗୁଡ଼ା,୧୨।୧୦(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ହାଟପଦା ଗ୍ରାମପଞ୍ଚାୟତର ହାଟଗୁଡ଼ା ଗ୍ରାମରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଅବହେଳିତ ହୋଇପଡ଼ିଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ପିଲାମାନେ ଛାତ୍ରାବାସରେ ଅତି ଦୟନୀୟ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳୁଛି। ସ୍କୁଲ ପାଚେରି ଭାଙ୍ଗି ଯାଇଥିବାରୁ ପିଲାମାନେ ଅସୁରକ୍ଷିତ ମଣୁଛନ୍ତି। ଏଠାରେ ପ୍ରଥମରୁ ଦଶମ ଶ୍ରେଣୀରେ ମୋଟ ୨୯୨ ଜଣ ଛାତ୍ରୀଛାତ୍ରୀ ନାମ ଲେଖାଇଛନ୍ତି। ୪୦ ଜଣ ପିଲା ହଷ୍ଟେଲରେ ରହୁଛନ୍ତି। ପିଇବା ପାଣି ନାହିଁ। ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ପଟ୍ଟାଙ୍ଗି ବିଧାୟକଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ଥିବା ରୋଷେଇ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ପ୍ରଥମରୁ ଅଷ୍ଟମ ଯାଏ ୨୨୩ ଜଣ ଛାତ୍ରୀଛାତ୍ର ଖୁନ୍ଦାଖୁନ୍ଦି ହୋଇ ୩ଟି ଶ୍ରେଣୀ ଗୃହରେ ବସି ପାଠ ପଢୁଛନ୍ତି। ଗୋଟିଏ ଶ୍ରେଣୀ ଗୃହରେ ଏକାଧିକ ଶ୍ରେଣୀର ପିଲାମାନେ ବସି ପାଠ ପଢୁଛନ୍ତି। ହଷ୍ଟେଲରେ ଉପଯୁକ୍ତ ଶୌଚାଳୟ ନ ଥିବା ଅଭିଯୋଗ ହୋଇଛି। ଫଳରେ ପିଲାମାନେ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଉଛନ୍ତି। ଜିଲା ପ୍ରଶାସନ ଏ ସମ୍ପର୍କରେ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ପଚରାଯିବାରୁ , ହଷ୍ଟେଲ ଠିକ୍ ଚାଲୁଛି। ଶିକ୍ଷାଦାନ ମଧ୍ୟ ନିୟମିତ ଚାଲିଛି। ଯାହା ସମସ୍ୟା ଅଛି , ସେଗୁଡ଼ିକର ସମାଧାନ ନ କରାଗଲେ ଶିକ୍ଷକମାନେ କ’ଣ କରିବେ ବୋଲି ସେ କହିଛନ୍ତି। ହଷ୍ଟେଲରେ ବିଦ୍ୟୁତ୍ ନ ଥିବାରୁ ରହିବାକୁ ଆମକୁ ଭୟ ଲାଗୁଛି ବୋଲି ଅନ୍ତେବାସୀ କହିଛନ୍ତି।



ହାଟଗୁଡ଼ା ଉନ୍ନୀତ ବିଦ୍ୟାଳୟର ପାଚେରି ଭୁଶୁଡ଼ି ପଡିଛି।

## ସଂକ୍ଷେପରେ

### ବୋଲେରୋ-ବାଇକ୍ ଧକ୍କା: ୨ ଗୁରୁତର

ଡାବୁଗାଁ, ୧୨।୧୦ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ କନ୍ୟାଶ୍ରମ ଛକ ନିକଟରେ ବୋଲେରୋ-ବାଇକ୍ ଧକ୍କାରେ ୨ଜଣ ଗୁରୁତର ହୋଇଛନ୍ତି। ଡାବୁଗାଁ- ପାପଡାହାଣ୍ଡି ରାଜ୍ୟ ରାଜପଥ ୩୯ କନ୍ୟାଶ୍ରମ ଛକ ନିକଟରେ ପାପଡାହାଣ୍ଡିରୁ ଡାବୁଗାଁ ଆଡକୁ ଆସୁଥିବା ଏକ ବୋଲେରୋ (ସିଜି-୦୪ଆର-୮୧୭୨)କୁ ପଛପଟୁ ଏକ ମୋଟରସାଇକେଲ (ସିଜି-୧୭-୪୩୩୨) ଧକ୍କା ଦେଇଥିଲା।ଏଥିରେ ବାଇକ୍ ଆରୋହୀ ୨ଜଣ ରାସ୍ତା କଡକୁ ଛିଟିକି ପଡିଥିଲେ।ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଯୁବକ ଦ୍ୱୟଙ୍କ ପରିଚୟ ମିଳିନାହିଁ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଗାଡି ୨ଟିକୁ ଜବତ କରି ତଦନ୍ତ ଚଳାଇଛି।

### ଅଭିଭାବକ ସମ୍ମିଳନୀ

ପାଣ୍ଡ୍ରିପାଣି,୧୨।୧୦-ମାଲକାନଗିରି ବ୍ଲକ ବୀରଲକ୍ଷ୍ମଣପୁର ସେବା ଆଶ୍ରମ ବିଦ୍ୟାଳୟରେ ମାତୃ ପିତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଜଗଦୀଶ ଶ୍ରୀଗାମଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ମାହୁନ୍ତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅତିଥିମାନେ ପିଲାଙ୍କ ପ୍ରତି ଅଭିଭାବକଙ୍କ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ। ସୁକାନ୍ତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋଲିସ କବ୍ଜାରେ ଲାଲ୍ କରିଡର

ମାଥିଲି, ୧୨।୧୦ (ଡି.ଏନ.ଏ)

ଦୀର୍ଘ ଏକ ଦଶନ୍ଧି ଧରି ମାଲକାନଗିରି ଜିଲା ମାଥିଲି ଥାନା ଅଞ୍ଚଳରେ ମାଓବାଦୀମାନେ ନିଜ ପତିଆରା ଜାହିର କରି ଆସୁଥିଲେ । ଏକଦା ଲାଲ କରିଡର ଭାବେ ମାଥିଲି ଥାନା ଅଞ୍ଚଳକୁ କୁହାଯାଉଥିଲା । ବର୍ତ୍ତମାନ ଏହି ଲାଲ କରିଡର ଏବେ ସମ୍ପୂର୍ଣ୍ଣ ପୋଲିସ ହାତକୁ ଆସିଛି । ଏପରି ସମୟ ଆସିଥିଲା ଥାନା ଅଧୀନରେ ଥିବା ମୁଣ୍ଡାଗୁଡା ଫାଣ୍ଡି , ସାଲିମି ଫାଣ୍ଡି ସମ୍ପୂର୍ଣ୍ଣ ଭାବେ ଉଠି ଆସି ମାଥିଲି ଥାନା ପରିସରରେ ଚାଲିଥିଲା । ବିଭିନ୍ନ ଅଞ୍ଚଳରେ ମାଓବାଦୀମାନେ ହିଂସାକାଣ୍ଡ ଘଟାଇ ଏହି ଅଞ୍ଚଳକୁ ପଳାଇ ଆସୁଥିଲେ । ମାଓବାଦୀମାନେ ଏହି ଅଞ୍ଚଳକୁ ନିଜର ସୁରକ୍ଷା କବଚ ଭାବେ ବ୍ୟବହାର କରୁଥିଲେ । ଘଞ୍ଚ ଜଙ୍ଗଲ ସାଙ୍ଗକୁ ସୁଉଚ୍ଚ ପାହାଡ ଏବଂ ସୀମାନ୍ତବର୍ତ୍ତୀ ରାଜ୍ୟ ଛତିଶଗଡ ଏହି ଅଞ୍ଚଳକୁ ଲାଗି ରହିଥିବାରୁ ଏହା ମାଓବାଦୀଙ୍କୁ ଫାଇଦା ଦେଉଥିଲା। ସାଲିମି ସଦର ଗ୍ରାମର ଜୟ ମାଦ୍ରୀଙ୍କୁ ୨୦୦୫ରେ ଇନଫର୍ମର କହି ହତ୍ୟାକରି ମାଓବାଦୀମାନେ ନିଜର ଉପସ୍ଥିତି ପ୍ରଥମେ ଜାହିର କରିଥିଲେ । ପରେ ମୁଣ୍ଡାଗୁଡା ଫାଣ୍ଡି , ସାଲିମି ଫାଣ୍ଡିକୁ ଲ୍ୟାଣ୍ଡମାଇନ ଖଞ୍ଜି ଉଡାଇ ଦେଇଥିଲେ । ପୋଲିସ ଇନଫର୍ମର ସନ୍ଦେହରେ ପ୍ରତିବର୍ଷ ୨/୩ ଜଣଙ୍କୁ ହତ୍ୟା କରୁଥିଲେ । ଏପଟେ ପୋଲିସ ପ୍ରଶାସନ ନିଜ ସୁରକ୍ଷା ପାଇଁ ବ୍ୟତିବ୍ୟସ୍ତ ହୋଇପଡିଥିଲା । ଥାନାଠାରୁ ୨/୩ କିମି ପରିଧି ମଧ୍ୟରେ ପୋଲିସ ନିଜ କାମକୁ ସୀମିତ ରଖିଥିଲା । ସାଧାରଣ ଲୋକେ ଭୟ ଓ ଆତଙ୍କରେ ଜୀବନ କାଟୁଥିଲେ। ଆଦିମ ଜନଜାତିର କୋୟା ସମ୍ପ୍ରଦାୟର ଲୋକଙ୍କୁ ମତାଇ ମାଓବାଦୀମାନେ ନିଜ ସଙ୍ଗଠନରେ ସେମାନଙ୍କୁ ସାମିଲ କରୁଥିଲେ । ବିକାଶର କାର୍ଯ୍ୟକୁ ବାଧା ଦେବା ସହିତ ମୋବାଇଲ ଟାୱାର, ବିଦ୍ୟାଳୟ ଗୃହକୁ ଟାର୍ଗେଟ କରୁଥିଲେ । ଉକ୍ତ ଅଞ୍ଚଳ ପୋଲିସ ପାଇଁ ଅପହଞ୍ଚ ହୋଇପଡିଥିଲା । ଏହାର ଫାଇଦା ମଧ୍ୟ କିଛି ଅସାମାଜିକ ଲୋକ ନିଜ କାର୍ଯ୍ୟକଳାପ ବୃଦ୍ଧି କରି ମଦ କାରବାର ଏବଂ ମାଓବାଦୀଙ୍କ ନାମରେ ଡକାୟତି କରୁଥିଲେ । ଧୁଙ୍ଗିଆପୁଟ, କୁଟୁଣିପାଲି ପଞ୍ଚାୟତ ସମେତ କିଆଙ୍ଗ, କର୍ତ୍ତନପାଲି, ସାଲିମି, ଟେମ୍ଭୃପାଲି, ମହୁପଦର, କମାରପାଲି, କତାପାଲି ପଞ୍ଚାୟତ ସମ୍ପୂର୍ଣ୍ଣ ଲାଲ କରିଡର ଭାବେ ପରିଗଣିତ ହୋଇଥିଲା । ଦୁର୍ଗମ ଅଞ୍ଚଳର ଲାଇଫ ଲାଇନ କୁହାଯାଉଥିବା କିଆଙ୍ଗସ୍ଥିତ କୋଲାପ ବ୍ରିଜକୁ ମାଓବାଦୀମାନେ ବାରମ୍ବାର ଟାର୍ଗେଟ କରୁଥିଲେ। ନଦୀ ସେପଟର ଲୋକେ ସହଯୋଗ ନ କଲେ ବ୍ରିଜକୁ ଉଡାଦେବାକୁ ଧମକ ଦେଉଥିଲେ।



ଏପରି ସ୍ଥିତିକୁ ପ୍ରତିହତ କରି ମାଲକାନଗିରି ପୋଲିସ ବର୍ତ୍ତମାନ ଲାଲ କରିଡର ଅଞ୍ଚଳକୁ ନିଜ ହାତମୁଠାକୁ ଆଣିଛି । କିଆଙ୍ଗ, କର୍ତ୍ତନପାଲିରେ ବିଏସଏଫ କ୍ୟାମ୍ପ, ସାଲିମି ଏବଂ ମହୁପଦରରେ ପୋଲିସର ନିଜସ୍ୱ ଫାଣ୍ଡି ପୁନଃ ପ୍ରତିଷ୍ଠା ହୋଇଛି । ପୋଲିସ ମାଓବାଦୀଙ୍କୁ ପ୍ରତିହତ କରିପାରିଛି । ଏହି ଅଞ୍ଚଳରୁ ସମ୍ପୂର୍ଣ୍ଣ ଭାବେ ମାଓବାଦୀଙ୍କ ଉପସ୍ଥିତିକୁ ପ୍ରତିହତ କରିବା ପାଇଁ ପୋଲିସ ଜାଲ ବିଛାଇଛି । ଦୁର୍ଗମ ଅଞ୍ଚଳରେ ଥିବା କିଆଙ୍ଗ, କର୍ତ୍ତନପାଲି, ସାଲିମି, ମୁଣ୍ଡାଗୁଡା ଫାଣ୍ଡିରେ ପୋଲିସ ପ୍ରଶାସନର ଉଚ୍ଚପଦସ୍ଥ ଅଧିକାରୀମାନେ ମାଓବାଦୀଙ୍କ ଗତିବିଧିକୁ ନିରୀକ୍ଷଣ କରୁଛନ୍ତି । ତୁଳସୀ , ଜନ୍ତ୍ରାଗୁଡା , ଦଣ୍ଡିପଦର , ଗୁଗାପଦର ଆଦି ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ସୁଉଚ୍ଚ ପାହାଡ ପୋଲିସ ପାଇଁ ଆଉ ଅପହଞ୍ଚ ହୋଇ ରହିନାହିଁ । ମାଓବାଦୀମାନେ ଟେମ୍ଭୃପାଲି ପଞ୍ଚାୟତରେ ନିଜର ଉପସ୍ଥିତି ଜାହିର କରି ୫ ମାସ ତଳେ ପୂର୍ବତନ ସମିତିସଭ୍ୟ ଜଗଦୀଶ ସମରଥଙ୍କୁ ହତ୍ୟା କରିଥିଲେ। ଏହା ପରଠାରୁ ଅଘଟଣ ଘଟାଇବା ପାଇଁ ଆଉ ସାହସ ଜୁଟାଇ ପାରିନାହାନ୍ତି । ଗତ କିଛିଦିନ ତଳେ ମାଓବାଦୀ ମୁକାବିଲା ପାଇଁ ଡିଜିପି ସ୍ତରରେ ଆନ୍ଧ୍ର-ଓଡିଶା ମଧ୍ୟରେ ମାଓବାଦୀ ଦମନ ପାଇଁ ଆଲୋଚନା ହୋଇଛି। ଯଦି ଛତିଶଗଡ ରାଜ୍ୟ ସହିତ ତଥ୍ୟ ଆଦାନ ପ୍ରଦାନ ସମ୍ପର୍କ କରାଯାଇପାରନ୍ତା ଏହାର ସୁଫଳ ସିଧାସଳଖ ମାଲକାନଗିରି ଜିଲା ଉପରେ ପଡନ୍ତା ବୋଲି ମତ ପ୍ରକାଶ ପାଉଛି।

# କିଶୋର ନ୍ୟାୟ ସମ୍ପର୍କିତ କର୍ମଶାଳା

ନବରଙ୍ଗପୁର,୧୨।୧୦(ବି.ପ୍ର)

ନବରଙ୍ଗପୁର ଜିଲା ମିଶନ ଶକ୍ତି ସଭାଗୃହରେ କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା) ଅଧିନିୟମ-୨୦୧୫ ଏବଂ ପୋଷ୍ୟତା ରେଗୁଲେସନ-୨୦୧୭ ସମ୍ବନ୍ଧୀୟ ଏକ ଜିଲାସ୍ତରୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ରାଜ୍ୟସ୍ତରୀୟ ସେଚ୍ଛାସେବୀ ଅନୁଷ୍ଠାନ ସଂଯୋଗ, ଶିଶୁକଲ୍ୟାଣ କମିଟି ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ ନବରଙ୍ଗପୁରର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟା ସିଂହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ନିର୍ଦ୍ଦେଶକ ଅଣାକାର ଠାକୁର, ଜିଲା ମୁଖ୍ୟଚିକିତ୍ସାଳୟର ଅତିରିକ୍ତ ମୁଖ୍ୟଚିକିତ୍ସାଧିକାରୀ ଡ. ଅରୁଣ କୁମାର ଦାସ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ କଳାକାର ଭତିଆ, ଜିଲା ସମାଜ ମଙ୍ଗଳ ଅଧିକାରୀ ବିଭାଗର ପୁଷ୍ଟି ପରିଚାଳକ ସୁକାନ୍ତ କୁମାର ପାତ୍ର ଯୋଗ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ ଜିଲାରେ ଶିଶୁମାନଙ୍କ ସ୍ଥିତି ସମ୍ବନ୍ଧରେ ସୂଚନା ଦେଇଥିଲେ। ଅନୁଗୁଳ ଜିଲାର ଶିଶୁ ଅଧିକାର କର୍ମୀ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ପୋଷ୍ୟତା ଗ୍ରହଣର ପ୍ରଣାଳୀ ଏବଂ ପୋଷ୍ୟତା ରେଗୁଲେସନ୍ସ-୨୦୧୭ରେ ବିଭିନ୍ନ ଅଂଶୀଦାରମାନଙ୍କର ଭୂମିକା ସମ୍ବନ୍ଧରେ ଆଲୋଚନା କରିଥିଲେ। ସଂଯୋଗର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂହ କିଶୋର ନ୍ୟାୟ (ଶିଶୁମାନଙ୍କର ଯତ୍ନ ଓ ସୁରକ୍ଷା)ଅଧିନିୟମ-୨୦୧୫ ଅନ୍ତର୍ଗତ ବିଭିନ୍ନ ଅଂଶୀଦାର ଯଥା କିଶୋରନ୍ୟାୟ ପରିଷଦ, ଶିଶୁ କଲ୍ୟାଣ କମିଟି ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟର ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିଶୁ କଲ୍ୟାଣ କମିଟିର ଅଧକ୍ଷ ବିଜୟ କୁମାର ଚୌଧୁରୀ ପରିଚାଳନା କରିଥିଲେ। କର୍ମଶାଳାକୁ ସଂଯୋଗର ମଣ୍ଡଳ ପ୍ରକଳ୍ପ ସଂଯୋଜକ ମନୋରଞ୍ଜନ ସାହୁ ପରିଚାଳନା କରିଥିବାବେଳେ କୁନିମଣି ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ସ୍ୱାଧୀନତା ସଂଗ୍ରାମୀ ରବିସିଂ ମାଝିଙ୍କ ଜୟନ୍ତୀ

ନବରଙ୍ଗପୁର,୧୨।୧୦(ବି.ପ୍ର.)-

ସ୍ୱାଧିନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ରବିସିଂ ମାଝିଙ୍କ ୯୬ ତମ ଜୟନ୍ତି ଉମରକୋଟ ବ୍ଲକ ବାଟିବେଡାରେ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ତଥା ସ୍ୱାଧିନତା ସଂଗ୍ରାମୀ ଶହୀଦ ସ୍ମୃତି କମିଟ ସଭାପତି ମୁନା ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଦଳର କର୍ମକର୍ତ୍ତା ଯୋଗ ଦେଇଥିଲେ। ମହମ୍ମଦ ବାଜିଙ୍କ ପ୍ରେରଣାରେ ରବିସିଂ ମାଝି ଭାରତ ଛାଡ ଆନ୍ଦୋଳନର ବାର୍ତ୍ତାକୁ ନେଇ ଇଂରେଜଙ୍କ ବିରୋଧରେ ସ୍ୱର ଉଠାଇବା ସହ ଦେଶ ଓ ମାଟି ପାଇଁ ସଂଗ୍ରାମ କରିଥିଲେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ରବିସିଂ ମାଝିଙ୍କ ଜୀବନୀ ଓ ସ୍ୱାଧିନତା ସଂଗ୍ରାମରେ ତାଙ୍କ ଭୂମିକା ଉପରେ ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ପ୍ରତିନିଧି କାଜମ ମାଦାନୀ, ଏମପିଙ୍କ ପ୍ରତିନିଧି ଦେବୀ ସିଂ ମାଝି, ସମାଜ ସେବୀ ହାରା ବତି ଗଣ୍ଡ, ଭାଜପା ନେତା ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀ ଶହିଦ ସ୍ମୃତି କମିଟି ସଦସ୍ୟ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଅତିଥି।

# କତାପାଲିରେ ବିଜେଡିର ପଦଯାତ୍ରା

ମାଥିଲି, ୧୨।୧୦ (ଡି.ଏନ.ଏ) –

ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶାଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ଶୁକ୍ରବାର ମାଥିଲି ବ୍ଲକ ଅନ୍ତର୍ଗତ କତାପାଲି ପଞ୍ଚାୟତ ସଦର ମହକୁମାରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ବିଧାୟକ ଶିଶା ଏବଂ ଅନ୍ୟମାନେ ସ୍ଲୋଗାନ ଦେଇ ପଞ୍ଚାୟତ ସଦର ପରିକ୍ରମା କରିଥିଲେ । ପରେ ଆୟୋଜିତ ବୈଠକରେ ବିଧାୟକ ଶିଶା ଯୋଗ ଦେଇଥିଲେ । ବୈଠକ ପରେ ଘରକୁ ଘର ବୁଲି ସାଧାରଣ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ସରକାରଙ୍କ ଯୋଜନାରେ ସାମିଲ କରାଯିବା ଏବଂ ଗରିବ ଲୋକେ ବିଭିନ୍ନ ଉନ୍ନୟନ କାର୍ଯ୍ୟରୁ କିପରି ସୁଫଳ ପାଇପାରିବେ ସେନେଇ ଶିଶା ଗୁରୁତ୍ୱାରୋପ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କତାପାଲି ସରପଞ୍ଚ ଗୁପ୍ତ ଦୁରୁଆ, ବିଧାୟକ ପ୍ରତିନିଧି ଭୀମସେନ ନାୟକ, ବିଜେଡ ବ୍ଲକ ସମ୍ପାଦକ ସରୋଜ କୁମାର ସାହୁ, ରାମକୃଷ୍ଣ ଅନୁଗୁଳିଆ, ମନୋଜ ପ୍ରଧାନ, ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଜନସମ୍ପର୍କ ପଦଯାତ୍ରାରେ ଦଳୀୟ କର୍ମୀ ଓ ଅନ୍ୟମାନେ ।


ଧରିତ୍ରୀ DHARITRI
# CAREER APPOINTMENT
every Wednesday & Saturday

**M/s HIGHLANDs AGRIVENTURE LTD.**
An ISO 9001 : 2008 Certified Public Company, requires candidate for the position of Agricultural Project Spervisor at Bhubaneswar.
- MSW/AG or equivalent from a recognized university.
- Willingness to travel extensively & leadership quality.

Annual CTC : 2,00,000/- to 2,50,000/-, Joining Date: Immediately. Apply through CV, within 7 days from the date of advertisement by email : highlands.co.hr@gmail.com, Cont. no.-0674-2579021.

**ଫ୍ରଣ୍ଟଲାଇନ ସେଲସ ଅଫିସର ଓ କଲେକ୍ସନ ଅଫିସର ଆବଶ୍ୟକ**
ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ, ଏଲ&ଟି ଗ୍ରୁପର ଏକ ଅଂଶ, ଓଡ଼ିଶାରେ ଏହାର ଅଣୁ ଋଣ ବ୍ୟବସାୟ ପାଇଁ ଅଭିଜ୍ଞ/ନବୀନ ଫ୍ରଣ୍ଟଲାଇନ ସେଲସ ଅଫିସର ଏବଂ କଲେକ୍ସନ ଅଫିସର ପଦ ପାଇଁ ୱାକ ଇନ ଇଣ୍ଟରଭ୍ୟୁ ଆୟୋଜନ କରୁଛନ୍ତି ।

| | |
|---|---|
| ଯୋଗ୍ୟତା | : ସ୍ନାତକ |
| ବୟସ | : 20ରୁ 30 ବର୍ଷ |
| କାର୍ଯ୍ୟର ପ୍ରକୃତି | : ଫିଲଡ ୱାର୍କ |
| ବେତନ | : ଆକର୍ଷଣୀୟ ବେତନ ସହିତ ଶ୍ରେଷ୍ଠ ପାରିତୋଷିକ ଯୋଜନା |
| କାର୍ଯ୍ୟର ଅବସ୍ଥାନ | : ଓଡ଼ିଶା ବ୍ୟାପୀ |

ସାକ୍ଷାତକାର ଠିକଣା:
**ବରଗଡ଼:** ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ବରଗଡ ରୋଟାରୀ ପବ୍ଲିକ୍ ସ୍କୁଲ୍ ପଛ, ଭାଟ୍‌ଲି ଚୌକ୍ ନିକଟ, ବରଗଡ -768 028
ଯୋଗାଯୋଗ ପାଇଁ ବ୍ୟକ୍ତି - ଶ୍ରୀଚନ୍ଦନ ମହାରଣା (9937090449)
**ବଲାଙ୍ଗିର:** ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ସାଃ ଟିକରପଡା, ମସ୍‌ଜିଦ ଛକ, ପୋଷ୍ଟ ବଲାଙ୍ଗିର
ଯୋଗାଯୋଗ ପାଇଁ ବ୍ୟକ୍ତି - ରଘୁନାଥ ସ୍ୱାଇଁ (9658082924)
**ସୋନପୁର:** ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ସୁଦାମ ଜଗଦଳ ବିବେକାନନ୍ଦ ନଗର, ଗ୍ରୀଡକୋ କଲୋନି ନିକଟ, ସୋନପୁର, (ମିନର୍ଭା ଟିଭିଏସ ସୋରୁମ ନିକଟରେ) 767 017
ଯୋଗାଯୋଗ ପାଇଁ ବ୍ୟକ୍ତି - ରିପନ ରଥ (9778049999)
**ଓଡଗାଁ:** ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ପ୍ରଥମ ମହଲା, ରବିନ୍ଦ୍ର ମାର୍କେଟ୍ କମ୍ପ୍ଲେକ୍ସ, ସିନେମା ହଲ୍ ଛକ ନିକଟର ଓଡ଼ଗାଁ, ନୟାଗଡ଼, ଓଡ଼ିଶା 752 081
ଯୋଗାଯୋଗ ପାଇଁ ବ୍ୟକ୍ତି - ଶମ୍ଭୁ ସାହୁ (9386922041)
**ସମ୍ବଲପୁର:** ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ତୃତୀୟ ମହଲା, ବାଲାଜୀ ବିଜନେସ୍ ସେଣ୍ଟର, ବୁଢ଼ାରାଜା, ସମ୍ବଲପୁର 768 004
ଯୋଗାଯୋଗ ପାଇଁ ବ୍ୟକ୍ତି - ସୌଭାଗ୍ୟ ପାଣି (9178740152)
**କୋରାପୁଟ୍:** ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ଫରେଷ୍ଟ ଚେକ୍ ଗେଟ୍ ବାଟମଙ୍ଗଳା ଛକ, ଏମଏମ ରେସିଡେନ୍ସି ନିକଟବର୍ତ୍ତୀ, କୋରାପୁଟ ।
ଯୋଗାଯୋଗ ପାଇଁ ବ୍ୟକ୍ତି - ସୂର୍ଯ୍ୟନାରାୟଣ ସାହୁ - (9078708644)
**କଳାହାଣ୍ଡି:** ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ପ୍ଲଟ ନମ୍ବର 109, ପ୍ରଥମ ମହଲା ନାକଟିଗୁଡା ଚୌକ, ପୁରୁଣା ଆୟକର କାର୍ଯ୍ୟାଳୟ ନିକଟ, ଭବାନୀପାଟଣା, ଜିଲ୍ଲା: କଳାହାଣ୍ଡି
ଯୋଗାଯୋଗ ପାଇଁ ବ୍ୟକ୍ତି - ମନୋଜ କୁମାର ବଡତିଆ (9937429185)
**ଢେଙ୍କାନାଳ:** ଏଲ&ଟି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ, ମାର୍ଫତ ବିଷ୍ଣୁ ପ୍ରସାଦ ଜେନ, କୁଞ୍ଜକାନ୍ତ, ରେବଣ୍ଡ କୋଚିଂ ଲେନ୍, ଢେଙ୍କାନାଳ, ଓଡ଼ିଶା 759 001
ଯୋଗାଯୋଗ ପାଇଁ ବ୍ୟକ୍ତି - ସତ୍ୟବ୍ରତ ବିଶ୍ୱାଳ (9777457631)

ଆଗ୍ରହୀ ପ୍ରାର୍ଥୀମାନଙ୍କୁ **13, 14 ଏବଂ 15, 16, 17, 18 ଅକଟୋବର, 2018** ରେ ସେମାନଙ୍କର ରିଜ୍ୟୁମ, ଦୁଇଟି ପାସପୋର୍ଟ ସାଇଜ ଫଟୋଗ୍ରାଫ, ପ୍ୟାନ କାର୍ଡ, ଠିକଣା ପ୍ରମାଣ ଏବଂ ଦଶମ, ଦ୍ୱାଦଶ ଓ ସ୍ନାତକ ମାର୍କସିଟ ସାଙ୍ଗରେ ନେଇ ଦିନ 10ଟାରୁ ଅପରାହ୍ନ 4ଟା ମଧ୍ୟରେ ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ଅନୁରୋଧ କରାଯାଇଛି। **ଦୁଇ ଚକିଆ ଯାନ, ଡ୍ରାଇଭିଂ ଲାଇସେନସ ଏବଂ ସ୍ମାର୍ଟ ଫୋନ ଥିବା ପୁରୁଷ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ।**

www.ltfs.com
CIN: U65910WB1993FLC060810
L&T Financial Services

**For Tissue Paper Industries, Abu Dhabi, UAE (FREE RECRUITMENT)**
Required the following categories of workers for leading Industrial Group in UAE.
1. TISSUE MACHINE OPERATORS - 05 Nos.
2. TISSUE REWINDER ROLL OPERATORS - 05 Nos.

Candidates must have at least 3-5 years of experience in the Tissue Industry. Please forward your CV along PP size Photo with testimonials / experience certificates to our mail ID
ccondelhi2017@gmail.com
Salary 1500/2000 AED
CONSTRUCTION CONSULTANTS
Lic. No B- 0130/DEL/PER/1000+/3/48/84 Valid till 25.04.2023

**କେନ୍ଦ୍ରୀୟ ଭଣ୍ଡାରଣ ନିଗମ**
(ଭାରତ ସରକାରଙ୍କ ଅନୁସୂଚୀ 'କ' ମିନି ରତ୍ନ ଉପକ୍ରମ)
କର୍ପୋରେଟ ଅଫିସ : 4/1, ସିରୀ ଇନ୍‌ଷ୍ଟିଚ୍ୟୁଶନାଲ୍ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ, ନୂଆ ଦିଲ୍ଲୀ- 110016
ୱେବସାଇଟ୍: www.cewacor.nic.in
ଜନ-ଜନ ପାଇଁ ଭଣ୍ଡାରଣ

ଅନ୍ତିମ ତାରିଖ: 01 ନଭେମ୍ବର 2018

**ବିଜ୍ଞାପନ ସଂ. CWC/ 1- Manpower/ DR/ Mgr & Above Rectt/ 2018/01**

କେନ୍ଦ୍ରୀୟ ଭଣ୍ଡାରଣ ନିଗମ ଅନୁସୂଚୀ- (କ) ମିନି ରତ୍ନ, ଶ୍ରେଣୀ- I, କେନ୍ଦ୍ରୀୟ ସାର୍ବଜନିକ କ୍ଷେତ୍ରର ଉପକ୍ରମ ଅଟେ ଯାହା ଉପଭୋକ୍ତା ମାମଲା, ଖାଦ୍ୟ ଓ ସାର୍ବଜନିକ ବିତରଣ ମନ୍ତ୍ରାଳୟର ପ୍ରଶାସନିକ ନିୟନ୍ତ୍ରଣାଧୀନ ଅଟେ ଏବଂ କୃଷି ଆଦାନ, ଉତ୍ପାଦ ଏବଂ ଅନ୍ୟ ଅଧିସୂଚିତ ବସ୍ତୁ ଗୁଡ଼ିକ ପାଇଁ ବୈଜ୍ଞାନିକର ସୁବିଧା ପ୍ରଦାନ କରେ । ଏହା ବ୍ୟତୀତ, ଏହା ନିଗମ ଆମଦାନୀ-ରପ୍ତାନୀ କାର୍ଗୋ ପାଇଁ କଣ୍ଟେନର ଫ୍ରେଟ୍ ଷ୍ଟେସନ୍/ ଅନ୍ତର୍ଦେଶୀୟ କଣ୍ଟେନର ଡିପୋ, ଲ୍ୟାଣ୍ଡ କଷ୍ଟମ୍ ଷ୍ଟେସନ୍, ଏୟର କାର୍ଗୋ କମ୍ପ୍ଲେକ୍ସ ଆଦି ପରି ଆଧାରଭୂତ ଲଜିଷ୍ଟିକ୍ ସୁବିଧା ବି ପ୍ରଦାନ କରେ। ନିଗମ ତଳେ ଦିଆଯାଇଥିବା ପାଦ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ଅନଲାଇନ୍ ଆବେଦନ ଆମନ୍ତ୍ରଣ କରୁଛି:

| ପଦ କୋଡ୍ | ପଦର ନାମ | ଖାଲି ସଂ. |
|---|---|---|
| 01. | ମହାପ୍ରବନ୍ଧକ (ସାଧାରଣ) | 2 |
| 02. | ମହାପ୍ରବନ୍ଧକ (ଟେକ୍ନିକାଲ୍) | 1 |
| 03. | ସଚିବ | 1 |
| 04. | ଉପ ମହାପ୍ରବନ୍ଧକ (ସାଧାରଣ) | 2 |
| 05. | ଉପ ମହାପ୍ରବନ୍ଧକ (ଟେକ୍ନିକାଲ୍) | 4 |
| 06. | ଉପ ମହାପ୍ରବନ୍ଧକ (ବିତ୍ତ ଓ ଏକାଉଣ୍ଟସ) | 3 |
| 07. | ଅଧୀକ୍ଷକ ଅଭିଯନ୍ତା | 1 |
| 08. | ସହାୟକ ମହାପ୍ରବନ୍ଧକ (ସାଧାରଣ) | 8 |
| 09. | ସହାୟକ ମହାପ୍ରବନ୍ଧକ (ଟେକନିକାଲ୍) | 4 |
| 10. | ସହାୟକ ମହାପ୍ରବନ୍ଧକ (ଏକାଉଣ୍ଟସ) | 1 |
| 11. | ପ୍ରବନ୍ଧକ (ସାଧାରଣ) | 6 |
| 12. | ପ୍ରବନ୍ଧକ (ଏକାଉଣ୍ଟସ) | 4 |
| 13. | କାର୍ଯ୍ୟକାରୀ ଅଭିଯନ୍ତା | 9 |

ଦୟାକରି ଯୋଗ୍ୟତା ଏବଂ ଅନୁଭବ, ଚୟନ ପ୍ରକିୟା, ସାଧାରଣ ସର୍ତ୍ତାବଳୀ ଇତ୍ୟାଦି ସହିତ ଯୋଗ୍ୟତା ମାନଦଣ୍ଡର ବିସ୍ତୃତ ସୂଚନା ପାଇଁ କେନ୍ଦ୍ରୀୟ ଭଣ୍ଡାରଣ ନିଗମର ୱେବସାଇଟ୍ **(www.cewacor.nic.in)** ଦେଖନ୍ତୁ । କେନ୍ଦ୍ରୀୟ ଭଣ୍ଡାରଣ ନିଗମର ୱେବସାଇଟ୍‌ରେ 'ଖାଲି ଓ ପରିଣାମ' ଭାଗରେ ଉପଲବ୍ଧ ବିସ୍ତୃତ ବିଜ୍ଞାପନରେ ଦିଆଯାଇଥବା ଅନୁଦେଶ ଅନୁସାରେ ଯୋଗ୍ୟ ପ୍ରାର୍ଥୀଙ୍କୁ ଆବଶ୍ୟକ ଆବେଦନ ପତ୍ର ପୂର୍ଣ୍ଣରୂପେ ଭରି ପଠାଇବାକୁ ହେବ।

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately: Mob: 8763257042

**ଆବଶ୍ୟକ**
Bhubaneswar, Cuttack, Berhampur, Rourkela ଏବଂ Balasore ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

ଭୁବନେଶ୍ୱରରେ ଗ୍ରୀଲ୍ ଦୋକାନରେ କାମ କରିବା ପାଇଁ ଗ୍ରୀଲ୍ ମିସ୍ତ୍ରି, ୱେଲ୍‌ଡର ଏବଂ ହେଲ୍‌ପର ଆବଶ୍ୟକ, ରହିବା ସୁବିଧା ଅଛି। ଆକର୍ଷଣୀୟ ବେତନ। ଶୀଘ୍ର ଯୋଗାଯୋଗ-
9861123082, 9178852435

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT 09319634873

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

KIDZEE PLAY SCHOOL
REQUIRES
Counsellor, Teachers, Care Takers
Minimum 2 years of experience
KALINGA NAGAR, PATRAPADA, BHUBANESWAR, M: 9348539442

ଧରିତ୍ରୀ DHARITRI
**ଆବଶ୍ୟକ କରୁଛି**
**ଖବରଦାତା** (ବିଜ୍‌ନେସ୍ ଡେସ୍କ)
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।

ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।
Apply immediately to
Email: recruitment@dharitri.com

**WANTED**
MARKETING EXECUTIVE (5 nos.)
Qual: Matric above (Dynamic person), Age: 18 to 30 yrs having 2 wheelers
M: 9439039390, 9237009890

**URGENTLY REQUIRED**
ଚନ୍ଦ୍ରଶେଖରପୁର ଭୁବନେଶ୍ୱରର ଏକ Reputed SPA ପାଇଁ Female Therapist ଓ Female Manager ଆବଶ୍ୟକ। ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। Attractive Salary ସହିତ Incentive ସୁବିଧା ମଧ୍ୟ ଅଛି।
Tel: 9937575558

**WANTED TRAFFIC-IN-CHARGE**
PBL TRANSPORT PVT. LTD. Graduate needed. Manage loading/ unloading, negotiate with brokers, place vehicles quickly and on time, handle customers. Excellent communication skills (Oriya, English, Hindi). Computer capabilities essential.
Send CV to
hr@pbltransport.co.in

- Operation Exe. (M) : 2 Nos
  Qua.: Matric / Under Matric
- Relationship Mgr. (F): 5 Nos
  Qua.: Graduate and above
- Front Office Exe. (F) : 1 No
  Qua.: Graduate with Computer Knowledge

Salary Negotiable. BBSR based candidates will be given preference
For 1st & 2nd Post 2 Wheeler is a must
Walk-in with CV to :
Jeevan Pradeep
71, Bapuji Nagar, Bhubaneswar
Contact : 0674 - 2598909

See Career Appointment on every Wednesday & Saturday

ପତି କାର୍ଡ୍ସ
INVT. CARD & TROPHIES
NEEDS DTP OPTR. DESIGNER
M-9776138837, 9937417848, BBSR

ଭୁବନେଶ୍ୱରରୁ ପ୍ରକାଶିତ ହେଉଥିବା ଏକ ପ୍ରମୁଖ ସାପ୍ତାହିକ ରାଜନୈତିକ ପତ୍ରିକା ଓଡ଼ିଶା ଜନମୋର୍ଚ୍ଚା ପାଇଁ ଭୁବନେଶ୍ୱର ସମେତ ସମସ୍ତ ଜିଲ୍ଲା ପାଇଁ ଜିଲ୍ଲା ପ୍ରତିନିଧି ଆବଶ୍ୟକ। ଆଶାୟୀ ପ୍ରାର୍ଥୀ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନଲିଖିତ ଇମେଲ ଠିକଣାରେ ଆବେଦନ ପତ୍ର ପଠାଇବାକୁ ଅନୁରୋଧ।
harishdas79@gmail.com

REQUIRED URGENTLY
M/s West Coast Diesel LLP, Rajkot, Gujarat manufacturer of "ALFA" make diesel generators, alternators etc. Requires Sales Organisers on commission basis in all the block headquarter of Odisha.
Interested Candidates having good contacts with decorators, marriage mandap owners, traders etc. of their area and willing to work may send their complete biodata by Email: The General Manager (East Zone), HIG-II/34, BDA Housing Colony, Kapilaprasad, Bhubaneswar-751002, Email: biswajeet.mohapatra@wcdllp.com,
Mob: 9337003316, 9937528127, 0674-2590511

**WANTED**

| | |
|---|---|
| SALES EXECUTIVE | : 02 Nos. |
| COMPUTER OPERATOR | : 01 No. |
| BILLING EXECUTIVE | : 01 No. |
| AC TECHNICIAN | : 02 Nos. |
| SERVICE MANAGER | : 01 No. |
| MIS EXECUTIVE | : 01 No. |

CTC: From 1.2 to 1.8 Lakhs Per Annum.
M: 9853088811
Email: careersgarggroup@gmail.com

ପୁରୀରେ TASTY MOMO ପାଇଁ Sales Boys, Cook, Helper ଆବଶ୍ୟକ, Good Salary, ରହିବା ଖାଇବା Free.
Contact No: 8596806941/ 7008638009

> ଚାଇନା ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଆମେ ବିଜୟ ଲକ୍ଷ୍ୟରେ ଖେଳିବୁ। ଯଦି ପରାଜିତ ହେଉ ସକାରାତ୍ମକ ମନୋଭାବରେ ଆମର ଦୁର୍ବଳତା ଧରିବାରେ ସକ୍ଷମ ହେବୁ ।
>
> –ଷ୍ଟିଫେନ କନ୍‌ଷ୍ଟାଣ୍ଟିନ, ଭାରତୀୟ ଫୁଟବଲ କୋଚ୍






## ସଂକ୍ଷେପରେ

### ଭାରତ-ଶ୍ରୀଲଙ୍କା ଫାଇନାଲ ଆଜି

ଭୁବନେଶ୍ୱର, ୧୨।୧୦(କ୍ରୀଡ଼ା ପ୍ରତିନିଧି): ଗୋଆରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଟି୨୦ ଦୃଷ୍ଟିହୀନ କ୍ରିକେଟ ସିରିଜରେ ଶନିବାର ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଫାଇନାଲ ମୁକାବିଲା ହେବ। ଭାରତ ପୂର୍ବରୁ ଫାଇନାଲରେ ପ୍ରବେଶ କରି ସାରିଥିବାବେଳେ ଶୁକ୍ରବାର ଇଂଲଣ୍ଡକୁ ୧୦ ଉଇକେଟରେ ହରାଇ ଶ୍ରୀଲଙ୍କା ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୭୯ ରନ କରିଥିଲା। ଦଳ ପକ୍ଷରୁ ପିଟର ବ୍ଲୁଇଟ ସର୍ବାଧିକ ୫୪ ଓ ସୁଗ୍ ୪୯ ରନ କରିଥିଲେ। ଜବାବରେ ଶ୍ରୀଲଙ୍କା କୌଣସି ଉଇକେଟ ନ ହରାଇ ୧୬.୩ ଓଭରରେ ୧୮୧ ରନ କରି ମ୍ୟାଚ ଜିତିଥିଲା। ଶତକ ହାସଲ କରିଥିବା କେ. ସିଲ୍‌ଭା ୧୦୪ ଓ ସି.ଦେଶପ୍ରିୟ ୬୬ ରନରେ ଅପରାଜିତ ରହିଥିଲେ। ଶତକୀୟ ଇନିଂସ ପାଇଁ ସିଲ୍‌ଭାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଚତୁର୍ଥ ଦିନିକିଆ ୱାଙ୍ଖେଡେରୁ ସ୍ଥାନାନ୍ତର

ମୁମ୍ବାଇ, ୧୨।୧୦(ପି.ଟି.): ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯିବାକୁ ଥିବା ଚତୁର୍ଥ ଦିନିକିଆ ୱାଙ୍ଖେଡେ ଷ୍ଟାଡିୟମରୁ କ୍ରିକେଟ କ୍ଲବ ଅଫ୍ ଇଣ୍ଡିଆ (ସିସିଆଇ)କୁ ସ୍ଥାନାନ୍ତର ହୋଇଛି। ଆସନ୍ତା ୨୯ ତାରିଖରେ ଖେଳାଯିବାକୁ ଥିବା ଏହି ମ୍ୟାଚ ସିସିଆଇର ବ୍ରାବର୍ନ ଷ୍ଟାଡିୟମରେ ଖେଳାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କ୍ରିକେଟ ପ୍ରଶାସକ କମିଟି (ସିଓଏ) ନିର୍ଦ୍ଦେଶ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଭେଣ୍ଡରମାନଙ୍କୁ ଟେଣ୍ଡର ଦେବା ନେଇ ନିଜର ଅକ୍ଷମତା ପ୍ରକାଶ କରି ଏହି ମ୍ୟାଚ ଆୟୋଜନ କରିବାକୁ ପଛଘୁଞ୍ଚା ଦେଇଛି । ଫଳରେ ଏପରି ନିଷ୍ପତ୍ତି ନେବାକୁ ହେଲା ବୋଲି ବୋର୍ଡ ତରଫରୁ କୁହାଯାଇଛି। ଶେଷଥର ପାଇଁ ୨୦୦୯ରେ ସିସିଆଇ ଅଷ୍ଟ୍ରେଲିଆ ବିପକ୍ଷ ଏକ ଟେଷ୍ଟ ମ୍ୟାଚ୍ ଆୟୋଜନ କରିଥିଲା। ପୂର୍ବରୁ ବୋର୍ଡ ଦ୍ୱିତୀୟ ଦିନିକିଆକୁ ଇନ୍ଦୋରରୁ ବିଶାଖାପାଟଣାକୁ ସ୍ଥାନାନ୍ତର କରିଥିଲା। ୨୧ ତାରିଖରେ ଗୌହାଟୀରେ ପ୍ରଥମ ମ୍ୟାଚ୍ ଖେଳାଯିବ।

### ମହିଳା ଟି୨୦ ର୍‍ୟାଙ୍କିଙ୍ଗ୍: ଭାରତ ପଞ୍ଚମ

ଦୁବାଇ, ୧୨।୧୦(ପି.ଟି.): ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଶୁକ୍ରବାର ମହିଳା ଟି୨୦ ଦଳୀୟ ର୍‍ୟାଙ୍କିଙ୍ଗ ଆରମ୍ଭ କରିଛି। ଏଥିରେ ଭାରତ ପଞ୍ଚମ ସ୍ଥାନରେ ରହିଥିବାବେଳେ ୩ଥର ଚାମ୍ପିୟନ ଅଷ୍ଟ୍ରେଲିଆ ଶୀର୍ଷ ସ୍ଥାନରେ ରହିଛି। ଏହି ଦଳୀୟ ତାଲିକାରେ ବିଶ୍ୱର ୪୬ଟି ଦଳକୁ ସାମିଲ କରାଯାଇଛି। ଦେଶମାନଙ୍କ ମଧ୍ୟରେ ଖେଳାଯାଉଥିବା ଟି୨୦ ମ୍ୟାଚ୍‌ଗୁଡିକୁ ଆନ୍ତର୍ଜାତିକ ମାନ୍ୟତା ଦେବା ପରେ ଆଇସିସି ଦଳୀୟ ର୍‍ୟାଙ୍କିଙ୍ଗ୍ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ତାଲିକାରେ ସାମିଲ ହେବାକୁ ହେଲେ ଦଳଗୁଡିକୁ ୬ଟି ଟି୨୦ ମ୍ୟାଚ୍ ଗତ ୩ରୁ ୪ ବର୍ଷ ମଧ୍ୟରେ ଖେଳିବାକୁ ହେବ ବୋଲି କୁହାଯାଇଛି। ତାଲିକାରେ ୨୮୦ ପଏଣ୍ଟ ପାଇଁ ଅଷ୍ଟ୍ରେଲିଆ ୧ ନମ୍ବର ସ୍ଥାନରେ ରହିଥିବା ବେଳେ ୨୭୭ ପଏଣ୍ଟ ପାଇ ନ୍ୟୁଜିଲାଣ୍ଡ ଦ୍ୱିତୀୟ, ୨୭୬ ପଏଣ୍ଟ ପାଇଁ ଇଂଲଣ୍ଡ ତୃତୀୟ, ୨୫୯ ପଏଣ୍ଟ ପାଇଁ ୱେଷ୍ଟଇଣ୍ଡିଜ ଚତୁର୍ଥ ଓ ୨୪୯ ପଏଣ୍ଟ ପାଇ ଭାରତ ପଞ୍ଚମ ସ୍ଥାନରେ ରହିଛି।




# ଚେଜ୍ ୱେଷ୍ଟଇଣ୍ଡିଜ ଇନିଂସ ସମ୍ଭାଳିଲେ

ହାଇଦ୍ରାବାଦ, ୧୨।୧୦(ପି.ଟି.)

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ସ୍ଥାନୀୟ ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରଥମ ଦୁଇ ସେସନରେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରି ୱେଷ୍ଟଇଣ୍ଡିଜକୁ ବିପଦରେ ପକାଇଥିବା ଭାରତୀୟ ବୋଲରମାନେ ତୃତୀୟ ସେସନରେ ମାତ୍ର ଗୋଟିଏ ଉଇକେଟ ନେବାରେ ସକ୍ଷମ ହେବାରୁ ଭ୍ରମଣକାରୀ ଦଳ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଛି। ମିଡଲ ଅର୍ଡରରେ ବ୍ୟାଟିଂ କରିବାକୁ ଆସିଥିବା ରଷ୍ଟନ ଚେଜ୍ ୱେଷ୍ଟଇଣ୍ଡିଜ ଇନିଂସ ସମ୍ଭାଳିଛନ୍ତି। ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଚେଜ୍ ୯୮ ରନ କରି ଅପରାଜିତ ରହିଥିବାବେଳେ ୱେଷ୍ଟଇଣ୍ଡିଜ ୭ ଉଇକେଟ ହରାଇ ୨୯୫ ରନ କରିବାକୁ ସକ୍ଷମ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିବା ୱେଷ୍ଟଇଣ୍ଡିଜ ଭଲ ଆରମ୍ଭ କରିଥିଲେ ହେଁ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ୩୨ ରନରେ ପ୍ରଥମ ଏବଂ ୫୨ରେ ଦ୍ୱିତୀୟ ଉଇକେଟ ହରାଇଥିବା ୱେଷ୍ଟଇଣ୍ଡିଜ ମଧ୍ୟାହ୍ନଭୋଜନ ବିରତିସୁଦ୍ଧା ୩ ଉଇକେଟ ହରାଇ ୮୬ ରନ କରିଥିଲା। ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ଶାର୍ଦ୍ଦୁଳ ଠାକୁରଙ୍କ ପାଇଁ ଏହି ମ୍ୟାଚ ଶୁଭ ସାବ୍ୟସ୍ତ ହୋଇନାହିଁ। ସେ ମାତ୍ର ୧୦ଟି ବଲ୍ ବୋଲିଂ କରି ଆହତ ସମସ୍ୟା ଯୋଗୁ ପଡ଼ିଆ ଛାଡ଼ିଛନ୍ତି। ଫଳରେ ଭାରତର ବୋଲିଂ ଆକ୍ରମଣ ୪ ବୋଲର ବିଶିଷ୍ଟ ହୋଇ ଯାଇଛି। ଠାକୁରଙ୍କ ଦ୍ୱିତୀୟ ଓଭର କୋଟା ପୂରଣ କରିଥିବା ରବିଚନ୍ଦ୍ରନ ଅଶ୍ୱିନ ଭାରତକୁ ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ୧୨ତମ ଓଭରର ପ୍ରଥମ ବଲ୍‌ରେ ସେ କେରନ ପଓ୍ୱେଲ(୨୨ ରନ)ଙ୍କୁ ଆଉଟ କରି ଏହି ସଫଳତା ପାଇଥିଲେ। ଏହାପରେ ଦମ୍ ଦେଖାଇଥିଲେ କୁଲଦୀପ ଯାଦବ ଓ ଉମେଶ। ୧୪ ରନ କରିଥିବା କ୍ରେଗ୍ ବ୍ରାଥୱେଟଙ୍କୁ କୁଲଦୀପ ଏବଂ କ୍ରିଜ୍‌ରେ ଜମି ଆସୁଥିବା ଶାଇ ହୋପ୍‌ଙ୍କୁ ଉମେଶ ଆଉଟ୍ କରି ଭାରତୀୟ ଶିବିରକୁ ଉଲ୍ଲସିତ କରିଥିଲେ। ହୋପ୍ ୬୮ ବଲ୍‌ରୁ ୫ ଚୌକା ସହାୟତାରେ ୩୬ ରନ କରିଥିବାବେଳେ ଉମେଶଙ୍କ ବଲ୍‌ରେ ଏଲବିଡବଲ୍ୟୁ ଆଉଟ ହେବାସହ ମଧ୍ୟାହ୍ନ ଭୋଜନ ବିରତି ହୋଇଥିଲା। ଦ୍ୱିତୀୟ ସେସନରେ ମଧ୍ୟ ଭାରତୀୟ ବୋଲର ପ୍ରଭାବୀ ରହିଥିଲେ। ଶିମରନ ହେଟ୍‌ମେର ୧୨ ରନ କରି କୁଲଦୀପ ଯାଦବଙ୍କ ଦ୍ୱିତୀୟ ଶିକାର ବନିଥିଲେ। ସୁନୀଲ ଆମ୍ବ୍ରିସ(୧୮ ରନ)ଙ୍କୁ ମଧ୍ୟ କୁଲଦୀପ ପ୍ୟାଭିଲିୟନ ପଠାଇଥିଲେ। ରଷ୍ଟନ ଚେଜ୍ ଓ ଶେନ ଡୋରିଚ୍ ୬ଷ୍ଠ ଉଇକେଟରେ ୬୯ ରନର ଭାଗୀଦାରି ଗଢ଼ି ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ମାତ୍ର ୬୩ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୩୦ ରନ କରିଥିବା ଡୋରିଚ୍‌ଙ୍କୁ ଉମେଶ ଯାଦବ ଏଲବିଡବଲ୍ୟୁ କରିବାରୁ ଭାରତ ପୁଣି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଚା ବିରତି ସୁଦ୍ଧା ୱେଷ୍ଟଇଣ୍ଡିଜ ସ୍କୋର ୧୯୭/୬ ହୋଇଥିଲା।

ଅନ୍ତିମ ସେସନରେ କିନ୍ତୁ ଚେଜ୍ ଓ ଅଧିନାୟକ ଜାସନ ହୋଲ୍ଡର ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରିଥିଲେ। ଭାରତୀୟ ବୋଲରଙ୍କୁ ସଫଳତାର ସହ ମୁକାବିଲା କରି ଏ ଦୁହେଁ ୭ମ ଉଇକେଟରେ ଶତକୀୟ(୧୦୪ ରନ) ଭାଗୀଦାରି ଗଢ଼ିଥିଲେ। ଫଳରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସରେ ବିପଦର ବଳୟରୁ ବାହାରକୁ ଆସି ପାରିଥିଲା। ତେବେ ୯୦ତମ ଓଭରର ଅନ୍ତିମ ବଲ୍‌ରେ ହୋଲ୍ଡରଙ୍କୁ ଆଉଟ କରି ଉମେଶ ଏହି ଯୋଡ଼ି ଭାଙ୍ଗିଥିଲେ। ୯୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ହୋଲ୍ଡର ୬ ଚୌକା ସହାୟତାରେ ୫୨ ରନ କରିଥିଲେ। ଚେଜ୍ କିନ୍ତୁ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ୪ର୍ଥ ଟେଷ୍ଟ ଶତକର ଦ୍ୱାରରେ ପହଞ୍ଚି ଯାଇଛନ୍ତି। ୧୭୪ ବଲ୍‌ର ସାମ୍ନା କରିଥିବା ଚେଜ୍ ୭ ଚୌକା ଓ ୧ ଛକା ସହାୟତାରେ ୯୮ ରନ କରି ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ଉମେଶ ଓ କୁଲଦୀପ ୩ଟି ଲେଖାଏ ଏବଂ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୨୯୫/୭ (ଚେଜ୍-୯୮*, ହୋଲ୍ଡର-୫୨, ହୋପ୍-୩୬, ଡୋରିଚ୍-୩୦, ଉମେଶ-୩/୮୩, କୁଲଦୀପ-୩/୭୪, ଅଶ୍ୱିନ-୧/୪୯)।

## କୋହଲିଙ୍କ ସହ ସେଲ୍‌ଫି: ପ୍ରଶଂସକଙ୍କ ବିରୋଧରେ ମାମଲା



ଚଳିତ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିବସରେ ଜଣେ ପ୍ରଶଂସକ ସୁରକ୍ଷା ବଳୟ ଭାଙ୍ଗି ପଡିଆ ମଧ୍ୟକୁ ପ୍ରବେଶ କରିଥିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଆନ୍ଧ୍ରପ୍ରଦେଶର କଡାପା ଜିଲାର ୧୯ ବର୍ଷୀୟ ମହମ୍ମଦ ଖାଁ ନାମକ ଜଣେ ପ୍ରଶଂସକ ପଡିଆ ଭିତରେ ପଶି ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନିକଟତର ହୋଇ ତାଙ୍କୁ ଆଲିଙ୍ଗନ କରିବା ସହ ସେଲଫି ନେଇଥିଲେ। ଖେଳ ଆରମ୍ଭ ହେବା ପ୍ରଥମ ଘଣ୍ଟାରେ ଏହି ଅଭାବନୀୟ ଘଟଣା ଘଟିଥିଲା। କୋହଲି ଅବଶ୍ୟ ତାଙ୍କୁ ଅଣଦେଖା କରିବାକୁ ଚେଷ୍ଟା କରିଥିଲେ। ପରେ ସୁରକ୍ଷାକର୍ମୀ ତାଙ୍କୁ ସେଠାରୁ ନେଇ ଯାଇଥିଲେ।

# ପ୍ରମୋଦ ସିଙ୍ଗଲ୍ସ ଫାଇନାଲରେ, ଡବଲ୍ସରେ ବ୍ରୋଞ୍ଜ

ଭୁବନେଶ୍ୱର, ୧୨।୧୦(କ୍ରୀଡ଼ା ପ୍ରତିନିଧି)

ଜାକର୍ତ୍ତାରେ ଚାଲିଥିବା ଏସିଆନ ପାରା ଗେମ୍ସର ପୁରୁଷ ଏସଏଲ୩ ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଶୁକ୍ରବାର ଅନୁଷ୍ଠିତ ୩ ସେଟ୍ ବିଶିଷ୍ଟ ସେମିଫାଇନାଲରେ ପ୍ରମୋଦ ଭିଏତନାମର ଟ୍ରିନ୍ ଆନ୍ ଟୁଆନଙ୍କୁ ୨୧-୧୭, ୧୮-୨୧, ୨୧-୯ ପଏଣ୍ଟରେ ପରାସ୍ତ କରିଥିଲେ। ପ୍ରମୋଦ ପ୍ରଥମ ସେଟ୍‌କୁ ଜିତିବାପରେ ଟୁଆନ ଦ୍ୱିତୀୟ ସେଟ୍‌ରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ। ମାତ୍ର ଚାପର ବଶବର୍ତ୍ତୀ ନ ହୋଇ ପ୍ରମୋଦ ତୃତୀୟ ସେଟ୍‌କୁ ସହଜରେ ଜିତିବା ସହ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ଶନିବାର ହେବାକୁଥିବା ଫାଇନାଲରେ ପ୍ରମୋଦ ଇଣ୍ଡୋନେସିଆର ଉକୁନ ରୁକାଣ୍ଡିଙ୍କ ସହିତ ମୁକାବିଲା କରିବେ। ଡବଲ୍ସରେ କିନ୍ତୁ ପ୍ରମୋଦଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ପ୍ରମୋଦ ଓ ମନୋଜ ସରକାରଙ୍କ ଯୋଡ଼ି ସେମିଫାଇନାଲରେ ଇଣ୍ଡୋନେସିଆ ଯୋଡ଼ିଙ୍କଠାରୁ ୧୩-୨୧, ୧୯-୨୧ ପଏଣ୍ଟରେ ହାରି ଯାଇଥିବା ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଂଯୋଜକ ସୁନୀଲ ପ୍ରଧାନଙ୍କ ସୂତ୍ରରୁ ପ୍ରକାଶ।



ପ୍ରମୋଦ ଭଗତ

# ପରାଜୟ ସତ୍ତ୍ୱେ ଫାଇନାଲରେ ଭାରତ

ଜୋହର ବାହ୍ରୁ, ୧୨।୧୦ (ପି.ଟି.)

ଏଠାରେ ଚାଲିଥିବା ସୁଲତାନ ଜୋହର କପ୍ ହକି ଟୁର୍ନାମେଣ୍ଟରେ ଫାଇନାଲରେ ପ୍ରବେଶ କରି ସାରିଥିବା ଭାରତୀୟ ଜୁନିୟର ଦଳ ତା'ର ପ୍ରଥମ ପରାଜୟବରଣ କରିଛି। ୮ଟି ଦେଶକୁ ନେଇ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଶୁକ୍ରବାର ଭାରତ ତା'ର ଶେଷ ରାଉଣ୍ଡ ରବିନ ମ୍ୟାଚ୍‌ରେ ଗ୍ରେଟ ବ୍ରିଟେନଠାରୁ ୨-୩ ଗୋଲରେ ପରାସ୍ତ ହୋଇଛି। ୪ଟି କ୍ରମାଗତ ବିଜୟ ପରେ ଭାରତ ପ୍ରଥମ ପରାଜୟ ବରଣ କରିଛି। ମୋଟ ୧୨ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ଭାରତ ଫାଇନାଲରେ ସ୍ଥାନ ପକ୍କା କରିଛି। ଅନ୍ୟପଟେ ଗ୍ରେଟ ବ୍ରିଟେନ ୫ଟି ମ୍ୟାଚ ଖେଳି ୩ଟି ବିଜୟ ସହ ୧୯ ପଏଣ୍ଟ ପାଇଁ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ମନଦୀପ ମୋରଙ୍କ ନେତୃତ୍ୱରେ ଭାରତୀୟ ଜୁନିୟର ଦଳ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ବେଶ୍ ଭଲ ଆରମ୍ଭ କରିଥିଲା ଓ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ପଞ୍ଚମ ମିନିଟ୍‌ରେ ଭାରତ ପଛକୁପଛ ଦୁଇଟି ପେନାଲ୍ଟି କର୍ନର ପାଇଥିଲା। ବିଷ୍ଣୁକାନ୍ତ ସିଂ ଦ୍ୱିତୀୟଟିକୁ ଗୋଲରେ ପରିଣତ କରି ଭାରତକୁ ଅଗ୍ରଣୀ କରାଇଥିଲେ। ତେବେ ଭାରତର ଏହି ଅଗ୍ରଣୀ ବେଶି ସମୟ ତିଷ୍ଠି ରହିପାରି ନ ଥିଲା। ଗତବର୍ଷର ରନର୍ସଅପ୍ ଦଳ ଗ୍ରେଟ ବ୍ରିଟେନ ତରଫରୁ କାମେରନ ଗୋଲ୍ଡେନ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ଗ୍ରେଟ ବ୍ରିଟେନର ଡିଫେନ୍ସକୁ ଭେଦ କରିବାରେ ସକ୍ଷମ ହୋଇଥିଲା। ପୂର୍ବରୁ ଗୋଟିଏ ପେନାଲ୍ଟି କର୍ନରକୁ ଭାରତ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲା। ତେବେ ୨୦ତମ ମିନିଟ୍‌ରେ ଓଡ଼ିଆ ତାରକା ମିଳିଥିବା ଆଉ ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଭାରତକୁ ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ।

ତୃତୀୟ କ୍ୱାର୍ଟରରେ କିନ୍ତୁ ଗ୍ରେଟ ବ୍ରିଟେନର ପ୍ରଭାବ ଦେଖିବାକୁ ମିଳିଥିଲା। ଆକ୍ରମଣ କରିବା ସହ ବ୍ରିଟେନ ଖେଳାଳିମାନେ ଭାରତୀୟ ଡିଫେନ୍ସ ପାଇଁ କଡ଼ା ଚ୍ୟାଲେଞ୍ଜ୍ ସୃଷ୍ଟି କରିଥିଲେ। ଏହାପରେ ୩୯ତମ ମିନିଟରେ ବ୍ରିଟେନର ଷ୍ଟୁଆର୍ଟ ରଶମେର ପେନାଲ୍ଟି କର୍ନର ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ଫାଇନାଲ କ୍ୱାର୍ଟରରେ କିନ୍ତୁ ଭାରତ ପଛରେ ପଡିଯାଇଥିଲା। ଭାରତୀୟ ଡିଫେନ୍ସ ଉପରେ ଚାପ ପ୍ରୟୋଗ କରି ବ୍ରିଟେନ ଖେଳାଳିମାନେ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ।

## ଭାରତକୁ ଆଉ ୩ ସ୍ୱର୍ଣ୍ଣ, ଦୀପାଙ୍କୁ ଦ୍ୱିତୀୟ ବ୍ରୋଞ୍ଜ୍

ଜାକର୍ତ୍ତା, ୧୨।୧୦(ପି.ଟି.)

ଏଠାରେ ଚାଲିଥିବା ଏସିଆନ୍ ପାରାଅଲିମ୍ପିକ୍ସରେ ଶୁକ୍ରବାର ଭାରତୀୟ ଆଥଲେଟମାନେ ପ୍ରଭାବୀ ପ୍ରଦର୍ଶନ ୫ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଦୀପା ମଲିକ ଦ୍ୱିତୀୟ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ମହିଳା ରାପିଡ ପି୧ ଚେସ୍ ଇଭେଣ୍ଟରେ ଭାରତର କେ. ଜେନିଥା ଅଣ୍ଟୋ ସ୍ୱର୍ଣ୍ଣ ଜିତିଛନ୍ତି। ସେ ଫାଇନାଲ ରାଉଣ୍ଡରେ ଇଣ୍ଡୋନେସିଆର ମାନୁରୁଙ୍ଗ ରୋସଲିଣ୍ଡାଙ୍କୁ ହରାଇ ଏହି ସଫଳତା ଅର୍ଜନ କରିଛନ୍ତି। ସେହିପରି କିଶାନ ଗାଙ୍ଗୋଲି ପୁରୁଷ ବ୍ୟକ୍ତିଗତ ରାପିଡ ଭି୧- ବି୨/ବି୩ ଇଭେଣ୍ଟରେ ମାଜିଦ୍ ବାଘେରିଙ୍କୁ ପଛରେ ପକାଇ ଶୀର୍ଷସ୍ଥାନରେ ରହିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ପାରା ବ୍ୟାଡମିଣ୍ଟନରେ ପାରୁଲ ପରମାର ମହିଳା ସିଙ୍ଗଲ୍ସ ଏସ୍ଏଲ ୩ ଇଭେଣ୍ଟ ଫାଇନାଲରେ ଥାଇଲାଣ୍ଡର ୱାଣ୍ଡି କାମ୍‌ତାମ୍‌ଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

## କ୍ୱାର୍ଟରରେ ମହିଳା ହକି ଦଳ

ବୁଏନସ୍ ଏରିଜ,୧୨।୧୦(ପି.ଟି.)

ଭାରତୀୟ ମହିଳା ହକି ୫-ଏ ଦଳ ଚଳିତ ୟୁଥ ଅଲିମ୍ପିକ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ମଧ୍ୟରାତ୍ରିରେ ଖେଳାଯାଇଥିବା ଦ. ଆଫ୍ରିକା ବିପକ୍ଷ ମ୍ୟାଚ୍‌କୁ ଭାରତୀୟ ଦଳ ୫-୨ ବ୍ୟବଧାନରେ ଜିତି ନେଇଛି। ବିଜୟୀ ଦଳ ପକ୍ଷରୁ ମୁମତାଜ ୨ଟି ଗୋଲ କରିଥିବାବେଳେ ରିତ, ଲାଲରେସିଆମି ଓ ଇଶିକା ଚୌଧାରୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ବିଜୟ ସହ ଭାରତୀୟ ଦଳ ମୋଟ ୧୨ ପଏଣ୍ଟ ସହ ଗ୍ରୁପରେ ୨ୟ ସ୍ଥାନରେ ରହିଛି। ଆୟୋଜକ ଆର୍ଜେଣ୍ଟିନା ଗ୍ରୁପ ତାଲିକା ଶୀର୍ଷରେ ରହିଛି। ମୁମତାଜ(୨ୟ)ଙ୍କ ଗୋଲ ଯୋଗୁ ଭାରତୀୟ ଦଳ ପ୍ରଥମ ୨ ମିନିଟ୍ ମଧ୍ୟରେ ଖାତା ଖୋଲିବାକୁ ସକ୍ଷମ ହୋଇଥିଲା।

# ୫ ଦେଶର ପ୍ରଭାବୀ ପ୍ରଦର୍ଶନ

ଫୁଟବଲ ଭଳି ହକି ମଧ୍ୟ ସାରା ବିଶ୍ୱରେ ଆଦୃତ ହୋଇପାରିଛି। ବିଶେଷ କରି ପୁରୁଷ ହକି ଏବେ ଲୋକପ୍ରିୟତାର ଶୀର୍ଷକୁ ଛୁଇଁଛି। ହକିର ସର୍ବୋଚ୍ଚ ମହାକୁମ୍ଭ କୁହାଯାଉଥିବା ପୁରୁଷ ହକି ବିଶ୍ୱକପ୍ ୧୯୭୧ ମସିହାରେ ଆରମ୍ଭ ହୋଇଥିଲା। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଆନୁକୂଲ୍ୟରେ ହକି ବିଶ୍ୱକପ୍ ଆୟୋଜନ ହୋଇଆସୁଛି। ଫୁଟବଲ ବିଶ୍ୱକପ୍ ଭଳି ଏହି ମେଗା ଇଭେଣ୍ଟ ପ୍ରତି ୪ ବର୍ଷରେ ଥରେ ଆୟୋଜିତ ହୋଇଥାଏ। ପୁରୁଷ ଭଳି ମହିଳା ହକି ବିଶ୍ୱକପ୍ ମଧ୍ୟ ୧୯୭୪ ମସିହାରୁ ଆରମ୍ଭ ହୋଇଥିଲା। ସେତେବେଳେ ଏହାକୁ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ୍ ଓମେନ୍ସ ହକି ଆସୋସିଏଶନ୍ସ (ଆଇଏଫ୍‌ଡବ୍ଲ୍ୟୁଏଚ୍ଏ) ୧୯୮୧ ପର୍ଯ୍ୟନ୍ତ ଆୟୋଜନ କରୁଥିଲା। ତେବେ ୧୯୮୨ରେ ଏହା ଆନ୍ତର୍ଜାତିକ ହକି ଫେଡେରେଶନ ସହିତ ମିଶିଗଲା।




ପୁରୁଷ ହକି ବିଶ୍ୱକପ୍‌ରେ ୫ଟି ଦେଶ ପ୍ରଭାବ ବିସ୍ତାର କରିଛନ୍ତି। ପାକିସ୍ତାନ ସବୁଠାରୁ ସଫଳ ଦଳ ସାବ୍ୟସ୍ତ ହୋଇଛି। ପାକିସ୍ତାନ ୪ଥର ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଅନ୍ୟପଟେ ନେଦରଲାଣ୍ଡ୍ସ ଓ ଅଷ୍ଟ୍ରେଲିଆ ୩ଥର ଲେଖାଏ ବିଶ୍ୱକପ୍ ଟାଇଟଲ ହାସଲ କରିଛନ୍ତି। ସେହିପରି ଜର୍ମାନୀ ଦୁଇଥର ଓ ଭାରତ ଥରେ ବିଶ୍ୱକପ୍ ଚାମ୍ପିୟନ ହେବାର ସୌଭାଗ୍ୟ ହାସଲ କରିଛି। ୧୯୭୧ ମସିହାରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ମୋଟ ଉପରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ବିଶ୍ୱକପ୍‌ର ଗତ ସଂସ୍କରଣ ୨୦୧୪ରେ ନେଦରଲାଣ୍ଡ୍ସର ହଗ୍‌ରେ ଖେଳାଯାଇଥିଲା। ଏହା ଜୁନ୍ ୨ରୁ ୧୪ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଫାଇନାଲ ମୁକାବିଲାରେ ଅଷ୍ଟ୍ରେଲିଆ ୬-୧ ଗୋଲରେ ଆୟୋଜକ ନେଦରଲାଣ୍ଡ୍ସକୁ ହରାଇ ତୃତୀୟଥର ପାଇଁ ଟାଇଟଲ ହାସଲ କରିଥିଲା। ୨୦୧୮ ସଂସ୍କରଣ ଏବେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଯାଉଛି। ଏହା ନଭେମ୍ବର ୨୮ରୁ ଆରମ୍ଭ ହୋଇ ଡିସେମ୍ବର ୧୬ ତାରିଖରେ ଶେଷ ହେବ। ଏଥର ବିଶ୍ୱକପ୍ ଦଳ ସଂଖ୍ୟା ୧୬କୁ ବୃଦ୍ଧି କରାଯାଇଛି। ୨୦୨୨ ସଂସ୍କରଣରେ ଦଳ ସଂଖ୍ୟା ୨୨କୁ ବୃଦ୍ଧି କରିବାକୁ ଏଫ୍‌ଆଇଏଚ୍ ଯୋଜନା କରୁଛି।

ପାକିସ୍ତାନର ଏୟାର ମାର୍ଶାଲ ନୁର ଖାଁ ପ୍ରଥମେ ହକି ବିଶ୍ୱକପ୍‌ର ଯୋଜନା ମନକୁ ଆଣିଥିଲେ। ସେ ୱାର୍ଲ୍ଡ ହକି ମାଗାଜିନର ପ୍ରଥମ ସମ୍ପାଦକ ପାଟ୍ରିକ ରୋଲିଙ୍କୁ ଏ ନେଇ ପ୍ରସ୍ତାବ ଦେଇଥିଲେ। ୧୯୬୯ ଅକ୍ଟୋବର ୨୬ରେ ଏହା ଗୃହୀତ ହୋଇଥିଲା ଓ ୧୯୭୦ ଏପ୍ରିଲ ୨ ତାରିଖରେ ବ୍ରସେଲ୍ସରେ ଅନୁଷ୍ଠିତ ଏଫ୍‌ଆଇଏଚ୍ କାଉନସିଲ ବୈଠକରେ ଏହାକୁ ଗ୍ରହଣ କରାଯିବା ସହ ମାନ୍ୟତା ପ୍ରଦାନ କରାଯାଇଥିଲା। ଏହାପରେ ଏଫ୍‌ଆଇଏଚ୍ ୧୯୭୧ରେ ପ୍ରଥମ ହକି ବିଶ୍ୱକପ୍ ପାକିସ୍ତାନରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଯୁଦ୍ଧ ତଥା ରାଜନୈତିକ ଅସ୍ଥିରତା କାରଣରୁ ଏହା ପାକିସ୍ତାନରୁ ସ୍ପେନ୍‌ର ବାର୍ସିଲୋନାରେ ଖେଳାଯାଇଥିଲା। ପ୍ରଥମ ସଂସ୍କରଣରେ ୧୦ଟି ଦେଶ ଅଂଶଗ୍ରହଣ କରିଥିଲେ। ପ୍ରଥମ ୩ଟି ଟୁର୍ନାମେଣ୍ଟ ପ୍ରତି ଦୁଇବର୍ଷରେ ଖେଳାଯାଇଥିଲା।

ବିଶ୍ୱକପ୍ ଟ୍ରଫିକୁ ବସିର ମୁଜିଦ୍ ଡିଜାଇନ୍ କରିଥିଲେ ଓ ଏହାକୁ ପାକିସ୍ତାନ ସେନାବାହିନୀ ତିଆରି କରିଥିଲା। ୧୯୭୧ ମାର୍ଚ୍ଚ ୨୭ ତାରିଖରେ ଏହି ଟ୍ରଫିକୁ ବ୍ରସେଲ୍ସରେ ଏଫ୍‌ଆଇଏଚ୍‌କୁ ହସ୍ତାନ୍ତର କରାଯାଇଥିଲା। ହକି ବିଶ୍ୱକପ୍ ଦୁଇଟି ପର୍ଯ୍ୟାୟରେ ସମ୍ପନ୍ନ ହୋଇଥାଏ। ଯୋଗ୍ୟତା ପର୍ଯ୍ୟାୟ ପରେ ଫାଇନାଲ ପର୍ଯ୍ୟାୟରେ ବିଶ୍ୱକପ୍‌ର ମ୍ୟାଚ୍‌ଗୁଡିକ ଖେଳାଯାଇଥାଏ। ୧୯୭୭ରୁ ଯୋଗ୍ୟତା ପର୍ଯ୍ୟାୟ ଖେଳାଯାଇଆସୁଅଛି। ସଫଳତା ଦୃଷ୍ଟିକୋଣରୁ ବିଚାର କଲେ ଏ ପର୍ଯ୍ୟନ୍ତ ବିଶ୍ୱକପ୍ ଖେଳିବାକୁ ୨୪ଟି ଦଳ ଯୋଗ୍ୟତା ହାସଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୧ଟି ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୭ଟି ଦଳ ଫାଇନାଲରେ ପ୍ରବେଶ କରିଛି। ପାକିସ୍ତାନ ସଫଳତମ ଦେଶ ସାବ୍ୟସ୍ତ ହୋଇଛି। ୬ଥର ଫାଇନାଲ ଖେଳି ପାକିସ୍ତାନ ୪ଥର ଟାଇଟଲ ହାସଲ କରିଛି। ସେହିପରି ନେଦରଲାଣ୍ଡ୍ସ ୬ଥର ଫାଇନାଲ ଖେଳି ୩ଥର ଚାମ୍ପିୟନ ହୋଇଛି। ତେବେ ଗତ କେତେବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ସଫଳତମ ଦେଶ ସାବ୍ୟସ୍ତ ହୋଇଛି। ୫ଥର ଫାଇନାଲ ଖେଳି ଅଷ୍ଟ୍ରେଲିଆ ୩ଥର ଚାମ୍ପିୟନ ହୋଇଛି। ଭାରତ ୧୯୭୫ରେ ଥରେ ମାତ୍ର ବିଶ୍ୱକପ୍ ଜିତିବାକୁ ସକ୍ଷମ ହୋଇଥିଲା।

ଏପର୍ଯ୍ୟନ୍ତ ୯ଟି ଦେଶ ବିଶ୍ୱକପ୍ ଆୟୋଜନ କରିଛନ୍ତି। ଆୟୋଜକ ଭାବେ ନେଦରଲାଣ୍ଡ୍ସ ୧୯୭୩ ଓ ୧୯୯୮ରେ, ଜର୍ମାନୀ ୨୦୦୬ରେ ଚାମ୍ପିୟନ ହୋଇଥିଲା। ଆୟୋଜକ ଭାବେ ସ୍ପେନ, ଇଂଲଣ୍ଡ ଓ ପାକିସ୍ତାନ ୧୯୭୧, ୧୯୮୬ ଓ ୧୯୯୦ରେ ରନର୍ସଅପ ହୋଇଥିଲା। ଆୟୋଜକ ଭାବେ ଅଷ୍ଟ୍ରେଲିଆ ୧୯୯୪ରେ ତୃତୀୟ ସ୍ଥାନରେ ରହିଥିଲା। ଏସିଆ ଓ ୟୁରୋପ ମହାଦେଶର ଦଳଗୁଡିକ ୫ଥର ଲେଖାଏ ଟାଇଟଲ ଜିତିଛନ୍ତି। ଓସେନିଆ ତରଫରୁ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଛି। ଉତ୍ତର ଓ ଦକ୍ଷିଣ ଆମେରିକା ଏବଂ ଆଫ୍ରିକାର କୌଣସି ଦେଶ ବିଶ୍ୱକପ୍ ଟାଇଟଲ ହାସଲ କରିପାରି ନାହାନ୍ତି।

# ରାଜ୍ୟସ୍ତରୀୟ ସବ୍‌ଜୁନିୟର ଟାଏକୋଣ୍ଡୋ ଉଦ୍‌ଘାଟିତ



ରାଜ୍ୟସ୍ତରୀୟ ସବ୍‌ଜୁନିୟର ଟାଏକୋଣ୍ଡୋରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

ଭଦ୍ରକ ଅଫିସ,୧୨।୧୦

ଭଦ୍ରକ ଜିଲା ଚରମ୍ପାସ୍ଥିତ ମହାୟର ଭବନଠାରେ ୩୩ତମ ରାଜ୍ୟସ୍ତରୀୟ ସବ୍‌ଜୁନିୟର ଏବଂ ୫ମ କ୍ୟାଡେଟ କ୍ୟୁରୋଗୀ ଓ ପୁମ୍‌ସେ ୩ ଦିନିଆ ଟାଏକୋଣ୍ଡୋ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାର ୧୨ ଓ ୧୪ବର୍ଷରୁ କମ୍ ସବ୍‌ଜୁନିୟର ଓ କ୍ୟାଡେଟ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ୪୫୦ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ପୂର୍ବତନ ଭାରତୀୟ ହକି ଅଧିନାୟକ ଦିଲୀପ ତିର୍କୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ମନୋନିବେଶ କରି କ୍ୟାରିୟର କରିବାକୁ ସେ ପ୍ରତିଯୋଗୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ମନୋଜ କୁମାର ସାହୁ, ବିଶିଷ୍ଟ କ୍ରୀଡ଼ାବିତ୍ ସ୍ୱର୍ଣ୍ଣପଦକ ବିଜେତା ଗୋପାଳ ମହାପାତ୍ର, ରାଜ୍ୟ ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ, ଉପସଭାପତି ସୁନ୍ଦରମଣି ପଟେଲ, ସହସମ୍ପାଦକ ଓ କାର୍ଯ୍ୟକାରୀ ସମ୍ପାଦକ ଚିନ୍ମୟ ବେହେରା, ଉତ୍ସବ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିଏଟିଭ ଆଣ୍ଡ ଆର୍ଟର ଡାଇରେକ୍ଟର ରିତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା କ୍ରୀଡ଼ାବିତ୍‌ମାନେ ଜାତୀୟ ସବ୍‌ଜୁନିୟର ଏବଂ କ୍ୟାଡେଟ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲା ଟାଏକୋଣ୍ଡୋ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଔଷଧ, ମଦ ଦୋକାନରେ ଚଢ଼ାଉ

**ବ୍ରହ୍ମପୁର ଅଫିସ୍,୧୨।୧୦:**ଜିଲାପାଳ ଏବଂ ବ୍ରହ୍ମପୁର ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଔଷଧ ଏବଂ ମଦ ଦୋକାନରେ ଚଢ଼ାଉ କରାଯାଇଥିଲା। ବ୍ରହ୍ମପୁର ଏସ୍‌ବିଆଇ ମୁଖ୍ୟ ବ୍ରାଞ୍ଚ ନିକଟରେ ଥିବା ବିଦେଶୀ ମଦ ଦୋକାନ ଏବଂ ବିଜିପୁର ଛକରେ ଥିବା କୃଷ୍ଣଚନ୍ଦ୍ର ମେଡ଼ିକାଲ ଷ୍ଟୋର୍‌ରେ ଚଢ଼ାଉ ହୋଇଥିଲା। ବ୍ରହ୍ମପୁର ତହସିଲଦାର୍ ଦୟାମୟ ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ଇନ୍ସପେକ୍ଟର ଅଭିରାମ ବେହେରା, ସୁଶାନ୍ତ ପାଢ଼ୀ, ଏସ୍‌ଆଇ ସତ୍ୟଜିତ ଖଟୁଆ, ଏସ୍‌ଆରଇ ଉତ୍ତମ କୁମାର ପଣ୍ଡା ଏବଂ ଡ୍ରଗ୍ ଇନ୍ସପେକ୍ଟର ପ୍ରିୟରଞ୍ଜନ ନାୟକ ଚଢ଼ାଉରେ ସାମିଲ୍ ଥିଲେ ।

### ଜୁଆ ଆଡ୍ଡାରୁ ୧୧ ଗିରଫ, ୩ ବାଇକ୍ ଜବତ

**ବ୍ରହ୍ମପୁର ଅଫିସ,୧୨।୧୦:** ବ୍ରହ୍ମପୁର ସଦରଥାନା ବାଲିପଡା ଗ୍ରାମ ସ୍କୁଲ ନିକଟରେ ଚାଲିଥିବା ଜୁଆ ଆଡ୍ଡାରୁ ୧୧ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ତାସ ପ୍ୟାକେଟ୍ , ନଗଦ ୧୩ ହଜାର ୬ ଶହ ଟଙ୍କା ଏବଂ ୩ ବାଇକ୍ ଜବତ କରିଛି । ଏ ନେଇ ନଂ. ୨୩୪/୧୮ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି ।

### ସାପ କାମୁଡ଼ାରେ ଚିକିତ୍ସାଧୀନ ଚାଷୀ ମୃତ

**ବ୍ରହ୍ମପୁର ଅଫିସ,୧୨।୧୦:** ସାପ କାମୁଡାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଧରାକୋଟ ଥାନା କୁଲାଗଡ ଗ୍ରାମର ସାହେବ ବାଡତ୍ୟା (୭୫)। ସାହେବ ଗତ ୯ ତାରିଖ ସକାଳେ ଜମିକୁ ଯାଇଥିବା ବେଳେ ଏକ ବିଷଧର ସାପ କାମୁଡି ଦେଇଥିଲା । ତାଙ୍କୁ ପ୍ରଥମେ ଆସିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପରେ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି । ଏନେଇ ବୈଦ୍ୟନାଥପୁର ଥାନାରେ ନଂ ୫୧୫/୧୮ରେ ଏକ ମାମଲା ରୁଜୁ କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

### ବିଦ୍ୟୁତ୍ ତା'ର ସଂସ୍ପର୍ଶରେ ଆସି ଯୁବକ ମୃତ

**ବ୍ରହ୍ମପୁର ଅଫିସ,୧୨।୧୦:** ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶୁକ୍ରବାର ପୂର୍ବାହ୍ନରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଖୋଡାସିଙ୍ଗି ଅଞ୍ଚଳର ରଞ୍ଜନ ଦାସ (୨୭) । ରଞ୍ଜନ ଏକ ଟେଣ୍ଟ୍ ହାଉସ ସପ୍ଲାଇ ସେଣ୍ଟରରେ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ଶୁକ୍ରବାର ସକାଳେ ଏକ ଟେଣ୍ଟ ଭିଡିବା ପାଇଁ ଆଙ୍କୁଳି ସୂର୍ଯ୍ୟନଗରକୁ ଯାଇଥିଲେ । ସେଠାରେ ଟେଣ୍ଟ୍ ଭିଡିବା ସମୟରେ ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଯାଇଥିଲେ । ସ୍ଥାନୀୟ ଲୋକେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ସୋରଡ଼ା, ପୁରୁଷୋତ୍ତମପୁରରେ ବିପଦସଙ୍କେତ ଉପରେ ଜଳସ୍ତର

**ବଢୁଛି ରଷିକୁଲ୍ୟା**

■ତିତ୍‌ଲି ପ୍ରଭାବରେ ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା

**ବ୍ରହ୍ମପୁର ଅଫିସ୍,୧୨।୧୦**

ବାତ୍ୟା 'ତିତ୍‌ଲି' ପ୍ରଭାବରେ ବର୍ତ୍ତମାନ ଗଞ୍ଜାମ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ରଷିକୁଲ୍ୟା ସମେତ ଅନ୍ୟ ନଦୀଗୁଡ଼ିକରେ ଜଳସ୍ତର ବଢ଼ିବାରେ ଲାଗିଛି। ଆସିକା, ଭଞ୍ଜନଗର, ପୁରୁଷୋତ୍ତମପୁର, ସୋରଡ଼ା ଆଦି ଅଞ୍ଚଳରେ ବନ୍ୟା ଭୟାବହତା ଦେଖିବାକୁ ମିଳିଛି । ପ୍ରଶାସନ ତରଫରୁ ମଧ୍ୟ ବନ୍ୟା ମୁକାବିଲା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି । ନଦୀ ତଟସ୍ଥ ଅଞ୍ଚଳ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଆଶ୍ରୟସ୍ଥଳୀଗୁଡ଼ିକରେ ଖାଦ୍ୟ ପାନୀୟ ବ୍ୟବସ୍ଥା ହୋଇଛି। ଅନ୍ୟପଟେ ରଷିକୁଲ୍ୟା ନଦୀର ଜଳସ୍ତର ବିପଦ ସଂକେତ ଉପରେ ଥିବା ଯୋଗୁ ଅଞ୍ଚଳରେ ଆତଙ୍କ ଦେଖାଦେଇଛି ।

ବୁଧବାର ଏବଂ ଗୁରୁବାର ପ୍ରବଳ ବର୍ଷା ଯୋଗୁ ଗଞ୍ଜାମ ଜିଲା ଦେଇ ପ୍ରବାହିତ ହେଉଥିବା ରଷିକୁଲ୍ୟା ନଦୀ ଜଳସ୍ତର ବଢ଼ିବାରେ ଲାଗିଛି । ଉପର ମୁଣ୍ଡରେ ବର୍ଷା ଲାଗି ରହିଥିବା ଯୋଗୁ ଜଳସ୍ତର ବିପଦ ସଂକେତ ଟପିଗଲାଣି। ଆରଭିଏନ୍ ବେସିନ୍ ମୁଖ୍ୟଯନ୍ତ୍ରୀ ଓ ଅବବାହିକା ପରିଚାଳକଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ୧୨ଟା ବେଳେ ସୋରଡ଼ାରେ ରଷିକୁଲ୍ୟା ଜଳସ୍ତର ୮୧.୫୫ମିଟର ରହିଥିଲା। ଏଠାରେ ବିପଦ ସଙ୍କେତ ୮୧.୯୯ମିଟର ରହିଛି, ଏଣୁ ଜଳସ୍ତର ବିପଦ ସଂକେତ ନିକଟବର୍ତ୍ତୀ ହୋଇଯାଇଛି। ସେହିଭଳି ପୁରୁଷୋତ୍ତମପୁରଠାରେ ବିପଦ ସଙ୍କେତ ୧୬.୮୪ମିଟର ରହିଥିବା ବେଳେ ମଧ୍ୟାହ୍ନ ୧୨ଟା ସୁଦ୍ଧା ଏଠାରେ ଜଳସ୍ତର ୧୮.୪୦ମିଟର ରହିଥିଲା । ମାଧବରିଡ଼ାରେ ଜଳସ୍ତର ୬୦.୬୫ମିଟର ରହିଥିବା ବେଳେ ଏଠାରେ ଜଳସ୍ତର ୬୧.୧୪ମିଟର ରେକର୍ଡ଼ କରାଯାଇଛି। ହିରାଧରବାଟିରେ ବିପଦ ସଙ୍କେତ ୨୩.୧୬ମିଟର ରହିଥିବା ବେଳେ ଏଠାରେ ଜଳସ୍ତର ୨୫.୪୦ମିଟର ରହିଛି। ସେହିଭଳି ଆସିକାରେ ମଧ୍ୟ ଜଳସ୍ତର ବଢ଼ିଥିବା ଦେଖାଦେଇଛି। ବଡ଼ନଦୀର ଜଳସ୍ତର ୩୭.୩ମିଟର ରହିଥିବା ବେଳେ ରଷିକୁଲ୍ୟାର ଜଳସ୍ତର ୩୬.୦୧ମିଟର ରେକର୍ଡ଼ ହୋଇଛି । ବର୍ଷା ପରିମାଣ କମୁଥିବା ଯୋଗୁ ଜଳସ୍ତର ମଧ୍ୟ କମିବ ବୋଲି ଆଶା କରାଯାଉଛି ।



ପୁରୁଷୋତ୍ତମପୁରରେ ବନ୍ୟା ଯୋଗୁ ଲୋକେ ଘରଛାଡ଼ି ପଳାଇ ଆସୁଛନ୍ତି।

ତିତ୍‌ଲି ପ୍ରଭାବରେ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ଼ କରାଯାଇଛି । ପାଣି ପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସକାଳ ୮ଟାରୁ ଶୁକ୍ରବାର ସକାଳ ୮ଟା ସୁଦ୍ଧା ଗଞ୍ଜାମ ଜିଲାର ସୋରଡ଼ା ବ୍ଲକରେ ସର୍ବାଧିକ ବର୍ଷା ରେକର୍ଡ଼ କରାଯାଇଛି। ଏହି ବ୍ଲକରେ ୨୬୧ମି.ଲି. ମିଟର ବର୍ଷା ହୋଇଛି । ଏହା ପଛକୁ ଧରାକୋଟ ବ୍ଲକରେ ୨୦୯ ମି.ଲି. ମିଟର ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ଜିଲାର ଅନ୍ୟାନ୍ୟ ବ୍ଲକଗୁଡ଼ିକରେ ମଧ୍ୟ ପ୍ରବଳ ବର୍ଷା ହୋଇଛି। ଛତ୍ରପୁର ବ୍ଲକରେ ୧୨.୧ଏମ୍.ଏମ୍. ବର୍ଷା ହୋଇଥିବା ବେଳେ ଗଞ୍ଜାମ ବ୍ଲକରେ ୫୪ଏମ୍.ଏମ୍. ପୁରୁଷୋତ୍ତମପୁର ବ୍ଲକରେ ୭୫.୨ଏମ୍.ଏମ୍, କବିସୂର୍ଯ୍ୟନଗର ବ୍ଲକରେ ୧୮୫.୫ଏମ୍.ଏମ୍, ପୋଲସରା ବ୍ଲକରେ ୧୦୧.୪ଏମ୍.ଏମ୍, କୋଦଳା ବ୍ଲକରେ ୭୪.୪ଏମ୍.ଏମ୍, ଖଲ୍ଲିକୋଟ ବ୍ଲକରେ ୭୬ଏମ୍.ଏମ୍, ହିଞ୍ଜିଳି ବ୍ଲକରେ ୧୩୫ଏମ୍.ଏମ୍, ରଙ୍ଗେଇଲୁଣ୍ଡା ବ୍ଲକରେ ୨୬.୨ଏମ୍.ଏମ୍, କୁକୁଡ଼ାଖଣ୍ଡି ବ୍ଲକରେ ୭୨ଏମ୍.ଏମ୍, ଚିକିଟି ବ୍ଲକରେ ୧୩.୨ଏମ୍.ଏମ୍, ସାନଖେମୁଣ୍ଡି ବ୍ଲକରେ ୯୪ଏମ୍.ଏମ୍, ଦିଗପହଣ୍ଡି ବ୍ଲକରେ ୮ଏମ୍.ଏମ୍, ଭଞ୍ଜନଗର ବ୍ଲକରେ ୧୫୨ଏମ୍.ଏମ୍, ବେଲଗୁଣ୍ଠା ବ୍ଲକରେ ୧୯.୨ଏମ୍.ଏମ୍, ଜଗନ୍ନାଥପ୍ରସାଦ ବ୍ଲକରେ ୧୧୯ଏମ୍.ଏମ୍ ଏବଂ ଶେରଗଡ଼ ବ୍ଲକରେ ୧୩୦ଏମ୍.ଏମ୍. ବର୍ଷା ରେକର୍ଡ଼ କରାଯାଇଛି। ପାତ୍ରପୁର ବ୍ଲକ ଏବଂ ଆସିକା ବ୍ଲକର ବର୍ଷା ରେକର୍ଡ଼ ହୋଇପାରି ନାହିଁ। ବ୍ରହ୍ମପୁର ସହରରେ ୭୯.୨ଏମ୍‌ଏମ୍ ବର୍ଷା ରେକର୍ଡ଼ ହୋଇଥିବା ବେଳେ ଗୋପାଳପୁରରେ ମାତ୍ର ୩୩ଏମ୍‌ଏମ୍ ବର୍ଷା ରେକର୍ଡ଼ ହୋଇଛି ।

# କେବେ ସୁଧୁରିବ ଲୋକଙ୍କ ଦୁର୍ଦ୍ଦଶା

**ପାହାଡି ତଳ ଗାଁ କଥା**

■୨୦ହଜାରରୁ ଊର୍ଦ୍ଧ୍ୱ ପରିବାର ଏବେ ବି ଅଛନ୍ତି ଜଳବନ୍ଦୀ

■ ଟେଣ୍ଡରର ୪ ବର୍ଷ ପରେ ବି ହୋଇପାରିନି ଝୁଲା ପୋଲ

**ଚିତ୍ରକୋଣ୍ଡା,୧୨।୧୦**

ଆନ୍ଧ୍ର ଓଡିଶା ସୀମାନ୍ତ ନକ୍ସଲ ଉପଦ୍ରୁତ ମାଓ ପ୍ରବଣ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବିଚ୍ଛିନ୍ନାଞ୍ଚଳ ପଣସପୁଟ, ଅଣ୍ଡିରାପାଲି, ଯୋଡାମ୍ବ, ଗାଜୁଲୁମାମୁଡି ଓ ଯନ୍ତ୍ରୀ ପଞ୍ଚାୟତର ୧୫୦ ରୁ ଊର୍ଦ୍ଧ୍ୱ ଗାଁର ୨୦ହଜାରରୁ ଊର୍ଦ୍ଧ୍ୱ ଲୋକ ଏବେ ମଧ ଜଳବନ୍ଦୀ ଜୀବନ କାଟୁଛନ୍ତି। ଲାଲଗଡର ଦୁର୍ଗମ ପାହାଡ ଅଞ୍ଚଳରେ କେବଳ ଜଙ୍ଗଲ ଜାତ ଦ୍ରବ୍ୟ ଯଥା–ଶାଳ, ଶିଆଳିପତ୍ର, ଝୁଣା, ହରିଡା, ଅଁଳା, ବାହାଡା, କନ୍ଦା, ସହ ମକା, ବିରି, ଧାନ, କାନ୍ଦୁଲ, ମାଣ୍ଡିଆ, ସୁଆଁ,ଅଳସି, ହଳଦୀ ଓ ଅଦା ଚାଷ କରି ଲୋକେ ଜୀବିକା ନିର୍ବାହ କରୁଛନ୍ତି। ଚିତ୍ରକୋଣ୍ଡା ସ୍ୱିଲୱେ ଲଞ୍ଚଘାଟଠାରୁ ଲଞ୍ଚ କି ବୋଟରେ ଜଳପଥରେ ସେମାନଙ୍କ ଗାଁକୁ ଯିବାକୁ ହେଲେ ପଡେ ୫୦ କିଲୋ ମିଟରରୁ ଊର୍ଦ୍ଧ୍ୱ ଦୂରତା। ଏଥିପାଇଁ ଲାଗେ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ । ରାସ୍ତାଘାଟ ନ ଥିବାରୁ ପାଣି ଭିତରେ ବିତେ ଜୀବନ। ସମସ୍ତ ସରକାରୀ ସୁବିଧା ଏମାନଙ୍କ ପାଖରେ ପହଞ୍ଚିବା ପାଲଟିଯାଏ ସାତ ସପନ। ଏହାର ସୁଯୋଗ ନେଇ ସେମାନଙ୍କ ଜଳବନ୍ଦୀ ଗାଁ ପାଲଟିଯାଏ ମାଓବାଦୀଙ୍କ ଗଡ। ଗୋଟିଏ ପକ୍ଷରେ ଜଳବନ୍ଦୀ ଜୀମବ ଅନ୍ୟପଟେ ଲାଲବାହିନୀ ଭୟରେ ଚଳି ଆସୁଛନ୍ତି ବିଚ୍ଛିନ୍ନାଞ୍ଚଳବାସୀ। ଭାଷାଗତ, ଚାଲିଚଳନ, ସ୍ୱାସ୍ଥ୍ୟଗତ, ଖାଦ୍ୟପେୟ ତଥା ଅନ୍ୟାନ୍ୟ କ୍ଷେତ୍ରରେ ବୀଚ୍ଛିନ୍ନାଞ୍ଚଳବାସୀ ରହିଛନ୍ତି ବହୁ ପଛରେ। ସରକାରୀ ସୁବିଧା ଶିକ୍ଷା , ସ୍ୱାସ୍ଥ୍ୟ, ରାସ୍ତାଘାଟ, ପିଇବା ପାଣି, ବିଦ୍ୟୁତ୍ ସେବା, ଜମିପଟ୍ଟା ପାଇବା ବିଚ୍ଛିନ୍ନାଞ୍ଚଳବାସୀଙ୍କ ପାଇଁ ପାଲଟିଛି ସମସ୍ୟା । ଭିଟାମାଟି,ଜଙ୍ଗଲ ଜାତଦ୍ରବ୍ୟ ଓ ଚାଷକୁ ଲୋଭ କରି ସେମାନେ ଛାଡିପାରନ୍ତି ନାହିଁ ଗାଁ । ଏହା ସତ୍ତ୍ୱେ ସେମାନେ ପୁଷ ପରବ ଓ ଚଇତ ପରବ ପାଳନ କରନ୍ତି।

ସ୍ଥଳ ପଥରେ ଗମନାଗମନ କରିବା ଏମାନଙ୍କ ପାଇଁ ପାଲଟିଛି ସ୍ୱପ୍ନ। ଗୁରୁପ୍ରିୟା ସେତୁ ପରେ କିଛି ମାତ୍ରାରେ ପରିବର୍ତ୍ତନ ହୋଇଛି ସାଭିମାନ ଅଞ୍ଚଳର ଭାଗ୍ୟ। ୨ପଞ୍ଚାୟତ ବଡପଡା, ପାପରମେଟେଲା ଏବେ ବି ବାହ୍ୟଜଗତରୁ ରହିଛି ବିଚ୍ଛିନ୍ନ । ଏହି ୨ ପଞ୍ଚାୟତର ୧୫୦ ରୁ ଊର୍ଦ୍ଧ୍ୱ ଗାଁର ୨୦ହଜାରରୁ ଊର୍ଦ୍ଧ୍ୱ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା। ଯନ୍ତାପାଇଠାରେ ଝୁଲା ପୋଲ ପାଇଁ ଟେଣ୍ଡର ହେବାର ୪ ବର୍ଷ ବିତିଛି, ମାତ୍ର ହୋଇପାରିଲାନି ପୋଲ। ଫଳରେ ୨୫ରୁ ଊର୍ଦ୍ଧ୍ୱ ଗାଁ ଜୁମଡାଙ୍ଗ , ସିଙ୍ଘାବାରାମ, ଚିଣ୍ଟମଚିଲିକା, ଅନିବିରିଡା, ଲିମାଡା, ମଣ୍ଡାପାଲି, କଟାଭରି, କୋଟେଦୁରିବନ୍ଧ, ଭୀମାରାମ, ଯୋଡିଗୁଡା, ବବିଲଗୁଡା, ସାରିଆଗୁଡା, ଡୋଲିଆମ୍ବ, ଚିନ୍ତାଲୋରି, ତେନ୍ତୁଳିଗୁଡା, ପାଲେମ, କୋଟପାଲି, ମୁଟୁଲିଗୁଡା, କଲିଲବନ୍ଧା, ଯାମଯୋଡି, ପାପରମେଟେଲା ଓ ଲାଉଗୁଡା ଲୋକମାନେ ଲାଉତୁମା ନାଳରେ ଦେଶୀ ଡଙ୍ଗାରେ ଯାତାୟାତ କରନ୍ତି। ପାପରମେଟେଲା ଓ ଧୁଳିପୁଟ ପଞ୍ଚାୟତ ବାଦ୍ ୬୦ରୁ ଊର୍ଦ୍ଧ୍ୱ ଗାଁ ନିର୍ଭର କରନ୍ତି ଡଙ୍ଗା ଉପରେ । ସେହିପରି ପାପରମେଟେଲା –ବିଡାନପାଖାନାରୁ ଯୋଡାମ୍ବକୁ ରାସ୍ତା କରାଗଲେ ପଣସପୁଟ, ଅଣ୍ଡିରାପାଲି, ଯୋଡାମ୍ବ, ଗାଜୁଲୁମାମୁଡି ଓ ଯନ୍ତ୍ରୀ ପଞ୍ଚାୟତ ଲୋକେ କିଛି ମାତ୍ରାରେ ଜଳ ବନ୍ଦୀରୁ ମୁକ୍ତି ପାଇ ପାରନ୍ତେ।



ପଟ୍ଟାଙ୍ଗୀ ସଦର ଜଗନ୍ନାଥ ମନ୍ଦିର ନିକଟରେ ନୂତନ ଭାବେ ସିଟି ଫିଟ୍‌ନେସ ପାର୍କର ଶୁଭାରମ୍ଭ ହୋଇଛି ।

### ଟ୍ରେନ୍ ଧକ୍କାରେ ରେନ୍‌ସେଡ୍ ଉଡିଲା

**ବ୍ରହ୍ମପୁର ଅଫିସ୍,୧୨।୧୦**

ବ୍ରହ୍ମପୁର ଷ୍ଟେଶନ୍‌ରେ ଟ୍ରେନ୍‌ଧକ୍କାରେ ୨ ନମ୍ବର ପ୍ଲାଟଫର୍ମର ରେନ୍‌ସେଡ୍ କ୍ଷତିଗ୍ରସ୍ତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ,ସନ୍ଧ୍ୟାରେ ସେନା ବାହିନୀର ଏକ ଟ୍ରେନ୍ ଭୁବନେଶ୍ୱର ପଟରୁ ବିଶାଖାପାଟଣା ଆଡ଼କୁ ଯାଉଥିଲା । ଏହି ଟ୍ରେନ୍‌ରେ ସେନା ବାହିନୀର ଟ୍ରକ୍ ଏବଂ ଅନ୍ୟାନ୍ୟ ଯାନ ସହ ଅସ୍ତ୍ରଶସ୍ତ୍ର ଯାଉଥିଲା । ବ୍ରହ୍ମପୁର ଷ୍ଟେଶନ୍‌ର ଦୁଇ ନମ୍ବର ପ୍ଲାଟଫର୍ମ ଦେଇ ଟ୍ରେନ୍ ଯାଉଥିବା ବେଳେ ପ୍ଲାଟଫର୍ମର ରେନ୍‌ସେଡ୍‌ରେ ବାଜି ଯାଇଥିଲା । ଧକ୍କାରେ ରେନ୍‌ସେଡ୍‌ର ଆଜ୍‌ବେଷ୍ଟସ୍‌ଗୁଡ଼ିକ ଭାଙ୍ଗି ଯାଇ ଟ୍ରାକ୍‌ରେ ପଡ଼ିଥିଲା । ଟ୍ରେନ୍‌ଟିଅଟକିରହିଥିଲା ।



BHUBHANESHWAR: 1st Floor, SCR Plot No.26, Bapuji Nagar, Janapath. Ph: 0674-2597190 / 93370 3866 / 94371 67283
SAMBALPUR: Plot No.2572 (G+1st Floor), Golebazar, Near Pirbaba Chowk & Bhubaneshwari Temple. Ph: 0663-2532121
93370 04051 / 98615 84713 I ANGUL: Beside Hotel Prasanthi, NH-55, Turang. Ph: 605077 / 78539 25775 / 99370 68960
For franchise enquiries contact: 9337038666 / 9437167283

■ ମୁଜାଙ୍ଗ ଗ୍ରାମରେ ପାନୀୟ ଜଳ ସଙ୍କଟ

# ୨ ହଜାର ଲୋକଙ୍କ ପାଇଁ ୨ ନଳକୂଅ

**କୋରାପୁଟ,୧୨।୧୦(ସ୍ୱ.ପ୍ର.)**

ରାଜ୍ୟ ସରକାର ପକ୍ଷରୁ ସବୁ ଗ୍ରାମରେ ପାନୀୟ ଜଳ ସୁବିଧା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ବିଡ଼ମ୍ବନା ଯେ, କୋରାପୁଟ ଜିଲାର ବହୁ ଗ୍ରାମରେ ଏବେମଧ ପାନୀୟ ଜଳ ସଙ୍କଟ ଦେଖାଦେଉଛି। ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତର ସଦର ମହକୁମାରେ ଏହି ସ୍ଥିତି ଏବେ ଉପୁଜିଛି। ଗ୍ରାମର ୨ ହଜାର ଲୋକଙ୍କ ପାଇଁ ମାତ୍ର ୨ଟି ନଳକୂପ ରହିଥିବା ଯୋଗୁଁ ଲୋକେ ପାଣି ପାଇଁ ସବୁବେଳେ ହୀନସ୍ତା ହେଉଛନ୍ତି। ବେଳେବେଳେ ନାଳପାଣି ମଧ ବ୍ୟବହାର କରିବାକୁ ବାଧ ହେଉଛନ୍ତି।

ମୁଜାଙ୍ଗ ପଞ୍ଚାୟତର ସଦର ମହକୁମାରେ ରହନ୍ତି ୫ଶହରୁ ଊର୍ଦ୍ଧ୍ୱ ପରିବାରର ୨ ହଜାରରୁ ଅଧିକ ସଦସ୍ୟ । ଏହି ଗ୍ରାମର ତଳସାହିରେ ୨୫୦ରୁ ଉର୍ଦ୍ଧ ପରିବାର ବାସ କରୁଥିବାବେଳେ ସେମାନଙ୍କ ପାଇଁ ଗୋଟିଏ ମାତ୍ର ନଳକୂପ ରହିଛି। ବର୍ଷର ଦୁଇରୁ ୩ ମାସ ଏହି ନଳକୂପରେ ପାଣି ବାହାରୁ ନଥିବାରୁ ଲୋକେ ଗ୍ରାମ ନିକଟରେ ଥିବା ଏକ ପାହାଡିଆ ନାଳ ପାଣି ବ୍ୟବହାର କରୁଛନ୍ତି। ସେହିପରି ମୁଜାଙ୍ଗ ଗ୍ରାମର ଉପର ସାହିରେ ୩୦୦ରୁ ଊର୍ଦ୍ଧ୍ୱ ପରିବାର ବାସ କରୁଥିଲେ ମଧ ସେମାନଙ୍କ ପାଇଁ ବି ଗ୍ରାମମୁଣ୍ଡରେ ଗୋଟିଏ ନଳକୂପ ରହିଛି। ଏହା ଉପରେ ପାନୀୟ ଜଳ ପାଇଁ ସକାଳୁ ରାତି ପର୍ଯ୍ୟନ୍ତ ଲମ୍ବା ଲାଇନ କରି ପାଣି ନେବାକୁ ହେଉଛି ବୋଲି ସ୍ଥାନୀୟ ଗ୍ରାମବାସୀ ଦୈତାରି ପାଇକ, ବେବୀ ପାଇକ, ସୁରେନ୍ଦ୍ର ମୁଦୁଲି ପ୍ରମୁଖ ଗ୍ରାମବାସୀ କହିଛନ୍ତି। ଏହି ଗ୍ରାମରେ ପାନୀୟ ଜଳ ସଙ୍କଟ ଯୋଗୁଁ ବ୍ଲକ ପ୍ରଶାସନ ପକ୍ଷରୁ ଉପର ସାହିରେ ଦୁଇଟି ଜାଗାରେ ନଳକୂପ ଖୋଳାଯାଇଥିଲେ ମଧ ପାଣି ବାହାରି ନଥିବା ଯୋଗୁଁ ବର୍ତ୍ତମାନ ଲୋକଙ୍କ ମଧରେ ପାନୀୟ ଜଳ ସଙ୍କଟ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଗ୍ରାମରେ କୂଅ ଖୋଳାଯାଉଥିବା ବେଳେ ଏହି ଗ୍ରାମରେ ୩ଟି କୂଅ ଖୋଳାଇବା ପାଇଁ ଗ୍ରାମକୁ ଟଙ୍କା ଆସିଥିବାବେଳେ ବ୍ଲକ ପ୍ରଶାସନ ଓ ପଞ୍ଚାୟତ ଅଧିକାରୀଙ୍କ ଭିତିରି ବୁଝାମଣା ଯୋଗୁଁ କୂଅଖୋଳା ତ ଦୂରେ ଥାଉ ଆସିଥିବା ଅର୍ଥ ହଡପ କରିନେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ଏକ ପାହାଡିଆ ଅଞ୍ଚଳ ହୋଇଥିବାରୁ ବ୍ଲକ ପ୍ରଶାସନ ପାଣି ଟାଙ୍କି ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଏକମାତ୍ର ନଳକୂପରେ ନିର୍ଭର କରୁଛନ୍ତି ଗ୍ରାମବାସୀ ।



# ବଳାତ୍କାର ଅଭିଯୋଗରେ ଜଣେ ଗିରଫ

ମାଲକାନଗିରି,୧୨।୧୦(ଡି.ଏନ.ଏ)– ମାଲକାନଗିରି ସଦର ଥାନା ଅନ୍ତର୍ଗତ ଗଙ୍ଗଲା ଗ୍ରାମର ଜଣେ ଯୁବତୀ(୨୧)ଙ୍କୁ ବଳାତ୍କାର କରାଯାଇଛି। ଏନେଇ ଅଭିଯୋଗକ୍ରମେ ପୋଲିସ ଜଣକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗଙ୍ଗଲା ଗ୍ରାମର ଉରିଆ ଖରା (୨୫) ଗ୍ରାମର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ବିଭିନ୍ନ ସମୟରେ ଶାରୀରିକ ସମ୍ପର୍କ ରଖିଥିଲେ। ସେ ଗର୍ଭବତୀ ହେବା ପରେ ଗର୍ଭପାତ କରାଇଥିଲେ। ମାତ୍ର ପରେ ତାଙ୍କୁ ବିବାହ ନ କରି ପ୍ରତାରଣା କରିଥିଲେ। ଏନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିଲା ବୋଲି ଏସଡିପିଓ ବିବେକ ସାରବଣ ଏମ. ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।




## କୁଡୁମୁଲୁଗୁମ୍ମାରେ ସୁରଭି କାର୍ଯ୍ୟକ୍ରମ

କୁଡୁମୁଲୁଗୁମ୍ମା, ୧୨।୧୦ (ଡି.ଏନ.ଏ.)

କୁଡୁମୁଲୁଗୁମ୍ମାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୧ଟି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଗୋଷ୍ଠୀସାଧନ ସଂଯୋଜକ ଅଞ୍ଜନ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କନିଷ୍ଠ ଓ ବରିଷ୍ଠ ଭିତ୍ତିରେ ବକ୍ତୃତା, ସଙ୍ଗୀତ, ସୃଜନାତ୍ମକ ଲିଖନ,ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅପରାହ୍ନରେ ହୋଇଥିବା ଉଦ୍‌ଯାପନୀ ଉତ୍ସବକୁ ସିଆରସିସି ବଳରାମ ପୂଜାରୀ, ରମେଶ ଚନ୍ଦ୍ର ନେଲୁର ପରିଚାଳନା କରିଥିଲେ। ମୁଖ୍ୟଅତିଥି ରୂପେ ସରପଞ୍ଚ ମହଲା ପାଙ୍ଗି, ମୁଖ୍ୟବକ୍ତା ରୂପେ ବାଳକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ରୂପେ ଉତ୍କଳ ପଣ୍ଡା, ବିଜୟ କୁମାର ସାହୁ, ଏବିଓ ହେମନ୍ତ କୁମାର ନାଏକ, କୃପାସିନ୍ଧୁ ଆମ୍ବାଗୁଡିଆ, ରାମହରି ସାହୁ, ଶିକ୍ଷକ ନେତା ଚନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣୁଛି ସୁରଭି। ତେଣୁ ସବୁ ଛାତ୍ରୀଛାତ୍ର ଏହାର ସୁଯୋଗ ନେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ



ଡାବୁଗାଁ, ୧୨।୧୦ (ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନି କକ୍ଷଠାରେ ଏକ ସତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଅଧକ୍ଷ ବଂଶୀଧର ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକର ସମସ୍ତ ପଞ୍ଚାୟତର ଗ୍ରାମକୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସଂଯୋଗ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏଥିରେ ମୋଟ ୩୯ ଟି ପ୍ରକଳ୍ପର ପ୍ରସ୍ତାବ ଦିଆଯାଇଥିଲା। ଏହି ବୈଠକରେ ନବରଙ୍ଗପୁର ଜିଲାପରିଷଦ ଉପାଧକ୍ଷା ନିବେଦିତା ମହାନ୍ତି, ବିଡିଓ ଗୌରହରି ପାତ୍ର, ବ୍ଲକ ଉପାଧକ୍ଷା ସୁଷମା ବିଶୋଇ, ଜିଲା ପରିଷଦ ସଭ୍ୟା ମାଳତି ମାଝି, ଏମ୍‌ପି ପ୍ରତିନିଧି ଏମ୍.ଆପ୍ପା ରାଓ, ବିଧାୟକ ପ୍ରତିନିଧି ଜି. ସାଇ ରାଜୁ, ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝି, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଭଗବାନ ବେହେରା ଓ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ନିୟମିତ ହେଲେ ୨ସ୍କୁଲର ଚୁକ୍ତିଭିତ୍ତିକ ଶିକ୍ଷକ

ଡାବୁଗାଁ, ୧୨।୧୦ (ଡି.ଏନ୍.ଏ.): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଚିଠି ନଂ ୪୪୭୯/୧୦.୧୦.୧୮ ଅନୁସାରେ ଜିଲାର ବିଭିନ୍ନ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ ୧୨୦ ଜଣ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିୟମିତ କରାଯାଇଛି। ଡାବୁଗାଁ ବ୍ଲକର ବୋରିଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓ ବଡଓଲମା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ୨୦୧୧ ବ୍ୟାଚର ମୋଟ ୮ଜଣ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକ ନିୟମିତ ହୋଇଛନ୍ତି। ୨୦୧୭ ଫେବୃୟାରୀରୁ ଶିକ୍ଷକମାନଙ୍କୁ ନିୟମିତ କରାଯାଇଛି। ନିୟମିତ ହୋଇଥିବା ଶିକ୍ଷକମାନଙ୍କ ମଧରେ ସଙ୍ଗିତା ଦାସ, ଅଞ୍ଜଳୀ ନାୟକ, ରଶ୍ମିରେଖା ସ୍ୱାଇଁ, ଦମୟନ୍ତୀ ସାଇଁ, ମଧୁରାନନ୍ଦ ରାଉତ, ସଂକର୍ଷଣ ନାୟକ, ରଞ୍ଜନ କୁମାର ପରିଡା, ଉମାକାନ୍ତ ବିଶାଳ ପ୍ରମୁଖ ରହିଛନ୍ତି।

■ ବିଷାକ୍ତ ଖାଦ୍ୟ ଖାଇ ଛାତ୍ର ମୃତ୍ୟୁ ଘଟଣା

# ମୁଖ୍ୟ ଶାସନ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିର ନୋଟିସ

ନବରଙ୍ଗପୁର,୧୨।୧୦(ବି.ପ୍ର.)

ଡାବୁଗାଁ ବ୍ଲକ ମେଦନା ପଞ୍ଚାୟତ ମାଳିଗୁଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ହଷ୍ଟେଲରେ ଜାନୁୟାରୀ ୨୦ରେ ବାସିଖାଦ୍ୟ ଖାଇ ଛାତ୍ର ଗୁରୁବନ୍ଧୁ ଭତରାଙ୍କର ମୃତ୍ୟୁ ହେବାସହ ଅନ୍ୟ ୧୪ଜଣ ଗୁରୁତର ହୋଇଥିଲେ। ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ କହିବା ସହ କାରଣ ଦର୍ଶାଅ ନୋଟିସ ଜାରି କରି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ଗୁରୁବନ୍ଧୁଙ୍କ ପରିବାରକୁ ୩ଲକ୍ଷ ସହ ଅସୁସ୍ଥ ୧୪ଜଣ ଛାତ୍ରଙ୍କ ପରିବାରକୁ ୫୦ହଜାର ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ନୋଟିସ ହୋଇଛି।

ଭବାନୀପାଟଣା ବାହାଦୁର ବଗିଚାପଡା ନିବାସୀ ମାନବାଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନଙ୍କର ନିକଟରେ ଉକ୍ତ ସ୍କୁଲରେ ହୋଇଥିବା ଛାତ୍ରମୃତ୍ୟୁ ସମ୍ପର୍କରେ ଅଭିଯୋଗ କରିଥିଲେ। ଏନେଇ ୧୩୨୮/୨୦୧୮ରେ ମାମଲା ରୁଜୁ ହୋଇଥିଲା। ଏ ସମ୍ପର୍କରେ କମିଶନ ରିପୋର୍ଟ ତଲବ କରିଥିଲେ ମଧ ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନ ଏନେଇ କୌଣସି ଉତ୍ତର ଦେଇ ନ ଥିଲା। ଉମରକୋଟ ଏସଡିପିଓଙ୍କ ତଦନ୍ତ ରିପୋର୍ଟକୁ କମିଶନଙ୍କୁ ଦେଇଥିଲେ ନବରଙ୍ଗପୁର ଏସ୍‌ପି। ଗତ ଜାନୁୟାରୀ ୧୯ରେ ହଷ୍ଟେଲରେ ଶିକ୍ଷକମାନେ ଭୋଜି କରିଥିବାବେଳେ ୨୦ତାରିଖ ସକାଳେ ଉକ୍ତ ବାସି ଖାଦ୍ୟକୁ ହଷ୍ଟେଲ ଛାତ୍ରଙ୍କୁ ଦିଆଯାଇଥିଲା। ହଷ୍ଟେଲର ୧୫ଜଣ ଛାତ୍ର ବାନ୍ତି ଓ ଝାଡାରେ ଆକ୍ରାନ୍ତ ହେବାପରେ ସମସ୍ତଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଗୁରୁବନ୍ଧୁଙ୍କ ମୃତ୍ୟୁ ହୋଇଥିଲା। ମୃତ ଛାତ୍ରଙ୍କ ଭିସାର ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇ ଥିବାବେଳେ ତଦନ୍ତ ଜାରି ରହିଥିବା ଦର୍ଶାଯାଇଥିଲା। ଏହାର ଅନୁଧ୍ୟାନ କରି କମିଶନ ଏହି ଘଟଣାର ମାନବାଧିକାର ଉଲ୍ଲଂଘନ କରାଯାଇଥିବା ଦର୍ଶାଇ ମୃତ ଛାତ୍ରଙ୍କ ପରିବାର କୁ ୩ଲକ୍ଷ ଓ ଅସୁସ୍ଥ ୧୪ଜଣ ଛାତ୍ରଙ୍କ ପରିବାରଙ୍କୁ ୫୦ହଜାରଟଙ୍କା ଲେଖାଏ କାହିଁକି କ୍ଷତିପୂରଣ ଦିଆଯିବ ନାହିଁ ବୋଲି ଗତ ୮ ତାରିଖରେ ମୁଖ୍ୟ ଶାସନ ସଚିବଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଆସନ୍ତା ୬ ସପ୍ତାହ ମଧରେ ଏହାର ଜବାବ ଦାଖଲ କରିବାକୁ କୁହାଯାଇଛି ବୋଲି ମାନବାଧିକାର କର୍ମୀ ଦାସ ସୂଚନା ଦେଇଛନ୍ତି।

# ୫ଦଫା ଦାବିରେ ବିଡିଓଙ୍କୁ ସ୍ମାରକପତ୍ର

ଡାବୁଗାଁ, ୧୨।୧୦ (ଡି.ଏନ୍.ଏ.)

ଓଡିଶା କୃଷକ ସଭା ନବରଙ୍ଗପୁର ଜିଲା ସାଙ୍ଗଠନିକ କମିଟି ୫ ଦଫା ଦାବି ନେଇ ଡାବୁଗାଁ ବିଡିଓ ଗୌରହରି ପାତ୍ରଙ୍କୁ ଶୁକ୍ରବାର ଏକ ସ୍ମାରକପତ୍ର ପ୍ରଦାନ କରିଛି। ଡାବୁଗାଁ ସନୁ ମାଝି ଛକରୁ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ସଂଘ ସଦସ୍ୟମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ରାଜ୍ୟପାଳ ଓ ଜିଲପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ଆଇନ୨୦୧୨ ଅନୁଯାୟୀ ଯଥାଶୀଘ୍ର ପାରମ୍ପରିକ ବନବାସୀ (ଅଣଆଦିବାସୀ)ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଜଙ୍ଗଲ ଅଧିକାର ଆଇନ ଅନୁଯାଇ ଯେଉଁ ଆଦିବାସୀମାନଙ୍କୁ ଦଖଲ ଜଙ୍ଗଲ ଜମିର ବ୍ୟକ୍ତିଗତ ଅଧିକାର ବା ପଟ୍ଟା ମିଳିଅଛି ଯଥାଶୀଘ୍ର ଗ୍ରାମସଭା /ପଲ୍ଲିସଭା ଓ ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଦ୍ୱାରା ସେହି ବ୍ୟକ୍ତିମାନଙ୍କୁ ତାଙ୍କ ଦାଖଲ ଜଙ୍ଗଲ ଜମିର ଠିକ ପରିମାଣରେ ବ୍ୟକ୍ତିଗତ ଅଧିକାର ମିଳିଅଛି କି ନାହିଁ ତାହାର ତଦନ୍ତ, ୧୯୯୬ ପେସା ଆଇନ ଏବଂ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ଆଇନ ୨୦୧୨ ନିୟମକୁ ନବରଙ୍ଗପୁର ଜିଲାରେ କଡାକଡି ଲାଗୁ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଓଡିଶା କୃଷକ ସଭା ବ୍ଲକ ସାଙ୍ଗଠନିକ କମିଟିର ବ୍ଲକ ସଭାପତି ଅମର ସୁନା, ସମ୍ପାଦକ ଲିଙ୍ଗରାଜ ଜାନୀ, ଜିଲା ଆବାହକ ରାଜେଶ ଜାନୀ, ଚତୁରସିଂ ହରିଜନ, ବିଚିତ୍ର ହରିଜନ, ଚୁନୁ ଜାନୀ, କେଶବ ସୁନା, ଟିକଚନ୍ଦ ନାୟକ, ନାରାୟଣ ଗୌଡଙ୍କ ସମେତ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।



କୃଷକ ସଙ୍ଗଠନ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ଦିଆଯାଉଛି।

## ମାନସିକ ସ୍ୱାସ୍ଥ୍ୟ ଦିବସରେ ଆଇନ ସଚେତନତା ଶିବିର

ଉମରକୋଟ, ୧୨।୧୦(ଡି.ଏନ୍.ଏ.)

ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଏରିଆ ହସ୍ପିଟାଲରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉମରକୋଟ ତାଲୁକ ଆଇନ ପ୍ରାଧିକରଣର ଅଧକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ଡଃ ଅନିଲ କୁମାର ଦତ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବରିଷ୍ଠ ଦେୱାନି ବିଚାରପତି ସ୍ମୃତିରେଖା ବାରିକ, ପ୍ରଥମ ଶ୍ରେଣୀ ବିଚାରପତି ବିଭୂତି ଭୂଷଣ ନାୟକ, ଶିଶୁ ବିଶେଷଜ୍ଞ ଡଃ ସନ୍ତୋଷ କୁମାର ପଣ୍ଡା, ସ୍ତ୍ରୀ ବିଶେଷଜ୍ଞ ଡଃ ସୁଶାନ୍ତ କୁମାର ରାଉଳ ଯୋଗ ଦେଇଥିଲେ। ସଚେତନ ହୋଇ ରୋଗୀ ଓ ରୋଗର ମୁକାବିଲା କରାଯାଇପାରିବ। କାର୍ଯ୍ୟକ୍ରମ ଉପଲକ୍ଷେ ଡାକ୍ତରଖାନାର ରୋଗୀଙ୍କୁ ଫଳ, ବିସ୍କୁଟ ବଣ୍ଟନ କରାଯାଇଥିଲା।

# ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ଯାତ୍ରା

■ ସମ୍ବର୍ଦ୍ଧିତ ହେଲେ ସ୍ୱାଧୀନତା ସଂଗ୍ରାମୀ



ନବରଙ୍ଗପୁରଠାରେ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ନବରଙ୍ଗପୁର/ପାପଡାହାଣ୍ଡି, ୧୨।୧୦(ବି.ପ୍ର./ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କର ଗାନ୍ଧୀ ଶାନ୍ତି ସଦଭାବନା ଜ୍ୟୋତି ଯାତ୍ରା ଶୁକ୍ରବାର ପୂର୍ବାହ୍ନରେ ଗାନ୍ଧୀଛକଠାରେ ପହଞ୍ଚିଥିଲା। ଜିଲାପାଳ ଡଃ.ଅଜିତ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ସ୍ୱାଧୀନତା ସଂଗ୍ରାମୀ ମହମ୍ମଦବାଜୀ, ସିଡିଏମଓ ସରୋଜ କୁମାର ନାୟକ, ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ମହାକୁଡ, ବିଇଓ ଚନ୍ଦ୍ର ଶେଖର ପାଣିଗ୍ରାହୀ, ଆରଡବ୍ଲ୍ୟୁ ଏସ୍ଏସ୍ ନିର୍ବାହୀଯନ୍ତ୍ରୀ ଇଂ.ମନୋରଞ୍ଜନ ମାଳି, ଅବକାରୀ ଅଧିକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଯାତ୍ରା ସହିତ ଆସିଥିବା ଓଡିଶା ଗାନ୍ଧୀବାଦି ଫୋରମ ସଭାପତି ଡଃ. ରୀନା ରାଉତରାୟ, ଉପସଭାପତି ବିଶ୍ୱଜିତ ସୂର୍ଯ୍ୟବଂଶୀ ଓ ଉପଦେଷ୍ଟା ଗେପାଳ ଓଝା ଉପସ୍ଥିତ ଥିଲେ।ଏହାପରେ ଆରସିଡି ହାଇସ୍କୁଲରେ ଏକସଭା ଅନୁଷ୍ଠିତ ହୋଇଥିଲା। ଜିଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ । ଜିଲାପାଳ ଡଃ.ମିଶ୍ର ଶାନ୍ତି, ଓ ସଦଭାବନା ଜାଗ୍ରତ କରିବାପାଇଁ ଏହି ଯାତ୍ରା ବାହାରିଥିବା ଜିଲାପାଳ କହିଥିଲେ। ଶିକ୍ଷାବିତ ଡଃ.ରାଧାନାଥ ବେହେରା ଓ ପ୍ରାଧାପକ ଡଃ. ବିଜୟ କୁମାର ମିଶ୍ର ବକ୍ତାଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗୋପବନ୍ଧୁ ବିଷୋୟୀ, ଆରସିଡି ହାଇସ୍କୁଲର ପ୍ରଧାନଶିକ୍ଷକ ଅସୀମ କୁମାର ବିଶ୍ୱାସ, ଏକ୍ସବୋର୍ଡ ସ୍କୁଲର ପ୍ରଧାନଶିକ୍ଷୟତ୍ରୀ ସି.ଏଚ.ଉଷାରାଣୀଙ୍କ ସମତେ ବହୁ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହାପରେ ପାପଡାହାଣ୍ଡି ଶହୀଦସ୍ତମ୍ଭ ନିକଟକୁ ଯାଇ ପୁଷ୍ପମାଲ୍ଯ ଅର୍ପଣ କରିଥିଲେ। ଶହୀଦ ସ୍ମୃତି ସଂସଦ ସଭାପତି ସୋମନାଥ ବିଷୋୟୀ ଯୋଗଦେଇ ପାପଡାହାଣ୍ଡି ଗୁଳିକାଣ୍ଡ ଦିବସ ସଂପର୍କରେ ଆଲୋକପାତ କରିଥିଲେ।

## ପାପଡ଼ାହାଣ୍ଡିରେ ଅଦ୍ଭୁତ ଶିଶୁପୁତ୍ର ଜନ୍ମ

ପାପଡାହାଣ୍ଡି, ୧୨।୧୦ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଅଦ୍ଭୁତ ଶିଶୁପୁତ୍ର ଜନ୍ମ ହୋଇଛି। କିନ୍ତୁ ଏହାର ଏହାର କିଛି ସମୟ ପରେ ଉକ୍ତ ଶିଶୁଟିର ମୃତ୍ୟୁ ହୋଇଯାଇଛି। ଶିଶୁଟିର ଗୋଟିଏ ଆଖି ଥିବାବେଳେ ମୁହଁର କେତେକ ଅଙ୍ଗ ବିକଶିତ ହୋଇ ନ ଥିଲା। ମଇଦଲପୁର ପଞ୍ଚାୟତ ଚଲାଣଗୁଡାର ଡମ୍ବରୁ ମାଝି ଓ କମଳାଙ୍କ ଏହା ତୃତରୟ ସନ୍ତାନ ଥିଲା। ସେମାନଙ୍କର ପ୍ରଥମ ସନ୍ତାନର ମଧ ପୂର୍ବରୁ ମୃତ୍ୟୁ ମୃତ୍ୟୁ ହୋଇଯାଇଛି।





CRIMSOUNE CLUB

FASHION WEAR: ODISHA: BHUBANESWAR: BHAWANI MALL: (Ph: 0674-6002132), FORUM MART: (Ph: 0674-2380834), KESHRI MALL: (Ph: 0674-2532877), PAL HEIGHT: (Ph: 0674-6055700), BALAGIR: (Ph: 06652-232801), BHAWANIPATNA: (Ph: 06670-231500), CUTTAK: (Ph: 0671-2418625), JAJPUR ROAD: (Ph: +91 9776525254), TALCHER: (Ph: 0676-0242888), ANGUL: (Ph: +91 9437015719), RAYAGADA: (Ph: +91 9437055033) | SIS: Tulsi Showroom (Kantabanji), Planet Harjeet (Sambalpur), Indira Plaza (Rourkela), Kaluram Durgaprasad Megashop (BARIPADA), SRI DURGA RETAIL PVT LTD, (BERHAMPUR), The Fashion Planet (Dhenkanal), Modi Collection (ANGUL), PLAZA FASHION WORLD (BARIPADA), S.G Fashion (Rajkharlar), Kanak Garment (KEONJHAR), Triveni Royal (JAJPUR ROAD), Fashion House (Semiliguda), Shree Ashoka Fashions Shop (Bhadrak) | JRS FASHION. NEW STORE: Radhagobinda Market Complex Baripada, Odisha (Ph: +91-9861271830) | Sai Garments Plot No- 4763/4764, Khatano-3470/3277, Dhenkanal Mauza, Meena Bazar Dhenkanal, Odisha (Ph: +91-9853130307) | Also available at all leading stores & Reliance Trends | Mail us: mail@crimsouneclub.com

Now available at: www.crimsouneclub.com |

# ବାତ୍ୟା ପରେ ଦୁର୍ଦ୍ଦଶା ବଢ଼ାଇଲା ବନ୍ୟା


ରାୟଗଡଠାରେ ମହେନ୍ଦ୍ରତନୟା ନଦୀରେ ଆସିଥିବା ବନ୍ୟା ।


ପାରଳାଖେମୁଣ୍ଡି ପୁରୁଣାପାଟଣା– ଆନ୍ଧ୍ର ମୁଖ୍ୟରାସ୍ତାର କାମାକ୍ଷୀନଗର ଛକ ରାସ୍ତାରେ ପାଣିର ସୁଅ ।


ରାୟଗଡ ବ୍ଲକ ଅଧୀନ ରାଜପୁର ନଦୀର ପୋଲ ଧସିଯାଇଛି ।


ଜିରାଙ୍ଗ–ପାରଳାଖେମୁଣ୍ଡି ମୁଖ୍ୟରାସ୍ତାର ଜିରାଙ୍ଗ ଗ୍ରାମ ନିକଟ ପୋଲ ଧସିଯାଇ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି ।


ଗୁମ୍ମା ବ୍ଲକ କେସିପୁର ଗ୍ରାମରେ ଗଛ ଉପୁଡ଼ିବା ସହ ଘର ଭାଙ୍ଗିପଡିଛି ।


ଗୁମ୍ମା ବ୍ଲକ ଏଙ୍ଗେରେଡା ଗ୍ରାମର ନିଖୋଜ ବାଳକଙ୍କ ଉଦ୍ଧାର ପାଇଁ ପ୍ରୟାସ ଚାଲିଛି ।


ବାତ୍ୟାରେ ଗୁମ୍ମା ବ୍ଲକର ମୁନିସିଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ କ୍ଷତିଗ୍ରସ୍ତ ହୋଇଛି ।


ପାରଳାଖେମୁଣ୍ଡି ଫାୟାରଷ୍ଟେଶନ ରାସ୍ତା ଦୁଇ ପାର୍ଶ୍ୱରେ ଗଛ ଭାଙ୍ଗି ପଡିରହିଛି ।


ପାରଳାଖେମୁଣ୍ଡି ସହର ନିକଟସ୍ଥ ମହେନ୍ଦ୍ରତନୟା ନଦୀରେ ଆସିଥିବା ବନ୍ୟା ।

## ରିଲିଫ୍ ମିଳିନି ; ତାତିଲେ ଲୋକେ

### ବ୍ଲକ ଅଫିସ୍ ଘେରିଲେ, ବିଧାୟକଙ୍କୁ ଅଟକ ରଖିଲେ

କାଶୀନଗର, ୧୨।୧୦(ଡି.ଏନ.ଏ.)

ତିତ୍‌ଲି ତାଣ୍ଡବରେ କାଶୀନଗର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ମାଟିଘର, ଆଜବେଷ୍ଟସ୍ ଘର ଭାଙ୍ଗିଯିବା ସହ ଛପର ଉଡ଼ିଯାଇଛି। ଦୁଇଦିନ ହେଲା ବିଦ୍ୟୁତ ସରବରାହ ବ୍ୟାହତ ଯୋଗୁ ଜଳଯୋଗାଣ ବନ୍ଦ ରହିଛି । ଫଳରେ ଲୋକେ ପାନୀୟଜଳ ପାଇଁ ହାହାକାର ହେଉଛନ୍ତି। ସେହିପରି ଖାଦ୍ୟ ପାଇଁ ମଧ୍ୟ ଡହଳବିକଳ ହେବାକୁ ପଡୁଛି। କାଶୀନଗର ଏନଏସିରେ ବିପନ୍ନମାଙ୍କୁ ଖାଦ୍ୟ, ପଲିଥିନ, କିରୋସିନ, ମହମବତୀ ବଣ୍ଟାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ରିଲିଫ ଯୋଗାଣରେ ଅବ୍ୟବସ୍ଥା ନେଇ ୧୦, ୧୧, ୧୨, ୧୩ ୱାର୍ଡର ବାସିନ୍ଦା କ୍ଷୁବ୍ଧ ହୋଇ ଶୁକ୍ରବାର ଫରେଷ୍ଟଛକ, ନୂଆ କାଶୀନଗର ବ୍ଲକ ଛକଠାରେ ଗଛଡାଳ ପକାଇ ଓ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପରେ


ବ୍ଲକ କାର୍ଯ୍ୟାଳୟରେ ଲୋକଙ୍କ ସହ ଆଲୋଚନା କରୁଛନ୍ତି ଉପଜିଲାପାଳ ଏବଂ ବିଡିଓ ।

ସେମାନେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଖବର ପାଇ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ପହଞ୍ଚି ବିଡିଓ ସୁଧୀର କୁମାର ସିଂ, ବ୍ଲକ ଅଧ୍ୟକ୍ଷ ଚିତ୍ରି ସିମାଦ୍ରୀ, କଂଗ୍ରେସ ନେତା ତିରୁପତି ପାଣିଗ୍ରାହୀଙ୍କ ଉପସ୍ଥିତିରେ ଲୋକମାନଙ୍କୁ ବୁଝାଶୁଝା କରିବା ସହ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଫରେଷ୍ଟଛକଠାରେ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟାରାଓ ଏବଂ ପୂର୍ବତନ ବିଧାୟକ କେ. ନାରାୟଣ ରାଓଙ୍କୁ ଲୋକେ କିଛି ସମୟ ଅଟକ ରଖିଥିଲେ। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ସେମାନେ ଛାଡିଥିଲେ।

## ଅଧିକାଂଶ ଗ୍ରାମ ଜଳବନ୍ଦୀ, ଲୋକେ ବାସହରା

ରାୟଗଡ଼(ଗଜପତି), ୧୨।୧୦(ଡି.ଏନ.ଏ)

ତିତଲିର କରାଳ ରୂପ ଦେଖିବାକୁ ମିଳିଛି ରାୟଗଡ ବ୍ଲକରେ। ବିଭିନ୍ନ ସ୍ଥାନରେ ଲୋକଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଛଣ, ଟିଣ ଉଡିଯିବା ସହ ଘରର କାନ୍ଥଗୁଡିକ ଲଗାଣ ବର୍ଷାରେ ଭାଙ୍ଗିପଡ଼ିଛି। ମୁଖ୍ୟ ରାସ୍ତା ପାର୍ଶ୍ୱସ୍ଥ ଦୋକାନଗୃହ ଗୁଡ଼ିକର ଛପର ଉଡ଼ିଯାଇ ଜିନିଷପତ୍ର ଭିଜି ନଷ୍ଟ ହୋଇଯାଇଛି । ମହେନ୍ଦ୍ରତନୟା ନଦୀ ଉପରେ ପ୍ରାୟ ୧୦ଫୁଟ ଉଚ୍ଚର ପାଣି ଚାଲୁଥିବାରୁ ମୋହନା– ପାରଳାଖେମୁଣ୍ଡି ରାସ୍ତା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ରାୟଗଡ ସଦରସ୍ଥ ହାଟପଦାଠାରେ ବିଦ୍ୟୁତ୍ ଖୁଣ୍ଟ ପଡିଯାଇଥିବା ବେଳେ ୩୩ କେ.ଭି. ବିଦ୍ୟୁତ୍ ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ଦୁଇ ଦିନ ହେବ ବନ୍ଦ ରହିଛି । ମୋବାଇଲ ସେବା ମଧ୍ୟ ଠପ୍ ହୋଇଯାଇଛି । ଆନ୍ଧ୍ର ସୀମାନ୍ତବର୍ତ୍ତୀ ଗଙ୍ଗାବାଡ଼ ପଞ୍ଚାୟତର ଶଗଡିଆ ଓ ବାରଘର ଗ୍ରାମରେ ଝଡ଼ବର୍ଷାରେ ଘରଦ୍ୱାର ଭାଙ୍ଗିଯାଇଥିବା ଲୋକମାନଙ୍କୁ ଗଙ୍ଗାବାଡ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଥଇଥାନ କରାଯାଇଛି। କଇଁପୁର ଓ ଲକ୍ଷ୍ମୀପୁର ଗ୍ରାମପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ଲୋକଙ୍କୁ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ରଖାଯାଇଛି। ଉକ୍ତ ଗ୍ରାମକୁ ବିଡିଓ ରାତ୍ରିରେ ଯାଇ ସେମାନଙ୍କ ରହିବା ଖାଇବା ସହ କିପରି ସେମାନେ ନିର୍ଭୟରେ ରହିବେ ସେନେଇ ସେମାନଙ୍କ ସହ ଆଲୋଚନା କରି ଫେରିଛନ୍ତି । ସାନତୁଣ୍ଡି ପଞ୍ଚାୟତର ହିରାପୁର ଓ କଇଁପଦର ଗ୍ରାମର ପ୍ରାୟ ୭୦୦ ଲୋକ ନଦୀପାଣି ଘରରେ ଥିବାବେଳେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ହୀରାପୁରସ୍ଥିତ ବାଳିକା ସେବାଶ୍ରମ ଗ୍ରାମବାସୀ ରହିଥିବା ବେଳେ କଇପଦର ଗ୍ରାମବାସୀ ସ୍ଥାନୀୟ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟଠାରେ ଆଶ୍ରୟ ନେଇଛନ୍ତି। ସେଠାରେ ଲୋକେ ଭୋକ ଉପାସରେ ରହିଥିବା ବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାୟଗଡଠାରୁ କଇଁପଦର ଯାଏଁ ରାସ୍ତାରେ ବଡ଼ ବଡ଼ ଗଛ ପଡିରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି । ପଦ୍ମପୁର ଗ୍ରାମରେ ବହୁ ଘର ଭୁଶୁଡି ପଡିଥିବା ବେଳେ କେନାଲ ପାଣି ଲୋକଙ୍କ ଘର ଭିତରେ ପଶି ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଛି । ଗଣ୍ଡାହାତୀ ପଞ୍ଚାୟତର ଗଣ୍ଡାହାତୀ, ସିଙ୍ଗିପୁର ସମେତ ବିଭିନ୍ନ ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ଲୋକଙ୍କ ପାଖରେ ବ୍ଲକ ପ୍ରଶାସନ ପହଞ୍ଚି ନ ଥିବା ଭାଜପା ମଣ୍ଡଳ ସଭାପତି ଗଣେଶ ବିଶୋୟୀ ଅଭିଯୋଗ କରିଛନ୍ତି। ଲୋକଙ୍କ ଅସୁବିଧା ସମୟରେ ଅଞ୍ଚଳବାସୀ ବ୍ଲକ ପ୍ରଶାସନର ସାହାଯ୍ୟ ଲୋଡିଥିଲେ ମଧ୍ୟ ସେମାନଙ୍କୁ ସହାୟତା ମିଳି ନ ଥିବା ଲୋକନାଥ ଚୌଧୁରୀ, ମୁରଲୀ ଚୌଧୁରୀ, କୈଳାସ ଚୌଧୁରୀ, ଅଜିତ୍ ସାହୁକାରଙ୍କ ସମେତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତାରେ ପଡିଥିା ଗଛଗୁଡ଼ିକୁ ଅଗ୍ନିଶମ କର୍ମଚାରୀ ଏବଂ ଏନଡିଆଏଫ ଟିମ୍ କାଟି ହଟାଉଥିବା ଜଣାପଡିଛି। ପ୍ରକାଶ ଯେ, ତିତ୍‌ଲି ମୁକାବିଲା ପାଇଁ ସରକାର ଗଣମାଧ୍ୟମରେ ବାରମ୍ବାର ସୂଚନା ଦେବା ସହ ବିଭାଗୀୟ କର୍ମଚାରୀମାନଙ୍କ ଛୁଟି ବାତିଲ କରି ତିତ୍‌ଲି ମୁକାବିଲା ପାଇଁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ରାୟଗଡ଼ ବ୍ଲକରେ ପ୍ରଶାସନ ସ୍ଥାଣୁ ପାଲଟି ଯାଇଥିବା ଅଭିଯୋଗ ହୋଇଛି। ବ୍ଲକ କାର୍ଯ୍ୟାଳୟଠାରେ ବଡିଓ, ମୁଖ୍ୟ କିରାଣି ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କୌଣସି ଅଧିକାରୀ କି କର୍ମଚରୀଙ୍କ ଦେଖା ମିଳି ନଥିଲା। ବିଡିଓଙ୍କ ବ୍ୟତୀତ କୌଣସି ପଞ୍ଚାୟତରେ ସରକାରୀ ଅଧିକାରୀ ଉପସ୍ଥିତ ନ ଥିବା ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏ ନେଇ ବିଡିଓ ନୃସିଂହ ଚରଣ ସେଠୀଙ୍କୁ ପଚାରିବାରେ କହିଥିଲେ ଯେ, ସମସ୍ତ କର୍ମଚାରୀ ଓ ଅଫିସରଙ୍କୁ ବ୍ଲକ୍ କାର୍ଯ୍ୟାଳୟରେ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସେମାନଙ୍କର ଦେଖା ମିଳୁନାହିଁ। ତେବେ ସେମାନଙ୍କୁ କୈଫିୟତ ତଲବ କରାଯିବ ବୋଲି ପ୍ରକାଶ କରିଥିଲେ।

